
# ଧରିତ୍ରୀ
DHARITRI
ଧରିତ୍ରୀ 52 Years

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୪/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, December 4/2025 | Page 14 | ₹ 7.00 | DHENKANAL

୫୨ଶ ଭାଗ ୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 11 | ମୂଲ୍ୟ ₹୭/-


ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଚାଲିଥିବା ଦିନିକିଆ ସିରିଜ୍‌ରେ ଲଗାତର ଦୁଇ ମ୍ୟାଚ୍‌ରେ ୨ ଶତକ ହାସଲ ପରେ ବିରାଟ କୋହଲି।

# ପଛଘୁଞ୍ଚା ଦେଲେ ସରକାର

## 'ସଞ୍ଚାର ସାଥୀ' ଆପ୍ ଇନ୍‌ଷ୍ଟଲ ନିର୍ଦ୍ଦେଶନାମାକୁ ରଦ୍ଦ କଲା କେନ୍ଦ୍ର

**ସମସ୍ତ ସ୍ମାର୍ଟଫୋନ୍ ତିଆରି ବେଳେ ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗ ପକ୍ଷରୁ ବିକଶିତ 'ସଞ୍ଚାର ସାଥୀ' ଆପ୍‌କୁ ବାଧ୍ୟତାମୂଳକ ଭାବେ ଇନ୍‌ଷ୍ଟଲ୍ କରିବା ପାଇଁ ଆପଲ୍, ସାମ୍‌ସଙ୍ଗ, ସାଓମି ଆଦି ସମସ୍ତ ନିର୍ମାତାଙ୍କୁ କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ସରକାର ଗତ ନଭେମ୍ବର ୨୮ରେ ଦେଇଥିବା ନିର୍ଦ୍ଦେଶନାମାକୁ ବୁଧବାର ରଦ୍ଦ କରିଦେଇଛନ୍ତି। ଏହି ଆପ୍ ଦ୍ୱାରା ବ୍ୟବହାରକାରୀଙ୍କ ପ୍ରିଭେସି ପ୍ରଘଟ ହେବା ଏବଂ ସେମାନଙ୍କ ଉପରେ ସମ୍ଭାବ୍ୟ ସରକାରୀ ସର୍ଭେଲାନ୍ସ ରଖାଯିବା ନେଇ ବିଭିନ୍ନ ବିରୋଧୀ ଦଳ, ଡିଜିଟାଲ ଅଧିକାର ସଂଗଠନ ଏବଂ ସାଧାରଣ ଲୋକେ ଚିନ୍ତା ପ୍ରକଟ କରିବା ସହ ଜୋରଦାର ବିରୋଧ କରିଥିଲେ। ଗ୍ରାହକଙ୍କ ପ୍ରିଭେସି ଗୁରୁତ୍ୱପୂର୍ଣ୍ଣ ମନେକରି ଅଗ୍ରଣୀ ସ୍ମାର୍ଟଫୋନ୍ ନିର୍ମାତା ଆପଲ୍ ବିରୋଧ କରିବା ସହ ସରକାରଙ୍କ ନିର୍ଦ୍ଦେଶକୁ ମାନିବ ନାହିଁ ବୋଲି କହିଥିଲା। ଅନ୍ୟ ସ୍ମାର୍ଟଫୋନ ନିର୍ମାତାମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ବିଭିନ୍ନ ମହଲରେ ଏଭଳି ଦୃଢ଼ ବିରୋଧ ପରେ ମୋଦି ସରକାର ପଛଘୁଞ୍ଚା ଦେଇଛନ୍ତି।**




**ନୂଆଦିଲ୍ଲୀ,୩।୧୨**

ଭାରତରେ ବିକ୍ରି ପୂର୍ବରୁ ସମସ୍ତ ମୋବାଇଲ୍ ଫୋନ୍‌ରେ ସଞ୍ଚାର ସାଥୀ ଆପ୍ ୯୦ ଦିନ ମଧ୍ୟରେ ବାଧ୍ୟତାମୂଳକ ସଂଯୋଗ ପାଇଁ କେନ୍ଦ୍ର ସରକାର ସ୍ମାର୍ଟଫୋନ୍ କମ୍ପାନୀଗୁଡ଼ିକୁ ଦେଇଥିବା ନିର୍ଦ୍ଦେଶକୁ ବୁଧବାର ରଦ୍ଦ କରିଦେଇଛନ୍ତି। ମୋବାଇଲ୍ ଫୋନ୍ କମ୍ପାନୀଗୁଡ଼ିକୁ ନୂଆ ସ୍ମାର୍ଟଫୋନ୍‌ରେ ସରକାରଙ୍କ ଦ୍ୱାରା ବିକଶିତ ସାଇବର ସୁରକ୍ଷା ଆପ୍ଲିକେଶନ ସଞ୍ଚାର ସାଥୀ ଆପ୍ ଇନ୍‌ଷ୍ଟଲ କରିବାକୁ କେନ୍ଦ୍ର ସରକାର ନଭେମ୍ବର ୨୮ରେ କହିଥିଲେ। ଉକ୍ତ ଆପ୍ ୟୁଜରମାନଙ୍କ ପ୍ରିଭେସିର ଉଲ୍ଲଂଘନ କରିବ ଏବଂ ସେମାନଙ୍କ କଥାବାର୍ତ୍ତା ଓ ବାର୍ତ୍ତା ଉପରେ ସରକାରଙ୍କ ନଜର ରହିବ ବୋଲି ବିରୋଧୀ ଅଭିଯୋଗ ଆଣିଥିଲେ। ସଞ୍ଚାର ସାଥୀ ସଂଯୋଗ ନିର୍ଦ୍ଦେଶକୁ ଆପଲ୍ ଅନୁପାଳନ କରିବ ନାହିଁ ବୋଲି କହିବା ସହ ଭାରତ ସରକାରଙ୍କୁ ନିଜର ଉଦ୍‌ବେଗ ଜଣାଇବ ବୋଲି କହିଥିଲା। ୟୁଜରମାନଙ୍କ ପ୍ରିଭେସି ସହ ସାଲିସ କରାଯାଇପାରିବ ନାହିଁ ବୋଲି ଏହି ସ୍ମାର୍ଟଫୋନ୍ ନିର୍ମାତା ସ୍ପଷ୍ଟ କରିଦେଇଥିଲା। ବିଶ୍ୱର କୌଣସି ଜାଗାରେ ଏଭଳି ନିର୍ଦ୍ଦେଶନାମା ନାହିଁ। ସେମାନେ କମ୍ପାନୀର ଆଇଓଏସ୍ ବ୍ୟବସ୍ଥା ପାଇଁ ଅନେକ ପ୍ରିଭେସି ଓ ସୁରକ୍ଷା ପ୍ରସଙ୍ଗ ଉଠାଇଛନ୍ତି। ବିଗ୍ ବ୍ରଦର ଆମ ଉପରେ ନଜର ରଖିପାରିବ ନାହିଁ। ସୁରକ୍ଷାଗତ ସମସ୍ୟା କାରଣରୁ ଆପଲ୍ ଉକ୍ତ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିପାରିବ ନାହିଁ ବୋଲି କହିଥିଲା। ବିବାଦ ବଢ଼ିବା ପରେ ସରକାର ଜାରି କରିଥିବା ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେଇଛନ୍ତି।

ସଞ୍ଚାର ସାଥୀ ଆପ୍ କେବଳ ଚୋରି ଫୋନ୍‌କୁ ଠାବ କରିବାରେ ସହାୟକ ହେବା ସହ ଏହାର ଅପବ୍ୟବହାର ରୋକିବ ବୋଲି ସରକାର କହିଥିଲେ। ଆପ୍ ଷ୍ଟୋରରେ ଉପଲବ୍ଧ ଏହି ସାଇବର ସୁରକ୍ଷା ଆପ୍‌କୁ ସ୍ୱେଚ୍ଛାକୃତ ଭାବେ ଯେକେହି ଡାଉନଲୋଡ କରିପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ମୋବାଇଲ୍ ଫୋନ୍ ନିର୍ମାତାଙ୍କ ଦ୍ୱାରା ଉକ୍ତ ଆପ୍ ଇନ୍‌ଷ୍ଟଲ କରିବାକୁ ବାଧ୍ୟତାମୂଳକ ନ କରିବାକୁ ସରକାର ନିଷ୍ପତ୍ତି ନେଇଥିବା ଯୋଗାଯୋଗ ମନ୍ତ୍ରଣାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ବିପକ୍ଷ ଦଳ ଏବଂ ପ୍ରିଭେସି ସପକ୍ଷବାଦୀମାନଙ୍କ ବିରୋଧ ଯୋଗୁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଆପଲ୍ ଏବଂ ସାମ୍‌ସଙ୍ଗ ଆଦି ସ୍ମାର୍ଟଫୋନ୍ ନିର୍ମାତାମାନେ ମଧ୍ୟ ସରକାରଙ୍କ ନିର୍ଦ୍ଦେଶନାମାକୁ ବିରୋଧ କରିଥିଲେ।

ସଞ୍ଚାର ସାଥୀ ଆପ୍ ନାଗରିକଙ୍କ ପ୍ରିଭେସି ଅଧିକାରର ଉଲ୍ଲଂଘନ କରିବ ବୋଲି ପାର୍ଲାମେଣ୍ଟରେ ବିରୋଧୀ ଚିନ୍ତା ପ୍ରକଟ କରିଥିଲେ। ଭାଜପା ନେତୃତ୍ୱାଧୀନ ସରକାର ନିର୍ଲଜ ଭାବରେ ନାଗରିକମାନଙ୍କ ଉପରେ ଗୁପ୍ତଚରଗିରି କରୁଛନ୍ତି ଏବଂ ଧରାପଡ଼ିଲେ ବିଭ୍ରାନ୍ତିକର ସ୍ପଷ୍ଟୀକରଣ ☞ପୃଷ୍ଠା-୪

## ଗୁଳି ବିନିମୟରେ ୩ ଯବାନ ଶହୀଦ, ୧୨ ମାଓବାଦୀ ନିହତ

**ମାଲକାନଗିରି,୩।୧୨**
**(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାର ଗଙ୍ଗାଲୁର ଥାନା ନିକଟ ଜଙ୍ଗଲରେ ବୁଧବାର ସକାଳେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ବଡ଼ ଧରଣର ଗୁଳି ବିନିମୟ ଘଟିଛି। ପୋଲିସ ଏନ୍‌କାଷ୍ଟରରେ ବର୍ତ୍ତମାନ ସୁଦ୍ଧା ୧୨ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ତେବେ ମାଓବାଦୀଙ୍କ ଗୁଳିରେ ୩ ଯବାନ ଶହୀଦ ହୋଇଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ସସୀମରୁ ଅସୀମ**

# ୧ ଡଲାରର ମୂଲ୍ୟ ୯୦.୧୫ ଟଙ୍କା



**ସର୍ବକାଳୀନ ନିମ୍ନସ୍ତର**

**ଭାରତୀୟ ଟଙ୍କା ଆମେରିକୀୟ ଡଲାର ତୁଳନାରେ ଦୁର୍ବଳ ହେବାର ଧାରା ଜାରି ରହି ବୁଧବାର ପ୍ରଥମ ଥର ପାଇଁ ୯୦ ସ୍ତରକୁ ପାର କରିଛି। ଅର୍ଥାତ୍ ଦିନର କାରବାର ଶେଷ ହେବାବେଳକୁ ୧ ଡଲାର ମୂଲ୍ୟ ୯୦ ଟଙ୍କା ୧୫ ପଇସା ହୋଇଛି, ଯାହାକି ସର୍ବକାଳୀନ ନିମ୍ନ ସ୍ତର। ମଙ୍ଗଳବାର ଟଙ୍କା ମୂଲ୍ୟରେ ୪୨ ପଇସା ହ୍ରାସ ପାଇ ୧ ଡଲାରର ମୂଲ୍ୟ ୮୯ ଟଙ୍କା ୯୫ ପଇସା ହୋଇଥିଲା। ବୁଧବାର ଟଙ୍କାର ମୂଲ୍ୟ ୮୯.୯୬ରୁ ଆରମ୍ଭ ହୋଇଥିଲା ଏବଂ ଦିନର କାରବାର ସମୟରେ ତାହା ୯୦.୩୦ ଟଙ୍କାକୁ ଖସିଆସିଥିଲା। ଏହି ମୂଲ୍ୟ ହ୍ରାସ ପଛରେ ଅନେକ କାରଣ ରହିଥିବା ବଜାର ବିଶେଷଜ୍ଞମାନେ କହୁଛନ୍ତି, ଯେପରିକି ବିଦେଶୀ ପାଣ୍ଠିର କ୍ରମାଗତ ବହିର୍ଗମନ, ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଏବଂ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିକୁ ନେଇ ଅନିଶ୍ଚିତତା। ଏଭଳିସ୍ଥଳେ କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଭି. ଅନନ୍ତ ନାଗେଶ୍ୱରନ କହିଛନ୍ତି, ସରକାର ଟଙ୍କାର ଅବମୂଲ୍ୟାୟନକୁ ନେଇ ଚିନ୍ତିତ ନୁହନ୍ତି। ଏଭଳି ମୂଲ୍ୟ ହ୍ରାସର ମୁଦ୍ରାସ୍ଫୀତି କିମ୍ବା ରପ୍ତାନି ଉପରେ କୌଣସି ନକାରାତ୍ମକ ପ୍ରଭାବ ପଡ଼ିନାହିଁ। ଅନ୍ୟପକ୍ଷରେ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକ୍‌ରେ କହିଛନ୍ତି, ଭାଜପାର 'ଅଚ୍ଛେ ଦିନ୍' ଭାରତୀୟଙ୍କ ପାଇଁ ନୁହେଁ, ଅନ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ।**

**ମୁମ୍ବାଇ,୩।୧୨(ପି.ଟି.)**

ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ମାନଙ୍କ ଦ୍ୱାରା କ୍ରମାଗତ ଇକ୍ୱିଟି ବିକ୍ରୟ ଟଙ୍କା ମୂଲ୍ୟ ହ୍ରାସର ଏକ ପ୍ରମୁଖ କାରଣ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି। ସେହିପରି ଆମେରିକା ସହିତ ବାଣିଜ୍ୟ ଚୁକ୍ତି ସମାପ୍ତ ହେବାରେ ବିଳମ୍ବ ଟଙ୍କା ପ୍ରତି ବଜାରର ମନୋଭାବକୁ ନକାରାତ୍ମକ ଭାବରେ ପ୍ରଭାବିତ କରିଛି। କେତେଜଣ ବିଶ୍ଳେଷକଙ୍କ ମତରେ ଟଙ୍କାକୁ ସମର୍ଥନ କରିବା ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ମଧ୍ୟସ୍ଥତା ଗୁରୁତ୍ୱପୂର୍ଣ୍ଣ, ସେଥିରେ ଅଭାବ ରହିଥିବା କାରଣରୁ ମଧ୍ୟ ଏହି ମୂଲ୍ୟହ୍ରାସ ବଢ଼ିଯାଇଛି। ବୈଶ୍ୱିକ କାରଣକୁ ଦେଖିଲେ, ☞ପୃଷ୍ଠା-୪

# ବିଧାନସଭାରେ '୬୯' ଝଡ଼

**ଭୁବନେଶ୍ୱର,୩।୧୨**
**(ରବିନାରାୟଣ ଜେନା)**

ରାଜ୍ୟରେ କୃଷକମାନଙ୍କୁ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ମନ୍ତ୍ରୀମାନେ ବିଭିନ୍ନ କାର୍ଯ୍ୟକ୍ରମରେ କହୁଛନ୍ତି। ଯଦି ବାସ୍ତବରେ ସରକାର ଏହି ସହାୟତା କୃଷକଙ୍କୁ ଦେଉଛନ୍ତି ତେବେ ଚଳିତବର୍ଷ ଚାଷୀଙ୍କଠାରୁ କେତେଟଙ୍କାରେ ଧାନ ସଂଗ୍ରହ କରିବେ, ତାହା ସ୍ପଷ୍ଟ କରନ୍ତୁ। ଇତିମଧ୍ୟରେ କେନ୍ଦ୍ର ସରକାର କୁଇଣ୍ଟାଲ ପିଛା ଧାନର ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)ଯେଉଁ ୬୯ ଟଙ୍କା ବୃଦ୍ଧି କରିଛନ୍ତି(୨୩୦୦ରୁ ୨୩୬୯ ଟଙ୍କା), ତାହାସହ ୮୦୦ ଟଙ୍କା ମିଶିବ କି ନାହିଁ ତାହା ବିଭାଗୀୟ ମନ୍ତ୍ରୀ ଗୃହରେ ସ୍ପଷ୍ଟ କରନ୍ତୁ। ବାସ୍ତବରେ ରାଜ୍ୟ ସରକାର କଥା ଦେଇ କେତେକଥା ରଖିଛନ୍ତି ତାହା ଚାଷୀଭାଇମାନେ ଜାଣିବା ଆବଶ୍ୟକ। କେନ୍ଦ୍ରର ୬୯ ଟଙ୍କାକୁ ରାଜ୍ୟ ସରକାର ହାଇଜାକ୍ କରିଛନ୍ତି ନା ନାହିଁ, ତାହା ଜଣାପଡ଼ିବ ବୋଲି କହି ବିରୋଧୀ ବିଜେଡି ଓ କଂଗ୍ରେସ ବିଧାନସଭାରେ ମୁଲତବି ଆଲୋଚନା କାଳରେ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି।

ଏହାର ଜବାବ ରଖି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ରାଜ୍ୟ ସରକାର ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାକୁ ଘୋଷଣା କରିଥିଲେ। ସେଥିରେ କୌଣସି ଦ୍ୱିମତ ନାହିଁ। ପୂର୍ବ ସରକାର ୧୦୦ ଟଙ୍କା ବୋନସ୍ ଦେବାକୁ ଘୋଷଣାକରି ଦେଇପାରି ନ ଥିବାବେଳେ ଭାଜପା ସରକାର ୮୦୦ ଟଙ୍କାର ସବ୍‌ସିଡି ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ବାଚସ୍ପତି ସୁରମା ପାଢ଼ୀ ଉଭୟ ବିରୋଧୀ ଓ ଶାସକ ଦଳର ଆଲୋଚନା ଶୁଣିବା ପରେ ମୁଲତବି ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶକରି ବିରୋଧୀ ବିଜେଡି ଓ କଂଗ୍ରେସ କକ୍ଷତ୍ୟାଗ ☞ପୃଷ୍ଠା-୪

## ମାଧୁରୀଙ୍କ ପାଇଁ ୧.୬୦ କୋଟି

**ଭୁବନେଶ୍ୱର,୩।୧୨ (ରବିନାରାୟଣ ଜେନା)**



ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍ ନେନେଙ୍କୁ ୨୦୨୫ରେ ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ପାଇଁ ମାଧୁରୀଙ୍କୁ ରାଜ୍ୟ ରାଜକୋଷରୁ ୧ କୋଟି ୬୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଗୃହକୁ ଜଣାଇଛନ୍ତି। ବିଜେଡି ସଦସ୍ୟ ଅରୁଣ କୁମାର ସାହୁଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି, ମାଧୁରୀଙ୍କ ଯିବାଆସିବା ଲାଗି ଫ୍ଲାଇଟ୍ ଟିକେଟ, ରହଣି ଏବଂ ଖାଇବାପିଇବା ବ୍ୟବସ୍ଥା କରାଯାଇଛି। ଓଡ଼ିଶା ହସ୍ତତନ୍ତର ଚାହିଦାକୁ ଅନ୍ତର୍ଜାତୀୟ ବଜାରରେ ବ୍ୟାପକ କରିବା ପାଇଁ ବିଶ୍ୱସ୍ତରରେ ଖ୍ୟାତିସମ୍ପନ୍ନ ବଲିଉଡ୍ ☞ପୃଷ୍ଠା-୪

## ଫେବୃଆରୀ ୧୮ରୁ ଯୁକ୍ତ୨ ପରୀକ୍ଷା

**▪ ପ୍ରାକ୍ଟିକାଲ ପରୀକ୍ଷାର ହେବ ଲାଇଭ୍ ଷ୍ଟ୍ରିମିଂ**
**▪ ପରୀକ୍ଷା ସରିବାର ୪୦ ଦିନରେ ରେଜଲ୍ଟ**

**ଭୁବନେଶ୍ୱର,୩।୧୨**
**(ସୁଚିସ୍ମିତା ସାହୁ)**

ଚଳିତ ଶିକ୍ଷାବର୍ଷ ପାଇଁ ଯୁକ୍ତ୨ ପରୀକ୍ଷା ସୂଚୀ ବୁଧବାର ଘୋଷଣା କରାଯାଇଛି। ଫେବୃଆରୀ ୧୮ରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨୧ ପର୍ଯ୍ୟନ୍ତ ଚାଲିବ। ତେବେ ଏହା ପୂର୍ବରୁ ଅର୍ଥାତ୍ ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ବୁଧବାର ସୂଚନା ଦେଇଛନ୍ତି। ସେହିପରି ଡିସେମ୍ବର ୨୨ରୁ ୩୧ ତାରିଖ ଯାଏ ଇଣ୍ଟରନାଲ ପରୀକ୍ଷା ହେବ। ଯେଉଁମାନେ ଏହି ସମୟରେ ପରୀକ୍ଷା ଦେଇପାରିବେ ନାହିଁ, ସେମାନେ ଜାନୁଆରୀ ୧୦ରୁ ୧୫ ତାରିଖ ମଧ୍ୟରେ ଇଣ୍ଟରନାଲ ପରୀକ୍ଷା ଦେବେ। ଚଳିତବର୍ଷ ସାରା ରାଜ୍ୟରେ ମୋଟ ୧୩୫୦ଟି ପରୀକ୍ଷା କେନ୍ଦ୍ର କରାଯାଇଛି। କପି ରୋକିବା ଓ ସ୍ୱଚ୍ଛତାର ସହ ପରୀକ୍ଷା କରିବା ପାଇଁ ସିଏଚ୍‌ଏସ୍‌ଇ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସୁପରିଚାଳନା ଓ ସ୍ୱଚ୍ଛତା ପାଇଁ ସିସିଟିଭି କ୍ୟାମେରା, ☞ପୃଷ୍ଠା-୪




## ଦିଲ୍ଲୀରେ ଆଜି



ବାୟୁ ପ୍ରଦୂଷଣ ପ୍ରତିବାଦରେ ଦିଲ୍ଲୀର ନାଗରିକ ସଂଗଠନ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଦିଲ୍ଲୀ ବାୟୁ ଗୁଣବତ୍ତା ସୂଚକାଙ୍କ ବିପଜ୍ଜନକ ସ୍ତରରେ ପହଞ୍ଚିଥିବା ବେଳେ ସ୍ୱଚ୍ଛ ବାୟୁ ପାଇଁ ସେମାନେ ଦାବି କରିଛନ୍ତି। (ଫଟୋ- ଚମନ ଗୌତମ)


# ଆଜି ଆସିବେ ପୁଟିନ୍

### ଭାରତ ସହ ବେସାମରିକ ଆଣବିକ ସହଯୋଗ ନେଇ ଏମ୍ଓୟୁ ସ୍ୱାକ୍ଷର କରିବ ରୁଷିଆ

ନୂଆଦିଲ୍ଲୀ,୩।୧୨

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଗୁରୁବାରଠାରୁ ୨ ଦିନିଆ ଭାରତ ଗସ୍ତରେ ଆସୁଥିବାବେଳେ ଏହି ଅବସରରେ ୨ ଦେଶ ମଧ୍ୟରେ ବେସାମରିକ ଆଣବିକ ସହଯୋଗ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହେବାକୁ ଯାଉଛି। ରୁଷିଆ କ୍ୟାବିନେଟ ଉକ୍ତ ଏମ୍ଓୟୁକୁ ମଞ୍ଜୁରୀ ପ୍ରଦାନ କରିଛି। ତାମିଲନାଡୁର କୁଦନକୁଲମ ଆଣବିକ ଶକ୍ତି ପ୍ରକଳ୍ପରେ ଅନେକ ରିଆକ୍ଟର ନିର୍ମାଣ କରିଥିବା ରୁଷିଆର ରୋସାଟମ୍‌କୁ ରୁଷିଆ ସରକାରଙ୍କ ତରଫରୁ ଉକ୍ତ ଏମ୍ଓୟୁ ସ୍ୱାକ୍ଷର କରିବାକୁ କ୍ଷମତା ଦିଆଯାଇଛି।

ପୁଟିନ୍‌ଙ୍କ ଗସ୍ତ ଅବସରରେ ଭାରତ-ରୁଷିଆ ସମିଟ୍‌ରେ ଅର୍ଥନୀତି, ପ୍ରତିରକ୍ଷା ଓ ଶକ୍ତି କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯିବ। ରୁଷିଆ ରାଷ୍ଟ୍ରପତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଶୁକ୍ରବାର ଆଲୋଚନା କରିବେ। ଏହି ଅବସରରେ ଦ୍ୱିପାକ୍ଷିକ ସହଯୋଗର ସମୀକ୍ଷା ହେବା ସହ ବିଭିନ୍ନ ଆଞ୍ଚଳିକ ପ୍ରସଙ୍ଗରେ ଆଲୋଚନା ହେବ ବୋଲି ଆଶା କରାଯାଉଛି। ଏଥିସହିତ କେତେଗୁଡ଼ିଏ ସରକାରୀ ଓ ବ୍ୟବସାୟିକ ଚୁକ୍ତିନାମା ସ୍ୱାକ୍ଷର ହେବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ପୁଟିନ୍‌ଙ୍କ ଗସ୍ତ ପାଇଁ ନୂଆଦିଲ୍ଲୀରେ ୫ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରୁଷିଆ ରାଷ୍ଟ୍ରପତିଙ୍କ ସୁରକ୍ଷା ସେବାର ଉଚ୍ଚ ପ୍ରଶିକ୍ଷିତ ଯବାନଙ୍କ ସମେତ ଭାରତର ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍ଏସ୍‌ଜି)ର ଶୀର୍ଷ କମାଣ୍ଡୋମାନଙ୍କୁ ନିୟୋଜିତ କରାଯାଇଛି। ଏଥିସହିତ ସ୍ନାଇପର, ଡ୍ରୋନ୍, ଜାମର ମୁତୟନ ହୋଇଥିବାବେଳେ ଏଆଇ ମନିଟରିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶୁକ୍ରବାର ରାଷ୍ଟ୍ରପତି ଭବନରେ ପୁଟିନ୍‌ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ସେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ସ୍ମାରକୀ ପରିଦର୍ଶନ କରିବା ସହ ହାଇଦ୍ରାବାଦ ହାଉସ୍‌ରେ ଭାରତ-ରୁଷିଆ ବାର୍ଷିକ ସମିଟ୍‌ରେ ଯୋଗଦେବେ। ଏଥିସହିତ ଭାରତ ମଣ୍ଡପମ୍‌ରେ ଏକ କାର୍ଯ୍ୟକ୍ରମରେ ସାମିଲ ହେବେ।


ଭ୍ଲାଡିମିର ପୁଟିନ୍

# ୨୦୦ ବିମାନ ବାତିଲ, ୧,୪୦୦ ଉଡ଼ାଣ ବିଳମ୍ବ

### ଇଣ୍ଡିଗୋରେ କର୍ମଚାରୀ ସଙ୍କଟରୁ ସମସ୍ୟା

### ଯାତ୍ରୀଙ୍କ ଅସୁବିଧା ପାଇଁ କ୍ଷମା ମାଗିଲା ଏୟାରଲାଇନ୍ସ

ନୂଆଦିଲ୍ଲୀ,୩।୧୨




ଭାରତର ସବୁଠୁ ବଡ଼ ଏୟାରଲାଇନ୍ସ ଇଣ୍ଡିଗୋ ଗମ୍ଭୀର ପରିଚାଳନାଗତ ସଙ୍କଟର ସମ୍ମୁଖୀନ ହୋଇଛି। ଦେଶ ଭିତରେ ଏହାର ୨୦୦ ବିମାନ ବାତିଲ ହେବା ସହ ଅନେକର ଉଡ଼ାଣ ବିଳମ୍ବିତ ହୋଇଛି। କର୍ମଚାରୀ ଅଭାବ, ପ୍ରଯୁକ୍ତି ସମସ୍ୟା ଏବଂ ବିମାନବନ୍ଦରରେ ଭିଡ଼ ଆଦି ବିଭିନ୍ନ କାରଣରୁ ବିଭିନ୍ନ ଏୟାରପୋର୍ଟରେ ଇଣ୍ଡିଗୋ ବିମାନ ଅଟକି ରହିଛି। ଅନେକ ହଜାର ଯାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇଥିବାରୁ ଇଣ୍ଡିଗୋ ଏଥିପାଇଁ କ୍ଷମା ମାଗିଛି। ୨ ଦିନ ହେଲା ସମଗ୍ର ନେଟ୍‌ୱର୍କରେ ବିମାନ ଚଳାଚଳ ଗୁରୁତର ବାଧାପ୍ରାପ୍ତ ହୋଇଥିବା ଇଣ୍ଡିଗୋ ସ୍ୱୀକାର କରିଛନ୍ତି। ଏଥିଯୋଗୁ ସୃଷ୍ଟ ଅସୁବିଧା ପାଇଁ ଆମେ ଆମ ଗ୍ରାହକମାନଙ୍କ ନିକଟରେ କ୍ଷମା ମାଗୁଛୁ ବୋଲି ଉକ୍ତ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।

ବିମାନ ବାତିଲକୁ ନେଇ ଉତ୍ୟକ୍ତ ଯାତ୍ରୀମାନେ କର୍ମଚାରୀମାନଙ୍କ ସହ ଯୁକ୍ତି କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଛାଇହୋଇଯାଇଛି। ଅନେକ ସେଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁଙ୍କୁ ଟ୍ୟାଗ୍ କରି Xରେ ସେମାନଙ୍କ ଅସନ୍ତୋଷ ଜଣାଇଛନ୍ତି। ଜଣେ ଯାତ୍ରୀ ଲେଖିଛନ୍ତି, ତାଙ୍କ ବିମାନ ୭ ଘଣ୍ଟା ବିଳମ୍ବ ହେଲାଣି। ସେ ଆଉ କେବେ ଇଣ୍ଡିଗୋରେ ଯାତ୍ରା କରିବେ ନାହିଁ। ଏହି ଘଟଣାର ତଦନ୍ତ ହେବା ଆବଶ୍ୟକ ବୋଲି ସେ ଲେଖିଛନ୍ତି। ବିଭିନ୍ନ ବିମାନବନ୍ଦରରେ ଯାତ୍ରୀମାନେ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ପ୍ରତୀକ୍ଷା କରିବା ସତ୍ତ୍ୱେ ବିମାନ ଉଡ଼ାଣ ହେବ କି ନାହିଁ ସ୍ପଷ୍ଟ ହୋଇପାରି ନ ଥିଲେ। ହାଇଦ୍ରାବାଦ ଏୟାରପୋର୍ଟରେ ଆୟାପ୍ପା ଶ୍ରଦ୍ଧାଳୁମାନେ ବିକ୍ଷୋଭ କରିବାକୁ ବାଧ ହୋଇଥିଲେ। ଯାତ୍ରୀମାନେ ସ୍ୱଚ୍ଛତା ଏବଂ ଦାୟିତ୍ୱସମ୍ପନ୍ନ ସେବା ପାଇବାକୁ ହକ୍‌ଦାର ବୋଲି ସେମାନେ କହିଥିଲେ। ସୂଚନାଯୋଗ୍ୟ, ନଭେମ୍ବରରେ ବିମାନ ଉଡ଼ାଣର ନୂଆ ସମୟସୀମା (ଏଫ୍‌ଡିଟିଏଲ୍) ଜାରି ହେବା ପରଠାରୁ ବିଭିନ୍ନ କାରଣକୁ ନେଇ ଇଣ୍ଡିଗୋ ବିମାନ ଉଡ଼ାଣ ବିଳମ୍ବ ହେବା ସହ ବାତିଲ ସମସ୍ୟା ଲାଗି ରହିଛି। ଉକ୍ତ ନିୟମ ଯୋଗୁ ପାଇଲଟ୍‌ଙ୍କ ରୋଷ୍ଟରରେ ପରିବର୍ତ୍ତନ ହେବା ସହ ଉପଲବ୍ଧ ସମ୍ବଳରେ ଅଭାବ ଦେଖାଦେଇଥିଲା। ମୁଖ୍ୟତଃ ପାଇଲଟ୍ କାର୍ଯ୍ୟଶକ୍ତି ବିଶେଷ ପ୍ରଭାବିତ ହୋଇଥିଲା। ଶୀତଦିନେ ଯାତ୍ରୀସଂଖ୍ୟା ବଢ଼ିବା ସହ ଏୟାରଲାଇନ ସମ୍ବଳ ଉପରେ ଅତିରିକ୍ତ ଚାପ ପକାଇଛି। ଇଣ୍ଡିଗୋରେ ପାଇଲଟ୍ ଅଭାବର ମୁଖ୍ୟ କାରଣ ଏଫ୍‌ଡିଟିଏଲ୍ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଇଣ୍ଡିଗୋ କହିଛି, ନିକଟରେ ବିମାନ ଚଳାଚଳ ପ୍ରଭାବିତ ହେବାର ମୁଖ୍ୟ କାରଣ ପ୍ରଯୁକ୍ତିଗତ ସମସ୍ୟା। ଏଥିପାଇଁ ଯାତ୍ରୀ ଉଠାଇବା ପ୍ରକ୍ରିୟା ବିଳମ୍ବିତ ହେଉଛି। ଏଥିସହିତ ଶୀତଋତୁ, ପ୍ରତିକୂଳ ପାଗ, ଯାତ୍ରୀ ଭିଡ଼ ଆଦିକୁ ମଧ୍ୟ ଏୟାରଲାଇନ୍ସ ଦାୟୀ କରିଛି।

ଇଣ୍ଡିଗୋ ୱେବ୍‌ସାଇଟ୍ ଅନୁଯାୟୀ, ଏହି ଏୟାରଲାଇନ୍ସ ଦୈନିକ ୨,୨୦୦ରୁ ଊର୍ଦ୍ଧ୍ୱ ଉଡ଼ାଣ କରିଥାଏ। ଏହାର ସମୟୋଚିତ ପ୍ରଦର୍ଶନ ମଙ୍ଗଳବାର ୩୫%କୁ ହ୍ରାସ ପାଇଛି। ଅର୍ଥାତ୍ ମଙ୍ଗଳବାର ୧,୪୦୦ରୁ ଊର୍ଦ୍ଧ୍ୱ ବିମାନ ଉଡ଼ାଣ ବିଳମ୍ବିତ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ବୁଧବାର ଅପରାହ୍ନ ସୁଦ୍ଧା ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦରେ ପାଖାପାଖି ୨୦୦ ବିମାନ ବାତିଲ ହୋଇଛି।

## କୋଲ୍ଡରିଫ୍ କମ୍ପାନୀ ମାଲିକଙ୍କ ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

### କଫ୍ ସିରପ୍‌ଜନିତ ମୃତ୍ୟୁ ମାମଲା

ନୂଆଦିଲ୍ଲୀ,୩।୧୨

ମଧ୍ୟପ୍ରଦେଶରେ ୨ ମାସ ପୂର୍ବେ ବିଷାକ୍ତ କୋଲ୍ଡରିଫ୍ କଫ୍ ସିରପ୍ ଖାଇ ଅନ୍ୟୁନ ୨୦ ଜଣ ପିଲାଙ୍କ ମୃତ୍ୟୁ ଘଟିଥିଲା। ଏହି କଫ୍ ସିରପ୍ ପ୍ରସ୍ତୁତକାରୀ କମ୍ପାନୀ ସ୍ରେସାନ ଫାର୍ମାସ୍ୟୁଟିକାଲ୍ସର ମାଲିକ ଜି. ରଙ୍ଗନାଥନ୍‌ଙ୍କ ଚେନ୍ନାଇରେ ଥିବା ୨ଟି ଫ୍ଲାଟ୍‌କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବାଜ୍ୟାପ୍ତ କରିଛି। ମନିଲଣ୍ଡରିଂ ପ୍ରତିକାର ଆଇନରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବୁଧବାର ଇଡି କହିଛି। ୨ଟି ଫ୍ଲାଟ୍‌ର ମୂଲ୍ୟ ୨.୦୪ କୋଟି ଟଙ୍କା ହେବ। ଗତ ଅକ୍ଟୋବରରେ ମଧ୍ୟପ୍ରଦେଶ ପୋଲିସ ରଙ୍ଗନାଥନ୍‌ଙ୍କୁ ଗିରଫ କରିଥିଲା। କମ୍ପାନୀ ଏହାର ଉତ୍ପାଦନ ଖର୍ଚ୍ଚ କମାଇବା ସହ ଅଧିକ ଲାଭ କରିବା ପାଇଁ ଅସାଧୁ ବ୍ୟବସାୟିକ ପନ୍ଥା ଆପଣାଇଥିଲା ବୋଲି ଇଡି ଅଭିଯୋଗ କରିଛି। ତଦନ୍ତ ଅନୁଯାୟୀ, କମ୍ପାନୀ କଫ୍ ସିରପ୍ ପ୍ରସ୍ତୁତି ପାଇଁ ଔଷଧ ଗ୍ରେଡ୍‌ର କଞ୍ଚାମାଲ୍ ପରିବର୍ତ୍ତେ ଶିଳ୍ପ ପାଇଁ ଉଦ୍ଦିଷ୍ଟ କଞ୍ଚାମାଲ୍ ବ୍ୟବହାର କରୁଥିଲା। ସେଗୁଡ଼ିକା ମାନ ଉପଯୁକ୍ତ ଯାଞ୍ଚ କରାଯାଉ ନ ଥିଲା। ରେକର୍ଡରେ ନ ରହିବା ପାଇଁ ବିନା ଇନ୍‌ଭଏସ୍‌ରେ ନଗଦ ଅର୍ଥ ଦିଆଯାଇ କଞ୍ଚାମାଲ୍ କିଣାଯାଉଥିଲା।

## ଇଣ୍ଡୋନେସିଆ ବନ୍ୟା ମୃତ୍ୟୁସଂଖ୍ୟା ୮୦୦

ଜାକର୍ତ୍ତା,୩।୧୨

ଇଣ୍ଡୋନେସିଆରେ ପ୍ରଳୟଙ୍କରୀ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୮୦୦ରେ ପହଞ୍ଚିଛି। ଏହା ୨୦୦୪ ସୁନାମିଠାରୁ ଅଧିକ କ୍ଷତି ପହଞ୍ଚାଇଥିବା କୁହାଯାଉଛି। ଏହି ବନ୍ୟାକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବାକୁ ଇଣ୍ଡୋନେସିଆ ସରକାରଙ୍କ ଉପରେ ଚାପ ବଢୁଚାଲିଛି। ସୂଚନାଯୋଗ୍ୟ, ୧୯୯୨ ଭୂକମ୍ପ ଓ ସୁନାମି, ୨୦୦୪ର ସୁନାମି ଏବଂ କୋଭିଡ ମହାମାରୀକୁ ଇଣ୍ଡୋନେସିଆ ଜାତୀୟ ବିପର୍ଯ୍ୟୟ ଘୋଷଣା କରିଥିଲା।ସୁମାତ୍ରାର ୩ଟି ପ୍ରଦେଶରେ ୮୦୦ ଲୋକ ବନ୍ୟାରେ ପ୍ରାଣ ହରାଇଥିବାବେଳେ ଏହାକୁ ଜାତୀୟ ବିପତ୍ତି ଘୋଷଣା କରାଯିବା ଆବଶ୍ୟକ ବୋଲି ବିରୋଧୀ ନେତା ଏବଂ ସିଭିଲ୍ ସୋସାଇଟି ସଂଗଠନଗୁଡ଼ିକ ଦାବି କରିଛନ୍ତି। ଜାତୀୟ ବିପର୍ଯ୍ୟୟ ଘୋଷଣା ହେବା ଜରୁରୀ। ଏହା ଦ୍ୱାରା ବନ୍ୟା ପୀଡ଼ିତଙ୍କୁ ପର୍ଯ୍ୟାପ୍ତ ଘରୋଇ ଏବଂ ବିଦେଶୀ ସହାୟତା ମିଳିପାରିବ ବୋଲି ଆମନେଷ୍ଟି ଇଣ୍ଟରନ୍ୟାଶନାଲ ଇଣ୍ଡୋନେସିଆ କହିଛି।

# ଲାଇଫ୍ ସପୋର୍ଟରେ ଖାଲେଦା ଜିଆ

ଢାକା,୩।୧୨

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି) ମୁଖ୍ୟ ଖାଲେଦା ଜିଆ ଢାକାର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାବେଳେ ଲାଇଫ୍ ସପୋର୍ଟ ସିଷ୍ଟମରେ ରଖାଯାଇଛି। ଏଭଳି ସମୟରେ ନିର୍ବାସନରେ ଲଣ୍ଡନରେ ରହିଥିବା ତାଙ୍କ ପୁଅ ତାରିକ୍ ରହମାନ ବାଂଲାଦେଶ ଆସିପାରୁ ନାହାନ୍ତି। ଚାଇନାର ଏକ ବିଶେଷଜ୍ଞ ଡାକ୍ତରୀ ଟିମ୍ ଆସି ଖାଲେଦାଙ୍କ ଚିକିତ୍ସାରେ ସାମିଲ ହୋଇଥିବାବେଳେ ହସ୍ପିଟାଲରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବ୍ରିଟେନରୁ ମଧ୍ୟ ଏକ ବିଶେଷଜ୍ଞ ଟିମ୍ ପହଞ୍ଚି ଖାଲେଦାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରୁଛନ୍ତି। ଭାରତ, ଆମେରିକା, କାତାର, ସାଉଦି ଆରବ ଏବଂ ପାକିସ୍ତାନ ମଧ୍ୟ ଚିକିତ୍ସା ସହାୟତା ଯୋଗାଇବାକୁ ପ୍ରସ୍ତାବ ଦେଇଛନ୍ତି। ହୃତ୍‌ପିଣ୍ଡ ଓ ଫୁସ୍‌ଫୁସ୍‌ରେ ସଂକ୍ରମଣ ହୋଇଥିବା ଖାଲେଦା ନଭେମ୍ବର ୨୩ରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

# ୩୨ହଜାର ଶିକ୍ଷକଙ୍କ ନିଯୁକ୍ତି ରଦ୍ଦ ରାୟ ଖାରଜ

### ରଦ୍ଦ ନିର୍ଦ୍ଦେଶ ଦେଇଥିଲେ କୋଲକାତା ହାଇକୋର୍ଟର ଜଣିକିଆ ଖଣ୍ଡପୀଠ

କୋଲକାତା,୩।୧୨

ପଶ୍ଚିମବଙ୍ଗରେ ୩୨ ହଜାର ପ୍ରାଥମିକ ସ୍କୁଲ୍ ଶିକ୍ଷକଙ୍କ ନିଯୁକ୍ତିରେ ଅନିୟମିତତା ହୋଇଥିବା ଘଟଣାକୁ ନେଇ କୋଲକାତା ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ଉକ୍ତ ଶିକ୍ଷକମାନଙ୍କ ନିଯୁକ୍ତିକୁ ରଦ୍ଦ କରିଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ହାଇକୋର୍ଟର ଏକ ଖଣ୍ଡପୀଠ ଉକ୍ତ ରାୟକୁ ଖାରଜ କରିଦେଇଛନ୍ତି। ୨୦୧୪ରେ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି) ଜରିଆରେ ଉକ୍ତ ଶିକ୍ଷକମାନେ ନିଯୁକ୍ତି ପାଇଥିଲେ। ସମସ୍ତଙ୍କ ନିଯୁକ୍ତିରେ ଅନିୟମିତତା ହୋଇଥିବାର ପ୍ରମାଣ ନାହିଁ ବୋଲି ଜଷ୍ଟିସ୍ ତପବ୍ରତ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିବା ସହ ଜଣିକିଆ ଖଣ୍ଡପୀଠଙ୍କ ରାୟ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ୯ ବର୍ଷର ନିଯୁକ୍ତି ପରେ ଏହାକୁ ରଦ୍ଦ କରିଦିଆଯିବା ପ୍ରାଥମିକ ଶିକ୍ଷକ ଏବଂ ସେମାନଙ୍କ ପରିବାର ଉପରେ ବହୁତ ବଡ଼ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ଅଦାଲତ କହିଛନ୍ତି। ଉକ୍ତ ଅନିୟମିତତାର ତଦନ୍ତ ଦାୟିତ୍ୱ ହାଇକୋର୍ଟ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଦେଇଥିଲେ। ୨୬୪ଟି ନିଯୁକ୍ତିରେ ଅନିୟମିତତା ହୋଇଥିବା ସିବିଆଇ ଚିହ୍ନଟ କରିଥିଲା। ପରେ ଅନ୍ୟ ୯୬ ଜଣ ଶିକ୍ଷକ ତଦନ୍ତକାରୀ ସଂସ୍ଥାର ଯାଞ୍ଚ ପରିସରକୁ ଆସିଥିଲେ। ଏହାକୁ ନେଇ ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟାକୁ ବାତିଲ କରିଦିଆଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୩ ମେ' ୧୨ରେ ତତ୍କାଳୀନ ବିଚାରପତି ଜଷ୍ଟିସ୍ ଅଭିଜିତ ଗଙ୍ଗୋପାଧ୍ୟାୟଙ୍କ ଜଣିକିଆ ଖଣ୍ଡପୀଠ ୩୨ ହଜାର ପ୍ରାଥମିକ ଶିକ୍ଷକଙ୍କ ନିଯୁକ୍ତିକୁ ରଦ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ମୁନିର ଭାରତ ସହ ଯୁଦ୍ଧ ଚାହୁଁଥିଲେ: ଇମ୍ରାନ୍‌ଙ୍କ ଭଉଣୀ


ଆଲିମା ଖାନ୍

ଇସ୍‌ଲାମାବାଦ,୩।୧୨

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭାରତ ସହ ବନ୍ଧୁତା ବଢ଼ାଇବାକୁ ଉଦ୍ୟମ କରୁଥିବାବେଳେ ସେନାମୁଖ୍ୟ ଅସିମ ମୁନିର ଯୁଦ୍ଧ ଲାଳସା ରଖିଥିଲେ। ଇମ୍ରାନ୍‌ଙ୍କ ଭଉଣୀ ଆଲିମା ଖାନ୍ ଏହା କହିଛନ୍ତି। ମୁନିର ଜଣେ କଠୋରପନ୍ଥୀ ଇସ୍‌ଲାମୀୟ ଏବଂ ରୁଢ଼ିବାଦୀ ବୋଲି ଆଲିମା ସ୍କାଏ ନ୍ୟୁଜ୍‌କୁ କହିଛନ୍ତି। ଗତ ମେ'ରେ ଭାରତ-ପାକିସ୍ତାନ ଯୁଦ୍ଧ ପଛର କାରଣ ସମ୍ପର୍କରେ ପ୍ରଶ୍ନ ହେବାରୁ ସେ ସବୁ ଦୋଷ ମୁନିରଙ୍କ ଉପରେ ଲଦିଥିଲେ। ତାଙ୍କର ଇସ୍‌ଲାମୀୟ କଠୋରପନ୍ଥୀ ଓ ରକ୍ଷଣଶୀଳତା ତାଙ୍କୁ ଇସ୍‌ଲାମ ଉପରେ ବିଶ୍ୱାସ କରୁନ ଥିବା ଲୋକଙ୍କ ବିରୋଧରେ ଯୁଦ୍ଧ କରିବାକୁ ବାଧ କରୁଥିବା ଆଲିମା କହିଛନ୍ତି। ଇମ୍ରାନ୍ ଜଣେ ଉଦାରବାଦୀ। ସେ କ୍ଷମତାକୁ ଆସିବା ପରେ ସବୁବେଳେ ଭାରତ ସହ ବନ୍ଧୁତା କରିବାକୁ ଉଦ୍ୟମ କରିଥିଲେ। ଏପରିକି ଭାଜପା ସହ ମଧ୍ୟ ସେ ବନ୍ଧୁତା ଚାହୁଁଥିଲେ। ସେ ଇମ୍ରାନ୍‌ଙ୍କ ଏକ ସମ୍ପତ୍ତି ବୋଲି କହିବା ସହ ତାଙ୍କ ମୁକ୍ତି ପାଇଁ ପାଶ୍ଚାତ୍ୟ ଦେଶ ଉଦ୍ୟମ କରିବାକୁ ଆଲିମା ନିବେଦନ କରିଛନ୍ତି।

## ଫୁରସତ୍

# ଆଫ୍ରିକାରେ ରହସ୍ୟମୟ ନୃତ୍ୟ



ନୂଆଦିଲ୍ଲୀ

ପ୍ରତ୍ୟେକ ଦେଶର କିଛି ନା କିଛି ଇତିହାସ ଥାଏ, ଯାହା ଏହାକୁ ସ୍ୱତନ୍ତ୍ର କରିଥାଏ। ଆଫ୍ରିକା ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର । ମାନବ ସଭ୍ୟତାର ମୂଳଦୁଆ ଆଫ୍ରିକାରେ ହୋମୋ ସାପିଅନ୍ସ ଦ୍ୱାରା ସ୍ଥାପିତ ହୋଇଥିଲା। ଆଫ୍ରିକାରେ ମୋଟ ୫୪ଟି ଦେଶ ଅଛି, ଯାହା ମଧ୍ୟରୁ ୪୯ଟି ଭୂମିଭିତ୍ତିକ ଏବଂ ୫ଟି ଦ୍ୱୀପପୁଞ୍ଜ। ତେବେ ଆଫ୍ରିକାର କେତେକ ସ୍ଥାନରେ ଜାଙ୍ଗବେଟୋ ନୃତ୍ୟ ପ୍ରଦର୍ଶିତ ହୁଏ। ଏହି ଶବ୍ଦଟି ପଛରେ ଥିବା ରହସ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିପାରେ। ଜାଙ୍ଗବେଟୋର ପ୍ରକୃତ ଅର୍ଥ 'ରାତି ଜଗୁଆଳି'।

ଭୂଡୁ ସମ୍ପ୍ରଦାୟରେ ସେମାନଙ୍କୁ ବିଶେଷ ରକ୍ଷକ ଭାବରେ ଦେଖାଯାଏ। ଭୂଡୁ ଶବ୍ଦଟି ଶୁଣିବା ମାତ୍ରେ, ଏହାକୁ ଯାଦୁବିଦ୍ୟା କିମ୍ବା ଗୁପ୍ତ କାର୍ଯ୍ୟକଳାପ ସହ ଜଡ଼ିତ ବୋଲି ଧରାଯାଏ, କିନ୍ତୁ ପ୍ରକୃତପକ୍ଷେ ଏହା ନୁହେଁ। ଭୂଡୁ ହେଉଛି ଏକ ଆଫ୍ରିକୀୟ ଧର୍ମ ଯାହା ମୁଖ୍ୟତଃ ପଶ୍ଚିମ ଆଫ୍ରିକୀୟ ଦେଶଗୁଡ଼ିକରେ ବିଶେଷକରି ଘାନା, ନାଇଜେରିଆ ଏବଂ ବେନିନ୍‌ରେ ପ୍ରଚଳିତ।

ଆଫ୍ରିକୀୟ ଜାଙ୍ଗବେଟୋ ନୃତ୍ୟ ଘାନା, ଟୋଗୋ ଏବଂ ବେନିନ୍‌ର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଉତ୍ପନ୍ନ ହୋଇଥିବା କୁହାଯାଏ। ଜାଙ୍ଗବେଟୋ ନୃତ୍ୟର ମୂଳ ଉଦ୍ଦେଶ୍ୟ ଥିଲା ଏହି ସଂରକ୍ଷିତ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ ବାହ୍ୟ ଆକ୍ରମଣରୁ ରକ୍ଷା କରିବା। ଆଜି ସମଗ୍ର ଦେଶରେ ଆଫ୍ରିକୀୟ ଜାଙ୍ଗବେଟୋ ନୃତ୍ୟ କେବଳ ପ୍ରମୁଖ ଜାଙ୍ଗବେଟୋ ଉତ୍ସବ ସମୟରେ ପ୍ରଦର୍ଶନ ହେଉଥିବା ଦେଖାଯାଏ।

# ସାମନ୍ଥାଙ୍କୁ ସ୍ୱତନ୍ତ୍ର ଉପହାର


ସାମନ୍ଥା ରୁଥ ପ୍ରଭୁ

ମୁମ୍ବାଇ

ଦକ୍ଷିଣ ଭାରତୀୟ ଷ୍ଟାର ସାମନ୍ଥା ରୁଥ୍ ପ୍ରଭୁ ନିକଟରେ ଦ୍ୱିତୀୟ ବିବାହ କରିଛନ୍ତି। ସେ 'ଦି ଫ୍ୟାମିଲି ମ୍ୟାନ୍' ନିର୍ଦ୍ଦେଶକ ରାଜ୍ ନିଡିମୋରୁଙ୍କ ହାତ ଧରିଛନ୍ତି । ଏହି ଦମ୍ପତି ଏକ ସରଳ ଢଙ୍ଗରେ ବିବାହ କରିଥିଲେ। ବିବାହ ପରେ ସାମନ୍ଥାଙ୍କୁ ଏକ ଦାମୀ ଉପହାର ମିଳିଛି। ଏହି ଉପହାର ଆଉ କେହି ନୁହେଁ, ସ୍ୱାମୀ ଦେଇଛନ୍ତି। ସାମନ୍ଥାଙ୍କୁ ଏକ ସୁନ୍ଦର ଘର ଉପହାର ଦେଇଛନ୍ତି ରାଜ୍ । ଏହି ଘର ହାଇଦ୍ରାବାଦର ଜୁବୁଲି ହିଲ୍ସରେ ଅବସ୍ଥିତ। ବିବାହ ସମୟରେ ସାମନ୍ଥାଙ୍କୁ ଘରର ଚାବି ଦେଇଥିଲେ। ସୂଚନାଯୋଗ୍ୟ, ସିଟାଡେଲ ଶୁଟିଂ ସମୟରେ ସାମନ୍ଥା ଏବଂ ରାଜ୍ ପ୍ରେମରେ ପଡ଼ିଯାଇଥିଲେ। ଏହା ରାଜ୍ ଏବଂ ସାମନ୍ଥା ଉଭୟଙ୍କ ପାଇଁ ଦ୍ୱିତୀୟ ବିବାହ। ରାଜ୍ ପ୍ରଥମେ ଶ୍ୟାମଳୀ ଦେଙ୍କୁ ବିବାହ କରିଥିଲେ। ଏହି ଦମ୍ପତି ୨୦୧୫ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ଏବଂ ୨୦୨୨ରେ ଅଲଗା ହୋଇଥିଲେ। ସାମନ୍ଥା ପୂର୍ବରୁ ନାଗା ଚୈତନ୍ୟଙ୍କୁ ବିବାହ କରିଥିଲେ। ଏହି ବିବାହ ମାତ୍ର ୪ ବର୍ଷ ତିଷ୍ଠିଥିଲା। ସାମନ୍ଥା ଏବଂ ନାଗା ୨୦୧୭ରେ ବିବାହ କରିଥିଲେ ଏବଂ ୨୦୨୧ରେ ଅଲଗା ହୋଇଥିଲେ।

# ସଂଗ୍ରାମ, ସେବାର ମୂର୍ତ୍ତିମନ୍ତ ପ୍ରତୀକ ମା'ରମାଦେବୀ



ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଶିଷ୍ଟ ବ୍ୟକ୍ତିମାନେ।

ଭୁବନେଶ୍ୱର,୩।୧୨
(ସୌମ୍ୟରଞ୍ଜନ ରାଉତ)

## ବିଧାନସଭା ପରିସର ଥିବା ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କଲେ ବାଚସ୍ପତି, ମୁଖ୍ୟମନ୍ତ୍ରୀ

ମା' ରମାଦେବୀ ହେଉଛନ୍ତି ସଂଗ୍ରାମ, ତ୍ୟାଗ, ସାମ୍ପ୍ରଦାୟିକ ସଦ୍ଭାବନା, ମାନବିକତା, ପ୍ରତିବଦ୍ଧତା ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ। ପ୍ରାଚୁର୍ଯ୍ୟରୁ ଆସି ସେ ସରଳତାକୁ ଗ୍ରହଣ କରିଥିଲେ। ଘରକୋଣରୁ ବାହାରି ଜାତୀୟ ଆନ୍ଦୋଳନରେ ସାମିଲ ହୋଇଥିଲେ। ଲବଣ ସତ୍ୟାଗ୍ରହ, ଭାରତ ଛାଡ଼ ଓ ଅସହଯୋଗ ଆନ୍ଦୋଳନରେ ତାଙ୍କର ଅଗ୍ରଗଣ୍ୟ ଭୂମିକା ଥିଲା। ଜାତିଭେଦର ସଂକୀର୍ଣ୍ଣ ଅର୍ଗଳି ଛିନ୍ନ କରି ଗ୍ରାମ ସ୍ୱରାଜ, ସାମାଜିକ ନ୍ୟାୟର ପ୍ରବକ୍ତା ଭାବରେ ମା' ରମାଦେବୀ ଦଳିତ, ଅବହେଳିତ ଓ ନିଷ୍ପେଷିତ ବର୍ଗଙ୍କ ପାଇଁ ତ୍ରାଣକର୍ତ୍ତା ପାଲଟିଥିଲେ। ଭୂଦାନ ଓ ସର୍ବୋଦୟ ଭଳି ରଚନାତ୍ମକ କାର୍ଯ୍ୟରେ ମନୋନିବେଶ କରିଥିଲେ। ଓଡ଼ିଶାରେ ମହିଳାଙ୍କ ସାମାଜିକ, ରାଜନୈତିକ ଭୂମିକାକୁ ସେ ଉଚ୍ଚତର ସ୍ତରକୁ ନେବାରେ ଶକ୍ତିଶାଳୀ ଅବଦାନ ପ୍ରକଟ କରିଥିରେ। ଲାଞ୍ଛନା, ନିର୍ଯାତନା, ଶୋଷଣ, ଲାଠିମାଡ଼, ଜେଲବରଣକୁ ଖାତିର ନ କରି ମା' ରମାଦେବୀ ସ୍ୱାଧୀନତା ଲାଗି ତାଙ୍କର ଅତୁଳନୀୟ ଅବଦାନ ପ୍ରକଟ କରି ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ବୋଲି ଅତିଥିମାନେ ମତ ରଖିଛନ୍ତି। ବୁଧବାର ବିଧାନସଭା ପରିସରସ୍ଥ ମା' ରମାଦେବୀଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଫକୀର ନାୟକ, ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ଓ ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗଦେଇ ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ନାଲ୍‌କୋ ଆଶ୍ ପାଇପ୍ ଫାଟି ଫସଲ ନଷ୍ଟ

■ ୫ ଏକରରୁ ଅଧିକ ଜମିରେ ମାଡ଼ିଗଲା ପାଉଁଶ ପାଣି ■ ଆନ୍ଦୋଳନ କରିବାକୁ ଚାଷୀଙ୍କ ସଜବାଜ

ଅନୁଗୋଳ,୩।୧୨
(ମାନସ ବିଶ୍ୱାଳ)

ଅନୁଗୋଳ ସହର ଉପକଣ୍ଠରେ ଥିବା ନାଲ୍‌କୋ ବିରୋଧରେ ପାରିପାର୍ଶ୍ୱିକ ଅଞ୍ଚଳରୁ ଅଭିଯୋଗ ବଢ଼ିବାରେ ଲାଗିଛି। ଏପରି ସ୍ଥିତିରେ ବଁଅରପାଳ ବ୍ଲକ ତେଣ୍ଟୋଇ ଓ ତେଣୋଲୋଇ ଗ୍ରାମ ଦେଇ ଯାଇଥିବା ନାଲ୍‌କୋ ଆଶ୍ ପାଇପ୍ ସୋମବାର ରାତିରେ ଫାଟି ୫ ଏକରରୁ ଅଧିକ ଜମିରେ ଫସଲ ନଷ୍ଟ କରିଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଧାନ ଅମଳ ହେବା ସମୟ ହୋଇଯାଇଥିବା ବେଳେ ବିଲରେ ପାଉଁଶ ପାଣି ମାଡ଼ିଯାଇଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ନାଲ୍‌କୋ କର୍ତ୍ତୃପକ୍ଷ ଚାଷୀଙ୍କ କଥା ଶୁଣୁ ନ ଥିବାରୁ ରେଳରୋକୋ ଆନ୍ଦୋଳନ ପାଇଁ ଚାଷୀମାନେ ସଜବାଜ ହେଉଥିବା କହିଛନ୍ତି।



ଫାଟି ଯାଇଥିବା ନାଲ୍‌କୋ ଆଶ୍ ପାଇପ୍ ଲାଇନ।

କେତେଜଣ ଚାଷୀଙ୍କ କହିବା ଅନୁଯାୟୀ, କିଛି ଦିନ ପୂର୍ବରୁ କର୍ଣ୍ଣପୁର ଠାରେ ସମାନ ଘଟଣା ଦେଖିବାକୁ ମିଳିଥିଲା। ଆଶ୍ ପାଇପ୍ ଲାଇନ ଫାଟି ଚାଷ ଜମି ସହ ଗ୍ରାମର ଏକ ପୋଖରୀରେ ପାଉଁଶ ପାଣି ପଶି ଯାଇଥିଲା। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ସୋମବାର ରାତିରେ ଆଶ୍ ପାଇପ୍ ଫାଟିଯିବାରୁ ତେଣ୍ଟୋଇ ଗ୍ରାମର ତରଣୀସେନ ନାଏକ, ରାଜକିଶୋର ନାଏକ, ଲମ୍ବୋଦର ନାଏକ, କୈଳାସ ନାଏକ, ଲୋଚନ ନାଏକ, ସଜ ନାଏକଙ୍କ ସମେତ ଅନେକ ଚାଷୀଙ୍କ ଜମିରେ ଫସଲ ନଷ୍ଟ ହୋଇଛି। ଚାଷୀ ରତିକାନ୍ତ ନାଏକ କହିଛନ୍ତି, ପାଉଁଶ ପାଣି ତେଣ୍ଟୋଇ ଗ୍ରାମର ପାଖାପାଖି ୫ଏକର ଚାଷ ଜମିରେ ମାଡ଼ିଯାଇଛି। ଧାନ ଅମଳ ସମୟରେ ଏପରି ଅବସ୍ଥା ସୃଷ୍ଟି ହୋଇଥିବାରୁ ଜମିକୁ ପଶି ହେଉନି। ନାଲ୍‌କୋ କର୍ତ୍ତୃପକ୍ଷ ଏହାର ତଦନ୍ତ କରି କ୍ଷତିପୂରଣ ଦେବା ସହିତ ପାଇପ୍ ଲାଇନ ମରାମତି କରିବାକୁ ଦାବି କରାଯାଉଛି। ଚାଷୀ ତପନ କୁମାର ନାୟକ କହିଛନ୍ତି, ନାଲ୍‌କୋ ଆଶ୍ ପାଇପ ଲାଇନ ଗାଁ ଦେଇ ଯାଇଛି। ଏହି ପାଇପ୍ କଟି ଚାଷ ଜମିରେ ପାଉଁଶ ପାଣି ମାଡ଼ିଯିବାରୁ ଧାନ କାଟିବାକୁ ଯାଇ ଫେରିବାକୁ ପଡ଼ିଛି। ପାଉଁଶ ମାଡ଼ିଯାଇଥିବାରୁ ଧାନସବୁ ନଷ୍ଟ ହେବାର ସମ୍ଭାବନା ଦେଖାଦେଇଛି। ନାଲ୍‌କୋ କର୍ତ୍ତୃପକ୍ଷ ଚାଷୀଙ୍କ ସମସ୍ୟାକୁ ସବୁବେଳେ ଅଣଦେଖା କରୁଛନ୍ତି। ତେଣୁ ତେଣ୍ଟୋଇ ଗ୍ରାମ ଦେଇ ଯାଇଥିବା ନାଲ୍‌କୋ ରେଳପଥକୁ ଅବରୋଧ କରାଯିବା ପାଇଁ ଗ୍ରାମବାସୀ ପ୍ରସ୍ତୁତ ହେଉଛନ୍ତି ବୋଲି ଚାଷୀ ନାୟକ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଉକ୍ତ ପାଇପ୍ ଲାଇନ ମରାମତି ଦାୟିତ୍ୱରେ ଥିବା ଠିକା ସଂସ୍ଥାର କାର୍ଯ୍ୟକଳାପ ସମ୍ପର୍କରେ ନାଲ୍‌କୋ ପଦାଧିକାରୀଙ୍କ ନିକଟରେ ଖବର ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ନାଲ୍‌କୋ ଇଡି ସଚ୍ଚିଦାନନ୍ଦ ଜେନା କହିଛନ୍ତି, ବାହାରେ ଥିବାରୁ ଅଭିଯୋଗ ସମ୍ପର୍କରେ ଖବରନାହିଁ। ତୁରନ୍ତ ଏହାର ପ୍ରତିକାର କରାଯିବ।

# ଅଶୋକ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗଠନହେଲା ଉଚ୍ଚସ୍ତରୀୟ କମିଟି: ମୁଖ୍ୟମନ୍ତ୍ରୀ

**ଶିକ୍ଷକ, ଅଧ୍ୟାପକ, କର୍ମଚାରୀଙ୍କ ଦାବି ପ୍ରସଙ୍ଗ** | ୬ ମାସରେ ରିପୋର୍ଟ


ଭୁବନେଶ୍ୱର,୩।୧୨(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ବିଭିନ୍ନ ପ୍ରକାର ସରକାରୀ ଓ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛନ୍ତି। ଏହି ଶିକ୍ଷାନୁଷ୍ଠାନଗୁଡ଼ିକର ବିଭିନ୍ନ ଶିକ୍ଷକ/ଅଧ୍ୟାପକ ଏବଂ କର୍ମଚାରୀ ସଂଘ ସେମାନଙ୍କ ବିଭିନ୍ନ ପ୍ରକାର ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଆସୁଛନ୍ତି। ସେମାନଙ୍କର ଏହି ଦାବି ଉପରେ ବିଭିନ୍ନ ସମୟରେ ଆଲୋଚନା ମଧ୍ୟ କରାଯାଇଛି। ଏହାକୁ ରାଜ୍ୟ ସରକାର ଗୁରୁତର ସହ ବିଚାରକରି ଶିକ୍ଷକ/ଅଧ୍ୟାପକ ଏବଂ କର୍ମଚାରୀମାନଙ୍କ ଦାବି ସମୂହର ଅନୁଶୀଳନ ନିମନ୍ତେ ଭାରତୀୟ ପ୍ରଶାସନିକ ସେବା (ଅବସରପ୍ରାପ୍ତ) ଅଫିସର ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି କମିଟି ୬ ମାସ ମଧ୍ୟରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଗୃହରେ ନିଜର ବିବୃତିରେ ସୂଚାଇଛନ୍ତି।

## ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ ଦମ୍ପତି ଶିକ୍ଷୟିତ୍ରୀଶିକ୍ଷକ

ଭୁବନେଶ୍ୱର,୩।୧୨(ସୁଚିସ୍ମିତା ସାହୁ)

ବିଭିନ୍ନ ଦାବି ନେଇ ମାଧ୍ୟମିକ ଦମ୍ପତି ଶିକ୍ଷୟିତ୍ରୀଶିକ୍ଷକ ସଂଘ ପକ୍ଷରୁ ଗତ ଶନିବାରଠାରୁ ଲୋୟର ପିଏମ୍‌ଜିଠାରେ ଧରଣା ଦିଆଯାଇଥିଲା। ଶତାଧିକ ଦମ୍ପତି ଶିକ୍ଷୟିତ୍ରୀଶିକ୍ଷକ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣାରେ ସାମିଲ ହୋଇଥିଲେ। ଏଥିସହ ସେମାନେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନାବେଳେ ମନ୍ତ୍ରୀ ଗଣ୍ଡ ୭ଦିନ ଭିତରେ ଦାବିପୂରଣ ନେଇ ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ଗଣଧାରଣାକୁ ସ୍ଥଗିତ ରଖାଯାଇଛି ବୋଲି ସଂଘ ଆବାହକ ପ୍ରଶାନ୍ତ ମେହେର ସୂଚନା ଦେଇଛନ୍ତି।




# ବନାଗ୍ନି: ୧୭ ମାସରେ ୪,୬୦୯ ହେକ୍ଟର ଜଙ୍ଗଲ ଧ୍ୱଂସ

ଭୁବନେଶ୍ୱର,୩।୧୨(ରବିନାରାୟଣ ଜେନା)

ରାଜ୍ୟର ବିଭିନ୍ନ ଜଙ୍ଗଲରେ ବନାଗ୍ନି ଯୋଗୁ ଗତ ୧୭ ମାସରେ ୪ ହଜାର ୬୦୯ ହେକ୍ଟର ଜଙ୍ଗଲ ଧ୍ୱଂସ ହୋଇଗଲାଣି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡ଼ାମଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ସମୁଦାୟ ୫୨,୪୩୩,୫୬ ବର୍ଗକିମି ଜଙ୍ଗଲ ରହିଛି। ଜୁଲାଇ ୨୦୨୪ରୁ ଏପର୍ଯ୍ୟନ୍ତ ୪ ହଜାର ୬୦୯.୩୪୭ ହେକ୍ଟର ଜଙ୍ଗଲ ନିଆଁ ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ଓଡ଼ିଶାରେ ବନାଗ୍ନି ଯେହେତୁ ଭୂପୃଷ୍ଠୀୟ, ସେଥିପାଇଁ କେବଳ ଗୁଳ୍ମଜାତୀୟ ବୃକ୍ଷ କ୍ଷତିଗ୍ରସ୍ତ ହୋଇଥାଏ, ଯାହାକି ବର୍ଷାଋତୁରେ ପୁନର୍ବାର ଜୀବିତ ହୋଇଥାଏ। ଏହି ବନାଗ୍ନି ଦ୍ୱାରା ପଶୁପକ୍ଷୀ ଓ ବନ୍ୟଜନ୍ତୁମାନଙ୍କ ଜୀବନହାନିର କୌଣସି ସୂଚନା ନାହିଁ ବୋଲି ମନ୍ତ୍ରୀ ଗୃହକୁ କହିଛନ୍ତି।

ମନ୍ତ୍ରୀ ପୁଣି କହିଛନ୍ତି, ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବନାଗ୍ନିଜନିତ କ୍ଷୟପ୍ରାପ୍ତ ହେଉଥିବା ଜଙ୍ଗଲ ପ୍ରତିବଦଳରେ ନୂତନ ଜଙ୍ଗଲ ସୃଷ୍ଟି ଲାଗି ବିଭିନ୍ନ ପ୍ରକାର ବନୀକରଣ ଯୋଜନା ହାତକୁ ନିଆଯାଉଛି। ୨୦୨୪-୨୫ ବର୍ଷରେ ୩୦,୯୨୧.୧୪ ହେକ୍ଟର ଜଙ୍ଗଲ ଜମିରେ ୧୯୭.୭୮ ଲକ୍ଷ ଚାରା ରୋପଣ ହୋଇଥିବାବେଳେ ୨୦୨୫-୨୬ରେ ୨୫,୯୫୯.୬୩ ହେକ୍ଟର ଜଙ୍ଗଲ ଜମିରେ ୨୦୫.୧୦ ଲକ୍ଷ ଚାରା ପୋତାଗଲାଣି। ଏହି ଦୁଇବର୍ଷରେ ସମୁଦାୟ ୪୦୨.୮୮ ଲକ୍ଷ ଚାରା ରୋପଣ କରାଯାଇଛି। ଏହାବାଦ୍ ଏହି ଅବଧି ମଧ୍ୟରେ ୪୯,୭୫୩.୨୪ ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରାଯାଇଛି ବୋଲି ମନ୍ତ୍ରୀ ଗୃହକୁ ଜଣାଇଛନ୍ତି।

## ପୂଜାଙ୍କୁ ଦେଖା କରିପାରିଲେନି ଅମର

ବାଲେଶ୍ୱର,୩।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ନାରୀ ସଂଘରେ ରହୁଥିବା ଆମେରିକା ଫେରନ୍ତା ପୂଜା ନାୟକ ଓରଫ୍ ସେଜଲ ଜୋହନଙ୍କୁ ପୁରୁଷ ବନ୍ଧୁ ଅମର ଦାସ ବୁଧବାର ଦେଖା କରିବାକୁ ଆସିଥିଲେ। ତାଙ୍କ ସହ ଆଈ ଓ ଅଜା ଥିଲେ। ନାରୀ ସଂଘ କର୍ତ୍ତୃପକ୍ଷଙ୍କୁ ସେ ନିଜର ପରିଚୟ ପତ୍ର ଦେଖାଇଥିଲେ। ଘଟଣାଟି ତଦନ୍ତ ପରିସରଭୁକ୍ତ ଥିବାରୁ ନାରୀ ସଂଘ ସଭାପତି ତାଙ୍କୁ ଜିଲାପାଳଙ୍କ ଅନୁମତି ଆଣିବା ପାଇଁକହିଥିଲେ। ଫଳରେ ଆଈ ଓ ଅଜାଙ୍କ ସହ ଅମର ଜିଲାପାଳଙ୍କ ନିକଟକୁ ଯାଇଥିଲେ। ହେଲେ ଜିଲାପାଳଙ୍କୁ ଦେଖା ନ ପାଇ ଅମର ନିରାଶ ହୋଇ ଫେରିଥିବା ଜଣାପଡ଼ିଛି।

ପୂର୍ବରୁ ଗତ ୨୮ ତାରିଖରେ ପୂଜାକୁ ଦେଖା କରିବା ପାଇଁ ଅମର ଆସିଥିଲେ। ତାଙ୍କ ନିକଟରେ କୌଣସି ପରିଚୟ ପତ୍ର ନ ଥିଲା। ସେଠାରେ ସେ ଦେଖାକରିବାକୁ ଜିଦ୍ ଧରିବା ଓ ବାହା ହେବାକୁ ଅଡ଼ି ବସିବା ସହ ନାରୀ ସଂଘ ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ଖବରପାଇ ସହଦେବଖୁଣ୍ଟା ଥାନା ପୋଲିସ ପହଞ୍ଚି ଅମରଙ୍କୁ ଥାନାକୁ ନେଇଥିଲେ। ତଦନ୍ତ କରି ସାରିବା ପରେ ତାଙ୍କୁ ଛାଡ଼ି ଦେଇଥିଲେ। ବୁଧବାର ସେ ନିଜର ଆଧାର କାର୍ଡ ଓ ପାନକାର୍ଡ ନେଇ ଅଜା, ଆଈଙ୍କ ସହ ନାରୀସଂଘକୁ ଆସିଥିଲେ।

# ଶ୍ରମିକ ନୁହେଁ ମାଲିକ, ପୁଞ୍ଜିପତିଙ୍କ ସ୍ୱାର୍ଥ ସାଧନ

ଭୁବନେଶ୍ୱର,୩।୧୨(ସୁନିତ୍ ମିଶ୍ର)


■ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ପାରିତ
■ ବାଚସ୍ପତି ତାଙ୍କ ଚେୟାରରେ ୫ ଘଣ୍ଟା ଏକକାଳୀନ ବସିପାରୁଛନ୍ତି ତ: ରଣେନ୍ଦ୍ର
■ ମହିଳାଙ୍କ ସୁରକ୍ଷା ପାଇଁ କ'ଣ ବ୍ୟବସ୍ଥା ଅଛି ସେକଥା ଉଲ୍ଲେଖ ହେଲାନି: ଧ୍ରୁବ

ବିଧାନସଭାରେ ବୁଧବାର ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ପାରିତ ହୋଇଯାଇଛି। ହେଲେ ଏହି ବିଲ୍ ଉପରେ ଆଲୋଚନା ସମୟରେ ଶାସକ ଦଳ ଉପରେ ବିରୋଧୀ ପ୍ରବଳ ବର୍ଷିଛନ୍ତି। ଏହାଦ୍ୱାରା ସାଧାରଣ ଗରିବ ଏବଂ ବିଶେଷକରି ଆଦିବାସୀ ଓ ଶ୍ରମିକମାନେ ଶୋଷଣ ହେବା ସହ ବଡ଼ କମ୍ପାନୀଗୁଡ଼ିକୁ ଲାଭ ଦେବା ଉଦ୍ଦେଶ୍ୟରେ ଅଣାଯାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଶ୍ରମମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ କିନ୍ତୁ ବିରୋଧୀ ସରକାର କିଛି ଜନମଙ୍ଗଳକାରୀ କାର୍ଯ୍ୟକଲେ କାହିଁକି ସହିପାରୁ ନାହାନ୍ତି ବୋଲି ପାଲଟା ଉତ୍ତର ରଖିଛନ୍ତି।

ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ସରକାର ଓଡ଼ିଶା ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ(ସଂଶୋଧନ) ଆଇନ-୧୯୫୬ରେ ସଂଶୋଧନ କରିବାକୁ ଚେଷ୍ଟା କରିଛନ୍ତି। ସେଥିଲାଗି ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଆଣିଛନ୍ତି। ପୂର୍ବ ଆଇନ ଅନୁଯାୟୀ ଏହି ଆଇନ ୨୦ କିମ୍ବା ତା'ଠାରୁ ଅଧିକ କର୍ମଚାରୀ ବା ଶ୍ରମିକ ଥିବା ଦୋକାନ ବା ବ୍ୟବସାୟିକ ପ୍ରତିଷ୍ଠାନରେ ହିଁ ଏହା ଲାଗୁହେବ। ୨୦ରୁ କମ୍ କର୍ମଚାରୀ ବା ଶ୍ରମିକ ନିୟୋଜିତ ଥିବା ଦୋକାନ ବା ବ୍ୟବସାୟିକ ପ୍ରତିଷ୍ଠାନ ଏହି ଆଇନରେ ରହିଥିବା ଅଧିକାରରୁ ବଞ୍ଚିତ ହେବେ। ସମସ୍ତେ ଜାଣନ୍ତି ବହୁ ବଡ଼ ବଡ଼ ସଂସ୍ଥା ଓଡ଼ିଶାରେ ଅଛନ୍ତି ଯେଉଁମାନେ ସେମାନଙ୍କ ଅନେକ କାର୍ଯ୍ୟ ସବ୍ ଟେଣ୍ଡରରେ କଣ୍ଟ୍ରାକ୍ଟରଙ୍କୁ ଦେଇଦିଅନ୍ତି। ସେମାନେ ଏଣିକି ୧୯ ଜଣ କର୍ମଚାରୀ ବା ଶ୍ରମିକଙ୍କୁ ରଖି ଏହି ଆଇନ ପରିସରଭୁକ୍ତ ନ ହୋଇ ଖଟାଇ ଚାଲିବେ। ଏହା କାହାକୁ ଲାଭ ଦେବ ଶ୍ରମିକ ନା ପୁଞ୍ଜିପତିମାନଙ୍କୁ ସୁହାଇବ ବୋଲି ରଣେନ୍ଦ୍ର ପ୍ରଶ୍ନ କରିଛନ୍ତି। ସେହିପରି ରଣେନ୍ଦ୍ର ଆହୁରି କହିଛନ୍ତି, ଏହି ବିଲ୍‌ରେ ଆଉ ଗୋଟେ ଗୁରୁତ୍ୱପୂର୍ଣ୍ଣ ବିଷୟ ଉଲ୍ଲେଖ କରାଯାଇଛି। ଜଣେ କର୍ମଚାରୀ ବା ଶ୍ରମିକ ଆଗରୁ ୫ ଘଣ୍ଟା କାମ କରିବା ପରେ ୩୦ ମିନିଟ୍ ପାଇଁ ବିଶ୍ରାମ କରିପାରିବାର ବ୍ୟବସ୍ଥା ଥିଲା। ତାକୁ ବର୍ତ୍ତମାନ ୬ ଘଣ୍ଟାକୁ ବୃଦ୍ଧି କରାଯାଇଛି। ବାଚସ୍ପତି ମହୋଦୟା ଆପଣ ଏକକାଳୀନ ସେଇ ଚେୟାରରେ ୫ ଘଣ୍ଟା ବସିପାରୁଛନ୍ତି ନା ନାହିଁ ବିଚାର କରିପାରିବେ। ମଝିରେ ମଝିରେ ଆପଣ ଅସୁସ୍ଥ ଅନୁଭବ କରିବାପରେ ବିଜୁଳି ଭାଇ ଯାଇ ବସୁଛନ୍ତି ବୋଲି ସେ କହିଥିଲେ।

ବିଜେଡି ସଦସ୍ୟ ଗଣେଶ୍ୱର ବେହେରା କହିଛନ୍ତି, ସରକାର ଏହି ସଂଶୋଧିତ ବିଲ୍ ଦ୍ୱାରା ଶ୍ରମିକ ଓ କର୍ମଚାରୀଙ୍କୁ ଶୋଷଣ ଲାଗି ସମ୍ପୂର୍ଣ୍ଣ ବାଟ ଫିଟାଇବାକୁ ଚାହୁଁଛନ୍ତି। କାରଣ ପୂର୍ବ ଆଇନରେ ବିଭିନ୍ନ ଦୋକାନ ବା ବ୍ୟବସାୟିକ ପ୍ରତିଷ୍ଠାନରେ ଶ୍ରମିକଙ୍କୁ ଦୈନିକ ୮ରୁ ୯ ଘଣ୍ଟା ଖଟାଇପାରିବେ ବୋଲି ଉଲ୍ଲେଖ ଥିବାବେଳେ ବର୍ତ୍ତମାନ ସରକାର ଆଣିଥିବା ବିଲ୍ ଦ୍ୱାରା ସେହି ସମୟ ଅବଧିକୁ ୧୦ ଘଣ୍ଟାକୁ ସଂଶୋଧିତ କରାଯାଇଛି ଅର୍ଥାତ୍ ଏହି ଆଇନ କାର୍ଯ୍ୟକାରୀ ହେଲେ ଏସବୁ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ମାଲିକମାନେ ସମାନ ମଜୁରିରେ ଦୈନିକ ଅତିରିକ୍ତ ୧ରୁ ୨ ଘଣ୍ଟା ପର୍ଯ୍ୟନ୍ତ ଖଟାଇପାରିବେ। ଏହାଦ୍ୱାରା ସରକାର ଶ୍ରମିକ ନୁହେଁ ବରଂ ମାଲିକ ଶ୍ରେଣୀ ବା ପୁଞ୍ଜିପତିମାନଙ୍କ ସ୍ୱାର୍ଥ ସାଧାନ କରିବାକୁ ଯାଉଛନ୍ତି। ସରକାର ଗୋଟେ କଥା ସ୍ପଷ୍ଟ କରନ୍ତୁ ଯେଉଁ ଦୋକାନୀ ବା ବ୍ୟବସାୟିକ ପ୍ରତିଷ୍ଠାନ ଅଧିକ ୨ ଘଣ୍ଟା ଶ୍ରମିକ ବା କର୍ମଚାରୀଙ୍କୁ ଖଟାଇବେ ତା'ର ତଥ୍ୟ ରଖିବାକୁ ରେଜିଷ୍ଟର କିମ୍ବା କୌଣସି ବାୟୋମେଟ୍ରିକ ବ୍ୟବସ୍ଥା ଲାଗୁ କରିବାର କଡ଼ାକଡ଼ି ବ୍ୟବସ୍ଥା ରଖିଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେଡି ସଦସ୍ୟ ଧ୍ରୁବ ଚରଣ ସାହୁ କହିଛନ୍ତି, ମହିଳାମାନଙ୍କୁ ରାତିରେ କାମ କରିପାରିବେ ବୋଲି ଯେଉଁ ବ୍ୟବସ୍ଥା କରିଛନ୍ତି, ଏହା ଏକ ବଡ଼ ସମସ୍ୟା ସୃଷ୍ଟି କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ମହିଳାମାନେ ରାତିରେ କାମ କଲେ ସେମାନଙ୍କ ଲାଗି କ'ଣ ସବୁ ସେଫ୍‌ଟି ମେଜର ବ୍ୟବସ୍ଥା କରାଯାଇଛି ସେସବୁ ସମ୍ପର୍କରେ ବିଲ୍‌ରେ ସ୍ପଷ୍ଟ ଉଲ୍ଲେଖ କରାଯାଇ ନାହିଁ।

ଅନ୍ୟମାନଙ୍କ ମଧ୍ୟରେ ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ, ସନ୍ତୋଷ ଖଟୁଆ, ଦୁଷ୍ମନ୍ତ ନାଏକ ଏବଂ ଜୟ ଡୋଲକିଆ ପ୍ରମୁଖ ଆଲୋଚନାରେ ଭାଗନେଇ ସରକାର ଆଣିଥିବା ଆଇନକୁ ସମର୍ଥନ କରିବା ସହ ବିରୋଧୀ ଉଠାଇଥିବା ପ୍ରସଙ୍ଗ ଉପରେ କଡ଼ା ଜବାବ ରଖି ସମର୍ଥନ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୧୫ତମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ, ସ୍ଥାନ: ଚନ୍ଦ୍ରଭାଗା ବିଚ୍, ସମୟ: ସକାଳ ୯ଟା।
- କେନ୍ଦ୍ରୀୟ ଟ୍ରେଡ ୟୁନିୟନ୍ ମିଳିତ ମଞ୍ଚ ପକ୍ଷରୁ ଗଣଧାରଣା, ସ୍ଥାନ: ଗାନ୍ଧୀମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସାର୍ବଜନୀନ ପାଠାଗାର ସମ୍ମିଳନୀ ୨୦୨୫ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ୩୬ତମ କୋଣାର୍କ ଉତ୍ସବ, ସ୍ଥାନ: ଓପନ୍ ଏୟାର୍ ଅଡିଟୋରିୟମ୍, କୋଣାର୍କ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଗୋପମଥୁରା ମହାଲକ୍ଷ୍ମୀ ପୂଜା ମହୋତ୍ସବ ଉଦଘାଟନ, ସ୍ଥାନ: ଗୋପମଥୁରା ବକୁଳ ମଣ୍ଡପ, ବଡ଼ମ୍ବା, ସମୟ ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଶଙ୍ଖାମେରୀ ଗୋପୀନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣ, ବଡ଼ମ୍ବା, ସମୟରେ ଅପରାହ୍ନ ୫ଟା।
- ରତାପାଟ ମହାଲକ୍ଷ୍ମୀ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ରତାପାଟ, ବଡମ୍ବା, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଆଇନଗତ ପୋଷ୍ୟସନ୍ତାନ ସମ୍ପର୍କିତ ତାଲିମ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ପରମିଟ୍ ଫିଲ୍ଡ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରାଜଘାଟ ଛକ, ଭଦ୍ରକ, ସମୟ: ସକାଳ ୮ଟା।
- ତିହିଡି କଲେଜ ପ୍ରତିଷ୍ଠାତା ସମ୍ପାଦକଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଯୁକ୍ତ ୨ କଲେଜ ପରିସର, ତିହିଡି, ସମୟ: ପୂର୍ବାହ୍ନ ୧୦ଟା।
- ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।
- ସାନ୍ତାଳୀ ସଙ୍ଗୀତ ପରିବେଷଣ,ସ୍ଥାନ:ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ ବାରିପଦା,ସମୟ:ସନ୍ଧ୍ୟା ୭ଟା।

## କନ୍ଧମାଳ

- ଆଦିବାସୀ ମହାବିଦ୍ୟାଳୟର ୩୮ ତମ ବାର୍ଷିକ କ୍ରୀଡା, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ, ବାଲିଗୁଡ଼ା, ସମୟ: ସକାଳ ୯ ଟା ୩୦ ।

## ଅନୁଗୋଳ

- ମାଣବସା ଲକ୍ଷ୍ମୀପୂଜାର ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକ ଲିପିଲୋଇ ଗ୍ରାମ, ସମୟ: ସକାଳ ୭ ଟା।
- ମାଣବସା ଲକ୍ଷ୍ମୀ ପୂଜା ଉପଲକ୍ଷେ ଚୁଡ଼ାଖାଇ ଯାତ୍ରା, ସ୍ଥାନ: ଆଠମଲ୍ଲିକ କମ୍ପଲା ଗ୍ରାମ, ସମୟ :ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ସାଂସ୍କୃତିକ ମହୋତ୍ସବ ଷଷ୍ଠ ସନ୍ଧ୍ୟାରେ ପୋର୍ଟ ମେଡ଼ିକାଲ ଟିମ୍ ପକ୍ଷରୁ ନାଟକ ଭାଲୁ ମଞ୍ଚସ୍ଥ, ସ୍ଥାନ: ଜୟଦେବ ଭବନ, ବଡପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ ଟା।

## କେନ୍ଦ୍ରାପଡ଼ା

- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ଅଙ୍ଗୁଳାଇ ମିନି ଷ୍ଟାଡିୟମ, ମାର୍ଶାଘାଇ, କୋରୁଆ ହାଇସ୍କୁଲ ପଡିଆ, ଗରଦପୁର, ସମୟ: ସକାଳ ୯ଟା।
- ନୂତନ ଭାରତ, ଜାଗ ଔର ଜଗା ଓ ଅଭିଯାନରେ ହିନ୍ଦୁରାଷ୍ଟ୍ର ଘୋଷଣା ପାଇଁ ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମ, ସ୍ଥାନ: ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ମାଣବସା ପର୍ବ ଉଦ୍‌ଯାପିତ, ସ୍ଥାନ:ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ଗୋକୁଳାନନ୍ଦପୀଠ, ସମୟ: ସକାଳ ୬ଟା ।
- ଘୋଡଲାଗି ପର୍ବର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ଅଷ୍ଟମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର,ସମୟ: ସକାଳ ୭ଟା୩୦ ।

## ନବରଙ୍ଗପୁର

- ଖବରଦାତାଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବିମା କାର୍ଡ ବିତରଣ, ସ୍ଥାନ: ନବରଙ୍ଗପୁର ଡିଆଇପିଆର୍‌ଓଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଉମରକୋଟ ରାମ ଲକ୍ଷ୍ମଣ ଇଣ୍ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପରିଷଦ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ: ନବରଙ୍ଗପୁର ଜିଲା ପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ୩୦ତମ ଜାତୀୟ ରୋଡ ସାଇକ୍ଲିଂ ଚାମ୍ପିୟନଶିପର ତୃତୀୟ ଦିବସ, ସ୍ଥାନ : ବାଟମଙ୍ଗଳା ମନ୍ଦିର, ସମୟ : ପୂର୍ବାହ୍ନ ୯ଟା ।
- ମୁଣ୍ଡା ସମାଜର ବୈଠକ, ସ୍ଥାନ : ଜିଲା ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ।
- ପିଏମ୍ ସୂର୍ଯ୍ୟଘର– ମାଗଣା ବିଜୁଳି ଯୋଜନା କାର୍ଯ୍ୟକ୍ରମ, ସ୍ଥାନ : ମାନେଶ୍ୱର ବ୍ଲକ ଅର୍ନ୍ତଗତ ତକବା ଗ୍ରାମ, ସମୟ : ଅପରାହ୍ନ ୧ଟା ।
- ସାରେ ଯାହାଁ ସେ ଆଚ୍ଛା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଲଳିତ କଳା ଏକାଡେମୀ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ।

## ବଲାଙ୍ଗୀର

- ବୈଶାଖୀ ନାଟ୍ୟ ମହୋତ୍ସବ–୨୦୨୫ ଦ୍ୱିତୀୟ ଦିବସ, ସ୍ଥାନ: ବୁର୍ଡା ରାଧାକୃଷ୍ଣ ମଣ୍ଡପ, ଲୋଇସିଂହା ବ୍ଲକ, ସମୟ: ସନ୍ଧ୍ୟା ୬ଟା ୩୦।

## ରାଉରକେଲା

- ବାଟ ମା'ମଙ୍ଗଳା ଜନ୍ମଉତ୍ସବ, ସ୍ଥାନ: ଜଗଦା, ସମୟ: ସକାଳ ୮ଟା।
- ଇସ୍ପାତ ନାଟ୍ୟମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ସିଭିକସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫ ।

## ସୁନ୍ଦରଗଡ଼

- ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର,ସ୍ଥାନ: ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ୧୦ଟା।

## ବରଗଡ଼

- ମହାଲକ୍ଷ୍ମୀ ପୂଜା, ସ୍ଥାନ: ସାହୁପଡା ଛକ, ଗାଇସିଲେଟ୍, ସମୟ: ସକାଳ ୯ଟା।
- ମହାଲକ୍ଷ୍ମୀ ପୂଜା ଅବସରରେ କଳସଯାତ୍ରା, ସ୍ଥାନ: କନ୍ଦୁମୁଣ୍ଡା, ଗାଇସିଲେଟ, ସମୟ: ସକାଳ ୯ଟା।
- ଜୀବ ବିଜ୍ଞାନ ବିଭାଗର ଜାତୀୟ ସେମିନାର, ସ୍ଥାନ: ପଞ୍ଚାୟତ କଲେଜ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଏସିସି କ୍ରୀଷ୍ଟା ବିକାଶ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସିମେଣ୍ଟ ନଗର, ବରଗଡ଼, ସମୟ: ଅପରାହ୍ନ ୪ଟା ୩୦।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରିଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ୍ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁବ ମହୋତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ସକାଳ ୯ଟା।
- ଅଧିବକ୍ତା ପରିଷଦ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ସମ୍ବିଧାନ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ସୁନାବେଡା ଅଭୟାରଣ୍ୟ ଭିତରେ ମା' ବୁଢିମା' ଯାତ୍ରା, ସ୍ଥାନ: କୋମନା ବ୍ଲକ ସୁନାବେଡା ପଞ୍ଚାୟତ ଜାମଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନୂତନ ଗୃହ ପ୍ରବେଶ ଉତ୍ସବ, ସ୍ଥାନ: ପିଏଚ୍‌ଡି କଲୋନି ଖଡିଆଳ, ସମୟ: ପୂର୍ବାହ୍ନ ୧୧ଟା।
- ୩ୟ ଫୁଟ୍‌ବଲ ମହାକୁମ୍ଭ ଫାଇନାଲ ମ୍ୟାଚ୍, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଖଡିଆଳ, ସମୟ: ଅପରାହ୍ନ ୩ଟା।
- ଲକ୍ଷ୍ମୀପୂଜା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: କୋମନା ବ୍ଲକ ତରବୋଡ ବସ୍ତିପଡ଼ା, ସମୟ: ରାତି ୮ଟା।
- ଲକ୍ଷ୍ମୀପୂଜା ଅବସରରେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ, ସମୟ: ରାତି ୮ଟା।
- ୨୨ତମ ମାଣବସା ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଡୁମେରଯୋର ଗାଁ, ସମୟ: ରାତି ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ର ବୈଷୟିକ ସୁଖ, ସମ୍ପଦର ଅଭିବୃଦ୍ଧିଜନିତ ପ୍ରଫୁଲ୍ଲତା ଅନୁଭବ କରିବେ। ଦୂରଯାତ୍ରାର ସୁଯୋଗ ପାଇବେ ମାତ୍ର ରାସ୍ତାରେ କୌଣସି ବ୍ୟକ୍ତିଙ୍କ ସହ ବିରୋଧୀ ହୋଇପାରନ୍ତି। ଆଜି ହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ।

**ବୃଷ** ଦୈହିକ ସୁସ୍ଥତା ସାଙ୍ଗକୁ ମାନସିକ ସ୍ଥିତି ମଧ୍ୟ ଭଲ ରହିବ। ବନ୍ଧୁଙ୍କ ସହ ଆଲୋଚନା ପରିସରରେ ବିନୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ହାଲୁକା କରିବେ। କୃତ୍ତିକା ନକ୍ଷତ୍ରର ଆର୍ଥିକ ଅଭିବୃଦ୍ଧି ସହ ବନ୍ଧୁମିଳନ ମାଧ୍ୟମରେ ଦିନଟି ଅତିବାହିତ କରିବେ। ମତାନ୍ତର ଜନିତ କର୍ମ ଓ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଉପୁଜିପାରେ।

**ମିଥୁନ** ସାଧାରଣ କଥାକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ ଅନ୍ୟଥା ଆପଣ ହିଁ ସମସ୍ୟାର କେନ୍ଦ୍ରବିନ୍ଦୁ ହୋଇ ପଡିବେ। ଆଗାମୀ ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବଢ଼ିପାରେ। ଆର୍ଦ୍ରା ନକ୍ଷତ୍ରର କଚେରି ମାମଲା କ୍ଷେତ୍ରରେ ନୈରାଶ୍ୟଜନକ ସ୍ଥିତି ଦୂରେଇଯିବ।

**କର୍କଟ** କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ଭ୍ରମଣ ସୁଖ, ବନ୍ଧୁଙ୍କ ଆତିଥ୍ୟ ପ୍ରଦାନ ଯୋଗୁ ଖୁସି ରହିବେ। ଅତି ନିକଟରେ ରହୁଥିବା ମିତ୍ରମାନେ କିଛି ପାଇବା ଆଶାରେ ପ୍ରଶଂସା ଗାନ କରିପାରନ୍ତି। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବିବାଦୀୟ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ନୀରବ ରହିବାକୁ ବାଧ୍ୟ ହେବେ।

**ସିଂହ** ଆଜିର ଗ୍ରହସ୍ଥିତି ଏକାଧାରରେ ଅର୍ଥ, ସମ୍ମାନ ଓ ନୂତନ ସମ୍ପର୍କ ସୃଷ୍ଟିରେ ସାହାଯ୍ୟ କରିବ। ଅତୀତ ଘଟଣାର ସମୀକ୍ଷା କରି ଭାବବିହ୍ୱଳ ହେବା ସାଙ୍ଗକୁ ପ୍ରକୃତ ଉଦ୍ଦେଶ୍ୟକୁ ଉପସ୍ଥାପିତ କରିପାରିବେ ନାହିଁ। ପରୀକ୍ଷା, ସାହିତ୍ୟ ସାଧନା କ୍ଷେତ୍ରରୁ ପ୍ରଶଂସିତ ହେବେ। ଉତ୍ତରା ଫାଲଗୁନୀ ନକ୍ଷତ୍ରର ପାରିବାରିକ ସମସ୍ୟା ଦୂର ହେବାର ସୂଚନା ରହିଛି ।

**କନ୍ୟା** ଦୀର୍ଘଦିନର ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ହେବାରୁ ସାମୟିକ ଖୁସି ରହିବେ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ହସ୍ତା ନକ୍ଷତ୍ରର କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ରାଦି କ୍ଷେତ୍ରରେ ଥିବା ସମସ୍ୟା ସୁଧୁରି ଯିବ। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇ ବିବାଦ ଭିତରକୁ ଟାଣି ହୋଇପାରନ୍ତି।

**ତୁଳା** ସ୍ୱାତୀ ନକ୍ଷତ୍ର ସକାଶେ ପାରିବାରିକ ସଦ୍ଭାବ ଅକ୍ଷୁଣ୍ଣ ରହିବ ମାତ୍ର ନିଜକୁ ଟିକିଏ ନରମି କହିବାକୁ ପଡ଼ିପାରେ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆପଣଙ୍କ କାମରେ ସହଯୋଗ ମଧ୍ୟ କରିବେ। ନିର୍ମାଣ କିମ୍ବା କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ଟଙ୍କା, ପଇସାର ଘୋର ଅଭାବ ପରିଲକ୍ଷିତ ହୋଇପାରେ ।

**ବିଛା** ଉଚ୍ଚରାଶିସ୍ଥ ଚନ୍ଦ୍ର ପ୍ରଭାବରେ ଆଜି ଯେଉଁ କାମରେ ହାତଦେବେ ସଫଳତା ପାଇବେ। ଲୋକସମ୍ପର୍କ ବୃଦ୍ଧି ପାଇବାରେ ନିଜ ଲୋକ ପ୍ରତିବନ୍ଧକ ସୃଷ୍ଟି କରିବେ। କର୍ମକ୍ଷେତ୍ରରେ ଥିବା ସମୟରେ ବନ୍ଧୁଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଘରୋଇ ସମସ୍ୟା ପ୍ରସଙ୍ଗରେ ପର କଥାରେ ଘର ଲୋକଙ୍କୁ ଭୁଲ୍ ବୁଝିବେ।

**ଧନୁ** ବନ୍ଧୁଙ୍କ ଆହ୍ୱାନ କ୍ରମେ ଶୁଭକାର୍ଯ୍ୟରେ ଯୋଗଦେବାର ସୂଚନା ରହିଛି। ରାଜନୀତି, ପ୍ରକାଶନ, ଗବେଷଣା ଓ ଆନୁଷ୍ଠାନିକ କିମ୍ବା ଧାର୍ମିକ କାର୍ଯ୍ୟ ସକାଶେ ସମୟ ଦେଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ ସଭା ସମିତିରେ ସୁନାମ ଅର୍ଜନ କରିବେ। ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ଆଜି ଅର୍ଥ ଓ ପାରିବାରିକ କ୍ଷେତ୍ର ପୂର୍ବବତ୍ ଅକ୍ଷୁଣ୍ଣ ରହିବ।

**ମକର** ଆପଣଙ୍କ କଥା ଓ କାମରେ ତାଳମେଳ ନ ରହିବାରୁ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଭର୍ତ୍ସିତ ହେବେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଆଶା ପୂରଣ ହେବାରେ ବନ୍ଧୁ ସାହାଯ୍ୟ କରିବେ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ସଭାସମିତିରେ, ଆଲୋଚନା କ୍ଷେତ୍ରରେ, ଗଠନମୂଳକ କାମରେ ଶୁଭଫଳ ପାଇବେ।

**କୁମ୍ଭ** ପାରିବାରିକ ସମସ୍ୟା ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା ଓ ସନ୍ଦେହ କାରଣରୁ ନିଷ୍ପତ୍ତି ନେବାରେ ସମୟ ଲାଗିପାରେ। ଯାତ୍ରାସମୟରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ଅନୁତାପ କରିବାକୁ ପଡ଼ିବ। ଶତଭିଷା ନକ୍ଷତ୍ରର ବ୍ୟବସାୟ, ସଭାସମିତି, ନୂତନ କର୍ମାରମ୍ଭ ପାଇଁ ଅସୁବିଧା ହେବନାହିଁ।

**ମୀନ** ରେବତୀ ନକ୍ଷତ୍ର ନିଜେ କଷ୍ଟ ସ୍ୱୀକାର କଲେ ମଧ୍ୟ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସ୍ୱାର୍ଥ ସାଧନର ମସୁଧା କରି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ଆତ୍ମତୃପ୍ତି ଅନୁଭବ କରିପାରନ୍ତି।

ଆଜି ଡିସେମ୍ବର ୪ ତାରିଖ, ଭାରତୀୟ ନୌସେନା ଦିବସ, ମାର୍ଗଶିର ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପଣ୍ଡୁପୂର୍ଣ୍ଣିମା ଗୁରୁବାର, ଶ୍ରୀମନ୍ଦିରରେ ପଣ୍ଡୁ ନୃସିଂହ ବିଜେ, ପଣ୍ଡୁଓଷା, ମାଣବସା ଗୁରୁବାର ଶେଷପାଳି। ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ରାଶିନକ୍ଷତ୍ର–କୃତ୍ତିକା/ବୃଷ। ଦିବା ଘ.୦୨.୫୪ ଗତେ ରୋହିଣୀ ନକ୍ଷତ୍ର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୧୦ ଗତେ ଘ.୦୭.୩୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ. ୧୨.୫୮ ଗତେ ଘ. ୦୨.୧୯ ମଧ୍ୟେ ରାହୁ କାଳ ।

## ଗୁଳି ବିନିମୟରେ ୩ ଯବାନ ...

ପୋଲିସ ସୂଚନା ଅନୁଯାୟୀ ବିଜାପୁର ଜିଲା ଡିଆର୍‌ଜି, କୋବ୍ରା, ଏସ୍‌ଟିଏଫ୍ ଏବଂ ସିଆର୍‌ପିଏଫ୍ ବାହିନୀ ମିଳିତ ଭାବେ ବୁଧବାର ସକାଳେ ଗଙ୍ଗାଲୁର ଥାନା ନିକଟ ଜଙ୍ଗଲରେ କୋମ୍ବିଂ ଅପରେଶନ କରୁଥିଲେ। ଏହି ସମୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହେବାରୁ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ପୋଲିସ୍ ଗୁଳିରେ ବର୍ତ୍ତମାନ ସୁଦ୍ଧା ୧୨ଜଣ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ସେହିପରି ଏହି ଗୁଳି ବିନିମୟରେ ୩ଜଣ ଯବାନ ଶହୀଦ ହୋଇଥିବା ବେଳେ ୨ ଜଣ ଯବାନ ଆହତ ହୋଇଛନ୍ତି। ଆହତଙ୍କୁ ଉତ୍ତମ ଚିକିତ୍ସା ନିମନ୍ତେ ରାୟପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଛି । ତେଣୁ ମାଓବାଦୀଙ୍କ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଛତିଶଗଡ଼ ଆଇଜି ସୁନ୍ଦରରାଜ ପି ସୂଚନା ଦେଇଛନ୍ତି। କୋମ୍ବିଂ ଅପରେଶନ ସାରି ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ଆଇଜି ସୁନ୍ଦର ରାଜ ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଡ଼ି ବସିଛନ୍ତି ଗେହ୍ଲା ପୁଅ,**
**ବାଘ ଦୁଧ ଆଣି ଟୋପାଏ ଦିଅ ।**

ପୁଅ ହେଉକି ଝିଅ ପରିବାର ମଧ୍ୟରେ ଜଣେ ସନ୍ତାନ ଥିଲେ ଅଧିକ ଗେଲବସର ହୋଇଥାଏ। ଏପରି ସ୍ଥିତିରେ ତା'ର ଅଳି ନିର୍ବିଘ୍ନରେ ପୂରଣ ହୋଇଯାଉଥିବାରୁ ସେ ଟିକିଏ ଏକଜିଦିଆ ହୋଇଯାଇଥାଏ। ବେଶ୍ ଅଲିଅଳରେ ବଢ଼ିଆସିଥିବା ପୁଅ ଦୁର୍ମୂଲ୍ୟ ଦ୍ରବ୍ୟକୁ ହାତେଇବା ନେଇ ଅଡ଼ି ବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଣ୍ଟି ଛୁରି ତଣ୍ଟି କାଟେ।**

ବ୍ୟକ୍ତି ନିଜର ବ୍ୟବହାର ପାଇଁ ଛୁରିଟିକୁ ନିଜ ଅଣ୍ଟି ବା କମର ପାଖରେ ରଖିଥାଏ। ଏହାଦ୍ୱାରା ସେ ନିଜକୁ ଅନେକ ବିପତ୍ତିରୁ ରକ୍ଷା କରିପାରିଥାଏ। ତେବେ ବେଳେବେଳେ ସେହି ଛୁରିଟି ତା'ର ଅନେକ କ୍ଷତିସାଧନ କରୁଥିବା ଭଳି ଅତି ଆତ୍ମୀୟ ଲୋକ ନିଜର ଅନେକ ଅପକାର ବା କ୍ଷତି କରିଥାନ୍ତି। ଆତ୍ମୀୟ ବ୍ୟକ୍ତିର ବିଶ୍ୱାସଘାତକତା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ବିଧାନସଭାରେ ...

କରିଥିଲେ। ବୁଧବାର ଗୃହରେ 'ବ୍ୟାପକ ଅବ୍ୟବସ୍ଥାରେ ଚାଲିଛି ମଣ୍ଡି' ଶୀର୍ଷକ ମୁଲତବି ଆଲୋଚନା ଆରମ୍ଭକରି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ସରକାର ଚଳିତବର୍ଷ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ମୁଣ୍ଡରେ ଚାଳ ବାଜିବା ଭଳି ହେଲାଣି। ବରଗଡ଼ ଓ ପଶ୍ଚିମ ଓଡ଼ିଶାରୁ ଅଧିକ ଧାନ ସଂଗ୍ରହ ହୁଏ। ଏ ବର୍ଷ ଅଯାଚିତ ଭାବେ ଧାନକିଣା ପ୍ରକ୍ରିୟା ୧ ମାସରୁ ଅଧିକ ବିଳମ୍ବ ହୋଇଛି। ଚାଷୀ ପାଖରେ ଧାନ ରଖିବାକୁ ଜାଗା ନାହିଁ କି ଟଙ୍କା ନାହିଁ। ସେ ସାହୁକାରଠାରୁ ଯେଉଁ କରଜ କରି ଧାନଫସଲ କରିଥିବ ତାକୁ ଶୁଝିବା ପାଇଁ ସେ ତରତର। ଏହାର ସୁଯୋଗ ନେଇ ଦଲାଲ୍‌ମାନେ ୧୬୦୦ରୁ ୧୭୦୦ ଟଙ୍କାରେ କେତେଜଣ ଚାଷୀଙ୍କଠାରୁ ଧାନ କିଣିଲେଣି। ଏ କଥାକୁ ସରକାର ଗୁରୁତ୍ୱ ନ ଦେଇ କେତେ ଚାଷୀ ପଞ୍ଜୀକରଣ କଲେ, ସେଥିରେ ସରକାର ବାହାବା ନେବାକୁ ବସିଛନ୍ତି। ବରଗଡ଼ରେ ୫ ହଜାର ଚାଷୀ ଏପର୍ଯ୍ୟନ୍ତ ପଞ୍ଜୀକରଣ କରି ନାହାନ୍ତି। ସେମାନେ ଏବେ ଧାନ ବିକିବେ କେଉଁଠି ? ସରକାର କେତେ ଅଧିକ ଚାଷୀ ପଞ୍ଜୀକରଣ କଲେ ତାହାକୁ ଯେତିକି ଗୁରୁତ୍ୱ ଦେଉଛନ୍ତି, ଜଣେ ବି ଚାଷୀ ଯେପରି ଧାନ ବିକିବାରେ ହଇରାଣ ନ ହୁଅନ୍ତୁ ସେଥିପାଇଁ ଧ୍ୟାନଦେବାର ଆବଶ୍ୟକତା ରହିଛି। ସେ ପୁଣି କହିଥିଲେ, ପୂର୍ବରୁ ଗୋଟିଏ ପରିବାର ପାଇଁ ଜଣେ ବ୍ୟକ୍ତି ପଞ୍ଜୀକରଣ କରୁଥିବାବେଳେ ଏବେ ଯେତେ ଭାଇକୁ ସେତେଭାଗ ନ୍ୟାୟରେ ପଞ୍ଜୀକରଣ କରାଯାଉଥିବାରୁ ସଂଖ୍ୟା ବଢୁଛି। ହେଲେ ଚାଷଜମି ବଢ଼ିନାହିଁ। ବିଭାଗୀୟ ମନ୍ତ୍ରୀ ଚଳିତବର୍ଷ ଚାଷୀଙ୍କଠାରୁ କେତେ ଧାନ ସଂଗ୍ରହ କଲେଣି, କେତେ ଏମ୍‌ଏସ୍‌ପିରେ ଧାନ ସଂଗ୍ରହ କରିବେ ସେନେଇ ଏକ ସ୍ପଷ୍ଟ ଚିତ୍ର ରଖନ୍ତୁ। ଏହାସହିତ ମିଲର ଏବଂ ମଣ୍ଡି ଟ୍ୟାଗିଂ ପ୍ରକ୍ରିୟା କେତେଦୂର ହୋଇଛି, ଏଫ୍‌ସିଆଇ କେତେ ଚାଉଳ ଉଠାଇଛି ଏବଂ କେତେ ଉଠାଇବ, ତାହାର ମଧ୍ୟ ସ୍ପଷ୍ଟ ଉତ୍ତର ରଖିବାକୁ ସେ ଦାବି କରିଥିଲେ। ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, ତୋ ବାକ୍ୟ ତୁହି ରକ୍ଷାକର। କହିଥିଲ ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି। ଏବେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା କେତେ ଦେବ ତାହା ସ୍ପଷ୍ଟ କର ବୋଲି କହିଥିଲେ।

ପୂର୍ବ ସରକାର ସମୟରେ ମୋତେ ଘେରାଉ କରିଥିଲେ ଟୋକନ ବ୍ୟବସ୍ଥା ଉଠାଇଦିଅ। ଏବେ ପୂର୍ବ ସରକାର ବ୍ୟବସ୍ଥା ଠିକ୍ ଥିଲା ବୋଲି ସ୍ୱୀକାର କରିବେ କି ? କଟ୍‌ନି ଛଟ୍‌ନି ପାଇଁ କେଉଁ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବିଭାଗୀୟ ମନ୍ତ୍ରୀ ତାହାର ଉତ୍ତର ରଖିବାକୁ ସେ ଦାବି କରିଥିଲେ। ବିଜେଡି ସଦସ୍ୟ ପ୍ରଦୀପ ଦିଶାରୀ କଳାହାଣ୍ଡିରେ ଜିଲାପାଳ କେବଳ ଏଗ୍ରିମେଣ୍ଟ କରିଛନ୍ତି, ହେଲେ ଧାନକିଣା ଆରମ୍ଭ ହୋଇନାହିଁ ବୋଲି କହିଥିଲେ। କଂଗ୍ରେସ ସଦସ୍ୟ ଅଶୋକ ଦାସ ସରକାରଙ୍କ ପାଖରେ ଧାନ ସଂରକ୍ଷଣ କରିବାକୁ ଭଣ୍ଡାର ନ ଥିବାବେଳେ ଚଳିତବର୍ଷ କି ଯୋଜନା ରଖିଛନ୍ତି ତାହା ଜାଣିବାକୁ ଚାହିଁଥିଲେ।

ଅନ୍ୟପକ୍ଷେ ଭାଜପା ସଦସ୍ୟ ଅଶ୍ୱିନୀ ଷଡ଼ଙ୍ଗୀ କହିଥିଲେ, ଗତ ସରକାରରେ ଧାନ ଟଙ୍କା ପାଇବାକୁ ୧୫ରୁ ୨୦ ଦିନ ଲାଗୁଥିଲା। ଏବେ ୪୮ ଘଣ୍ଟାରେ ଚାଷୀ ଟଙ୍କା ପାଉଛନ୍ତି। ନୂଆପଡ଼ାରେ ବୋଧେ ବିରୋଧୀ କିଛି ଶିଖି ପାରିଲେ ନାହିଁ। ଏ ସରକାର ଉପରେ ଚାଷୀଙ୍କ ବିଶ୍ୱାସ ଅଛି। ଚାଷୀଙ୍କ ନାଁରେ ଦଲାଲି ବ୍ୟବସ୍ଥା ସମାପ୍ତ ହେବ। ମିଲର୍‌ଙ୍କ ପାଇଁ ଆପଣ ଗୋଦାମ କରୁ ନ ଥିଲେ, ଏବେ ସରକାର ଗୋଦାମ କରିବାକୁ ପ୍ରତିଶ୍ରୁତିବଦ୍ଧ। ଆଲୋଚନାରେ ସଦସ୍ୟ ସନତ୍ କୁମାର ଗଡ଼ତିଆ ଏବଂ ମାନସ କୁମାର ଦତ୍ତ ଭାଗ ନେଇଥିଲେ।

ମନ୍ତ୍ରୀ କୃଷ୍ଣଚନ୍ଦ୍ର ବିରୋଧୀଙ୍କୁ ଜବାବ ଦେଇ କହିଥିଲେ, ଚଳିତ ବର୍ଷ ଚାଷୀଙ୍କ ସୁବିଧା ପାଇଁ ଜିଲା ପ୍ରଶାସନକୁ ଟୋକନ ଅବଧି ନିର୍ଦ୍ଦିଷ୍ଟ ସମୟସୀମାଠାରୁ ୧୫ ଦିନ ପର୍ଯ୍ୟନ୍ତ ବଢ଼ାଇବା କ୍ଷମତା ଦିଆଯାଇଛି। ବିଗତବର୍ଷ ତୁଳନାରେ ୨୦୨୪–୨୫ରେ ୮୦ପ୍ରତିଶତ ଅଧିକ ଧାନ ସଂଗ୍ରହ କରାଯାଇଛି। ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ୧୪୦ କୋଟି ଟଙ୍କାର ଧାନ ସଫେଇ ଯନ୍ତ୍ର ଲଗାଯାଇଛି। କଟ୍‌ନି/ଛଟ୍‌ନି ବନ୍ଦ ପାଇଁ ମାନ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୩ଟି ଜିଲାରେ ୬ଟି ପାଣି ପଞ୍ଚାୟତକୁ ଧାନ ସଂଗ୍ରହରେ ସାମିଲ କରାଯାଇଛି। ବାଦ୍ ଚାଷୀଙ୍କ ପଞ୍ଜୀକରଣ କରାଯିବା ସହିତ ସରକାରୀ ପ୍ରୋତ୍ସାହନକୁ ନେଇ ଧାନ ସଂଗ୍ରହ ବଢ଼ିଛି ବୋଲି ମନ୍ତ୍ରୀ କହିଛନ୍ତି।

## ପଛଘୁଞ୍ଚା ଦେଲେ ....

ଦେଉଛନ୍ତି ବୋଲି କଂଗ୍ରେସ ନେତା ପଓ୍ୱନ ଖେରା ବୁଧବାର ଅଭିଯୋଗ କରିଥିଲେ। ସଞ୍ଚାର ସାଥୀ ଆପ୍ ସଂଯୋଗ ଲାଗି ସରକାରଙ୍କ ନିର୍ଦ୍ଦେଶ ନାଗରିକମାନଙ୍କ ପ୍ରିଭେସି ଅଧିକାର ଉପରେ ଏକଛତ୍ରବାଦ ଏବଂ ଉଲ୍ଲଂଘନ ବୋଲି କଂଗ୍ରେସ କହିବା ସହ ଏହାକୁ ଏକ ସ୍ନୁପିଙ୍ଗ (ଗୁପ୍ତଚରଗିରି) ଆପ୍ ବୋଲି କହିଥିଲା। ଏହାକୁ ତୁରନ୍ତ ଫେରାଇ ନେବା ଲାଗି ବିରୋଧୀ ଦଳ ଦାବି କରିଥିଲା। ସଞ୍ଚାର ସାଥୀ ଏକ ସ୍ନୁପିଙ୍ଗ ଆପ୍ ଏବଂ ଏହା କୌତୂହଳପ୍ରଦ। ନାଗରିକମାନଙ୍କ ପ୍ରିଭେସି ଅଧିକାର ରହିଛି। ପରିବାର ଓ ବନ୍ଧୁମାନଙ୍କୁ ବାର୍ତ୍ତା ପଠାଇବାର ପ୍ରିଭେସି ଅଧିକାର ପ୍ରତ୍ୟେକଙ୍କର ରହିଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଖବରଦାତାମାନଙ୍କୁ ମଙ୍ଗଳବାର କହିବା ସହ ସରକାର ଦେଶକୁ ଏକଛତ୍ରବାଦ ଆଡ଼କୁ ନେଇଯାଉଥିବା କହିଥିଲେ। ସଞ୍ଚାର ସାଥୀ ପ୍ରସଙ୍ଗକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ସରକାରଙ୍କୁ କଡ଼ା ସମାଲୋଚନା କରି କହିଥିଲେ, ଲୋକଙ୍କ ସ୍ୱରକୁ ଚାପିଦେବା ପାଇଁ ଭାଜପାର ଏହା ଆଉ ଏକ ଉଦ୍ୟମ, ଯାହା ଏକଛତ୍ରବାଦ ସଦୃଶ। ଜୋର୍‌ଦାର ବିରୋଧ ହେବା ପରେ ଟେଲିକମ୍ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଥିଲେ, ଏହି ଆପ୍ ଦ୍ୱାରା ଗୁପ୍ତଚରଗିରି ହେବାର ସମ୍ଭାବନା ନାହିଁ। ଆପ୍‌ରେ ଏହା ହୁଏ ନାହିଁ। ଉକ୍ତ ଆପ୍‌କୁ ଡିଲିଟ୍ କରାଯାଇପାରିବ ବୋଲି ମନ୍ତ୍ରୀ କହିଥିଲେ।

## ଫେବୃଆରୀ ୧୮ରୁ ...

ଲାଇଭ୍ ଷ୍ଟ୍ରିମିଂ ଏବଂ ୱେବ୍ କାଷ୍ଟିଂର ବ୍ୟବସ୍ଥା କରାଯିବ। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବାଧ୍ୟତାମୂଳକ କରାଯାଇଛି। ପ୍ରଥମଥର ପାଇଁ ଏଆଇ ସର୍ଭେଲାନ୍ସରେ ୨୧୦ ପରୀକ୍ଷା ହବ୍ ରହିବ ଓ ପ୍ରାକ୍ଟିକାଲ ପରୀକ୍ଷାର ସୁପରିଚାଳନା ପାଇଁ ଲାଇଭ୍ ଷ୍ଟ୍ରିମିଂ ଏବଂ ୱେବ୍ କାଷ୍ଟିଂ ହେବ, ଯାହାର ମନିଟରିଂ ସିଏଚ୍‌ଏସ୍‌ଇ ମୁଖ୍ୟାଳୟରୁ କରାଯିବ। ଆବଶ୍ୟକ ଅନୁସାରେ ପରୀକ୍ଷା କେନ୍ଦ୍ରଗୁଡିକୁ ବଢ଼ାଯିବାର ବ୍ୟବସ୍ଥା ରହିଛି ବୋଲି ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଯୁକ୍ତ୨ ପରୀକ୍ଷା ସରିବାର ୪୦ ଦିନ ଭିତରେ ରେଜଲ୍ଟ ପ୍ରକାଶ ପାଇବ। ପୋଲିସ ସୁରକ୍ଷା ବଳୟ ଭିତରେ ଫେବୃଆରୀ ୧୫ ସୁଦ୍ଧା ପରୀକ୍ଷା କେନ୍ଦ୍ରଗୁଡିକରେ ପ୍ରଶ୍ନପତ୍ର ପହଞ୍ଚିବ। କଡ଼ା ସୁରକ୍ଷା ଭିତରେ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଜିଲାସ୍ତରରେ ପରୀକ୍ଷା ପରିଚାଳନା ପାଇଁ ଅଧିକ ସ୍କ୍ୱାଡ୍ ବ୍ୟବସ୍ଥା କରାଯିବ। ଏଥିସହ ପଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ରହିବ। ପରୀକ୍ଷା କେନ୍ଦ୍ର ପରିସରକୁ କୌଣସି ଛାତ୍ରୀଛାତ୍ର ମୋବାଇଲ କିମ୍ବା ଇଲେକ୍ଟ୍ରୋନିକ୍ସ ଯନ୍ତ୍ର ନେଇପାରିବେ ନାହିଁ। ଯଦି କୌଣସି ପିଲା ପରୀକ୍ଷା ହଲ୍‌ରୁ ଗୋଟିଏ ମିନିଟ୍ ପୂର୍ବରୁ ବାହାରକୁ ଆସେ, ତେବେ ତାଙ୍କ ପାଖରୁ ପ୍ରଶ୍ନପତ୍ର ରଖାଯିବ। ଏହି ପରୀକ୍ଷା ପାଇଁ ମୋଟ ୪ ଲକ୍ଷ ୭୩୭ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। କଳାରେ ୨ ଲକ୍ଷ ୫୬ ହଜାର ୪୩, ବାଣିଜ୍ୟରେ ୨୪ ହଜାର ୫୩୩, ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୨୩୮ ଏବଂ ଧନ୍ଦାମୂଳକରେ ୫ ହଜାର ୯୨୩ ଛାତ୍ରୀଛାତ୍ର ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩ଲକ୍ଷ ୭୫ ହଜାର ୭୩୮ଜଣ ରେଗୁଲାର ଓ ୨୪ ହଜାର ୯୯୯ ଜଣ ଏକ୍ସ–ରେଗୁଲାର ପରୀକ୍ଷା ଦେବେ। ଡିସେମ୍ବର ୧୫ ସୁଦ୍ଧା ଛାତ୍ରୀଛାତ୍ରଙ୍କୁ ଆଡ୍‌ମିଟ କାର୍ଡ ପ୍ରଦାନ କରାଯିବ।

## ୧ ଡଲାର ମୂଲ୍ୟ ...

ଅଧିକାଂଶ ପ୍ରମୁଖ ମୁଦ୍ରା ତୁଳନାରେ ଆମେରିକୀୟ ଡଲାର ଶକ୍ତିଶାଳୀ ହେବା ଏବଂ ଅଶୋଧିତ ତେଲର ଅଧିକ ମୂଲ୍ୟ ମଧ୍ୟ ଟଙ୍କାର ଦୁର୍ବଳତା ପଛର କାରଣ। ଏଭଳିସ୍ଥଳେ ଆର୍‌ବିଆଇ ଡିସେମ୍ବର ୫ରେ ସୁଧ ହାର ନିଷ୍ପତ୍ତି ଘୋଷଣା କରିବାକୁ ଯାଉଛି ଏବଂ ସମ୍ଭାବ୍ୟ ସୁଧହାର ହ୍ରାସ ମୁଦ୍ରା ଉପରେ ଅଧିକ ଚାପ ସୃଷ୍ଟି କରିପାରେ ବୋଲି କୁହାଯାଉଛି।

କେତେଜଣ ବ୍ୟବସାୟୀ ଆଗକୁ ଟଙ୍କାର ମୂଲ୍ୟ ଆହୁରି ହ୍ରାସ ହୋଇ ୯୧ ସ୍ତରକୁ ଯିବାର ଆଶଙ୍କା କରୁଛନ୍ତି। ବିଶ୍ଳେଷକମାନେ ଚେତାଇ ଦେଇଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କର ନିର୍ଣ୍ଣାୟକ ହସ୍ତକ୍ଷେପ ନ ହେଲେ ଟଙ୍କା ମୂଲ୍ୟ ଅଧିକ ତଳକୁ ଖସିଯାଇପାରେ। ଟଙ୍କା ମୂଲ୍ୟକୁ ନେଇ ଚିନ୍ତା ବଢ଼ିଥିବାବେଳେ କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଭି. ଅନନ୍ତ ନାଗେଶ୍ୱରନ କହିଛନ୍ତି, ୨୦୨୬ ସୁଦ୍ଧା ମୁଦ୍ରାରେ ସୁଧାର ଆସିବା ସମ୍ଭାବନା ରହିଛି। ସରକାର ଆଶା କରୁଛନ୍ତି ଯେ, ମାଇକ୍ରୋ ଇକୋନୋମିକ ସ୍ଥିତି ଦୃଢ଼ ହେବ ଏବଂ ତାହା ଆସନ୍ତା ଆର୍ଥିକ ବର୍ଷ ମୁଦ୍ରାର ସ୍ଥିତି ସୁଧାରରେ ସହାୟକ ହେବ।

ସରକାର ଏଭଳି ଭାବେ ଆଶ୍ୱସ୍ତ ରହିଥିବା ବେଳେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ) ମାନେ ସକ୍ରିୟ ଭାବରେ ଇକ୍ୱିଟି ବିକ୍ରି କରୁଛନ୍ତି, ଯାହା ଟଙ୍କା ମୂଲ୍ୟ ହ୍ରାସରେ ସହଯୋଗ କରୁଛି। ବଜାର ବିଶେଷଜ୍ଞମାନେ ଡିସେମ୍ବର ୫ରେ ଆର୍‌ବିଆଇର ସୁଧ ହାର ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି, ଯେଉଁଥିରେ ସମ୍ଭାବ୍ୟ ହସ୍ତକ୍ଷେପର ସଙ୍କେତ ମିଳିପାରେ, କାରଣ କେତେଜଣ ବିଶ୍ଳେଷକଙ୍କ ମତରେ ଆରବିଆଇର ହସ୍ତକ୍ଷେପ ବର୍ତ୍ତମାନ ପର୍ଯ୍ୟନ୍ତ ସୀମିତ ରହିଛି।

## ମାଧୁରୀଙ୍କ ପାଇଁ ...

ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍ ନେନେଙ୍କୁ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତି କରାଯାଇଛି, ଯାହାଦ୍ୱାରା ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ କଳା ଓ ସୁନାମ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚିପାରିବ। ଏହାଫଳରେ ଓଡ଼ିଶା ବୁଣାକାରମାନଙ୍କ ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ ବୋଲି ମନ୍ତ୍ରୀ ବଳସାମନ୍ତ କହିଛନ୍ତି।

# ହ୍ୱାଟ୍‌ସ ଆପ୍, ଟେଲିଗ୍ରାଫ୍‌ରେ ପଠାଯାଇଥିଲା ପ୍ରଶ୍ନପତ୍ର

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

■ ୨ ଦିନିଆ ରିମାଣ୍ଡ ସରିବା ପରେ ଜେଲ ଗଲେ ଅରବିନ୍ଦ

■ ଶଙ୍କର, ମୁନା, ସୁରେଶଙ୍କୁ ୫ଦିନିଆ ରିମାଣ୍ଡ ପାଇଁ ଆବେଦନ

ଭୁବନେଶ୍ୱର,୩।୧୨(ତ୍ରିନାଥ ମହାନ୍ତି)

ପୋଲିସି ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ୨ଦିନିଆ ରିମାଣ୍ଡରେ ଆସିଥିବା ଅରବିନ୍ଦ ଦାସଙ୍କ ରିମାଣ୍ଡ ଅବଧି ଶେଷ ହୋଇଛି। ବୁଧବାର ଅପରାହ୍ନରେ ସିବିଆଇ କୋର୍ଟରେ ଅରବିନ୍ଦଙ୍କୁ ହାଜର କରିବା ପରେ କୋର୍ଟ ତାଙ୍କୁ ପୁଣି ଝାରପଡ଼ା ଜେଲକୁ ପଠାଇ ଦେଇଛନ୍ତି। ରିମାଣ୍ଡ ସମୟରେ ସିବିଆଇ ତାଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିବାବେଳେ ଏହି ଆଧାରରେ ତଦନ୍ତ ଆଗକୁ ବଢିଛି। ପରୀକ୍ଷା ପୂର୍ବରୁ ଏକାଧିକ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଦିଆଯାଇଥିବା ସିବିଆଇ ଜାଣିବାକୁ ପାଇଛି। ବହୁ ପରୀକ୍ଷାର୍ଥୀଙ୍କଠାରୁ ଟଙ୍କା ନେବା ପରେ ହ୍ୱାଟ୍ସଆପ୍ ଏବଂ ଟେଲିଗ୍ରାମ୍ ମାଧ୍ୟମରେ ପ୍ରଶ୍ନ ପତ୍ର ପଠାଯାଇଥିଲା। ତେଣୁ ସିବିଆଇ ଟେଲିଗ୍ରାମ୍ ଓ ହ୍ୱାଟ୍ସଆପ୍‌ର ତଥ୍ୟ ଦେବାକୁ 'ମେଟା'କୁ ମାଗିଥିବା ଜଣାପଡ଼ିଛି। ଏହି ତଥ୍ୟ ଆସିବା ପରେ କିଏ ପ୍ରଶ୍ନ ପତ୍ର ପରୀକ୍ଷାର୍ଥୀଙ୍କୁ ପଠାଉଥିଲା ତାହା ସ୍ପଷ୍ଟ ହେବ। ଆହୁରି ମଧ୍ୟ ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି , ମୁନା ମହାନ୍ତି ଏବଂ ସୁରେଶଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବାକୁ ସିବିଆଇ କୋର୍ଟରେ ଆବେଦନ କରିଛି। ଅନୁମତି ମିଳିବା ପରେ ୩ଜଣଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରି ଅଧିକ ତଥ୍ୟ ହାସଲ କରିବ। ମାଷ୍ଟରମାଇଣ୍ଡ୍ ଶଙ୍କରଙ୍କ ସହଯୋଗୀ ଥିବା ଅରବିନ୍ଦଙ୍କ ଆପରାଧିକ ତାଲିକା ପାଇଛି ସିବିଆଇ। ପରୀକ୍ଷାର୍ଥୀଙ୍କଠାରୁ ଆଦାୟ ଟଙ୍କାକୁ ଶଙ୍କର ଶେୟାର ମାର୍କେଟରେ ଲଗାଇଥିବା ସିବିଆଇ ଜାଣିବାକୁ ପାଇଛି। ସେହିପରି ଶଙ୍କର ରାଜ୍ୟ ବାହାରେ ରହି ପୂରା ରାକେଟକୁ ଚଳାଉଥିଲା। ଫୋନ୍ କଲ୍‌ରେ ପିଲା ଯୋଗାଡ଼ଠାରୁ ଆରମ୍ଭ କରି ପ୍ରଶ୍ନପତ୍ର ଲିକ୍ କରିବା କାର୍ଯ୍ୟ ସବୁ ହେଉଥିଲା। ତାଙ୍କୁ ସହଯୋଗ କରୁଥିଲେ ମୁନା ମହାନ୍ତି। ସେ ଗାଁରେ ଆଲିସାନ ଘର କରିବା ସହ ଏକାଧିକ ଟ୍ରକ୍ ଏବଂ ପେଟ୍ରୋଲ ପମ୍ପ କରିଥିଲେ। ଆହୁରି ମଧ୍ୟ ମୁନା ନୟାଗଡ଼ର ଏକାଧିକ ବାଲିଘାଟକୁ କରାୟତ କରିଥିଲେ। ସିବିଆଇ ଶଙ୍କର ଏବଂ ମୁନାର ସମ୍ପତ୍ତି ତାଲିକା କରିଛି। ରିମାଣ୍ଡରେ ଆଣିବା ପରେ କଳାଧନ, ଶେୟାର ମାର୍କେଟ କାରବାର ଆଦି ବିଭିନ୍ନ ସମ୍ପର୍କରେ ପଚରାଉଚରା କରି ଅଧିକ ତଥ୍ୟ ହାସଲ କରିବାକୁ ସିବିଆଇ ଲକ୍ଷ୍ୟ ରଖିଛି। ସୂଚନାଯୋଗ୍ୟ, ପୋଲିସ ଏସ୍‌ଆଇ ପରୀକ୍ଷା ପାଇଁ ଅଭିଯୁକ୍ତମାନେ ପିଲାପିଛା ୨୫ଲକ୍ଷ ଟଙ୍କା ଡିଲ୍ କରିଥିଲେ। ପ୍ରଶ୍ନପତ୍ର ଦେବା ସହ ପୂରା ଉତ୍ତର ଘୋଷିବାକୁ ବ୍ୟବସ୍ଥା ହୋଇଥିଲା। ଏହି ମାମଲାରେ ମୋଟ ୧୨୬ଜଣଙ୍କୁ ଗିରଫ କରାଯାଇଥିବାବେଳେ ଏମାନଙ୍କ ମଧ୍ୟରୁ ୧୧୪ଜଣ ପରୀକ୍ଷାର୍ଥୀ ଓ ୫ଜଣ ଦଲାଲ ରହିଛନ୍ତି। ତେବେ କେଳେଙ୍କାରୀରେ ଆହୁରି ଦଲାଲଙ୍କ ସମ୍ପୃକ୍ତି ଥିବା ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି।

# କୁଲଡିହା ଅଭୟାରଣ୍ୟରୁ ୫ ଶିକାରୀ ଗିରଫ

## ୨ ଦେଶୀ ବନ୍ଧୁକ ଜବତ

ନୀଳଗିରି, ୩।୧୨(ପ୍ରଶାନ୍ତ ବିଶ୍ୱାଳ)



ଜବତ ମାରଣାସ୍ତ୍ର ସହ ଗିରଫ ଅଭିଯୁକ୍ତ।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କୁଲଡ଼ିହା ଅଭୟାରଣ୍ୟରେ ବୁଧବାର ବନବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଥିବା ବେଳେ ୫ ଶିକାରୀଙ୍କୁ ଗିରଫ କରାଯାଇଛି। ୨ ଦେଶୀ ବନ୍ଧୁକ ଜବତ ହୋଇଛି। ବିଗତ ଦେଢ଼ବର୍ଷ ମଧ୍ୟରେ ୬୦ରୁ ଊର୍ଦ୍ଧ୍ୱ ଶିକାରୀଙ୍କୁ କାବୁ କରି ଜେଲ୍ ପଠାଗଲାଣି।

କୁଲଡିହା ବନବିଭାଗର ଏସିଏଫ୍ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ବୁଧବାର ବନବିଭାଗର ଏକ ଟିମ୍ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଖୁଲିଆଡୁଆ ମୁହଁ ପ୍ରବେଶ ପଥରେ ଜଗି ରହିଥିବା ବେଳେ ଶିକାର ଉଦ୍ଦେଶ୍ୟରେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବା ୫ଜଣ ଶିକାରୀଙ୍କୁ କାବୁ କରିବା ସହିତ ସେମାନଙ୍କୁ ବନ୍ୟଜନ୍ତୁ ଆଇନ ଧାରା ୫୧ ଅନୁଯାୟୀ ଗିରଫ କରିଛି। ଅଭିଯୁକ୍ତ ଶିକାରୀ ହେଲେ ନିର୍ମଳ ସିଂ(୪୩), ଚିନ୍ତାମଣି ସିଂ(୪୫), ଶ୍ୟାମ ସିଂ(୩୦), ବ୍ରଜକିଶୋର ସିଂ(୫୧) ଏବଂ ହରିମୋହନ ସିଂ(୪୦)। ସମସ୍ତ ଅଭିଯୁକ୍ତ ନୀଳଗିରି ଥାନା ଔପଦା ବ୍ଲକ୍ କାଣ୍ଡଗରଡ଼ି ପଞ୍ଚାୟତ ଖୁଲିଆ ଗ୍ରାମର। ସେମାନଙ୍କ ନିକଟରୁ ୨ଟି ଗୁଳି ଭର୍ତ୍ତି ଦେଶୀବନ୍ଧୁକ ଜବତ କରାଯିବା ସହିତ ୧୦ଗ୍ରାମ ଲାଲବାରୁଦ, ୧୦୦ଗ୍ରାମ କଳାବାରୁଦ, ୩ଟି ଧନୁ, ୧୭ଟି ତୀର, କାଚଗୁଳି ଆଦି ବିଭିନ୍ନ ପ୍ରକାରର ଶିକାରସାମଗ୍ରୀ ଜବତ କରିଛି। ଏନେଇ ବନବିଭାଗ ପକ୍ଷରୁ ଏକ ମାମଲା (ନଂ.୧୩କେ-୨୫/୨୬) ରୁଜୁ କରି ଅଭିଯୁକ୍ତ ଶିକାରୀଙ୍କୁ ଗିରଫ କରାଯାଇଛି।

# ସାଇନପଡ଼ା ପୋଷ୍ଟମାଷ୍ଟର ଗିରଫ

## ସୁକନ୍ୟା ଯୋଜନା ଟଙ୍କା ଆତ୍ମସାତ୍ ଘଟଣା

କ.ନୂଆଗାଁ/ବାଲିଗୁଡ଼ା ୩।୧୨
(କାଳି ପ୍ରସାଦ ତ୍ରିପାଠୀ/
ସଞ୍ଜୟ କୁମାର ପାଣିଗ୍ରାହୀ)



ଗିରଫ ସାଇନପଡ଼ା ଶାଖା ପୋଷ୍ଟମାଷ୍ଟର ରମେଶ ଚନ୍ଦ୍ର ସାହୁ।

କନ୍ଧମାଳ ଜିଲା କ.ନୂଆଗାଁ ଥାନା ଅନ୍ତର୍ଗତ ସାଇନପଡ଼ା ଶାଖା ପୋଷ୍ଟମାଷ୍ଟର (ବିପିଏମ୍) ରମେଶ ଚନ୍ଦ୍ର ସାହୁ (୩୨) ଜନସାଧାରଣଙ୍କ ଲକ୍ଷାଧିକ ଟଙ୍କା ଠକି ଧରାପଡ଼ିଛନ୍ତି। ତାଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବାଲିଗୁଡ଼ା ଜେଲକୁ ପଠାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ, ସାଇନପଡା ପୋଷ୍ଟ ଅଫିସରେ ୨୦୨୧ରୁ ରମେଶ ବିପିଏମ୍ ଭାବେ କାର୍ଯ୍ୟରତ ଥିଲେ। ସେ ବାଲିଗୁଡ଼ାର ଭଗାମୁଣ୍ଡାଠାରେ ରହି ସାଇନପଡା କାର୍ଯ୍ୟାଳୟକୁ ଯାତାୟାତ କରି ଅଫିସ୍ କରୁଥିଲେ। ଗ୍ରାମାଞ୍ଚଳର ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ରମେଶ ସେମାନଙ୍କୁ ସୁକନ୍ୟା ଯୋଜନା, ଆରଡି ସହ ବିଭିନ୍ନ ଯୋଜନାରେ ପୋଷ୍ଟ ଅଫିସରେ ଟଙ୍କା ବାନ୍ଧିବା ପାଇଁ ପ୍ରବର୍ତ୍ତାଇଥିଲେ। ବିଭିନ୍ନ ଯୋଜନାରେ ଟଙ୍କା ବାନ୍ଧିବା ଲାଗି ସେ ଲୋକଙ୍କଠାରୁ ଟଙ୍କା ସଂଗ୍ରହ କରି ଏହାକୁ ନ ବାନ୍ଧି ଆତ୍ମସାତ୍ କରୁଥିଲେ। ପୋଷ୍ଟମାଷ୍ଟରଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ଲୋକେ ଜାଣିବା ପରେ ସେ ଛୁଟି ନେଇ ଫେରାର ହୋଇଯାଇଥିଲେ। ଟଙ୍କା ଫେରିପାଇବାକୁ ଗତ ୩୦।୯।୨୫ରେ ସାଇନପଡାର କଳ୍ପନା ମଲ୍ଲିକ, ରୁକ୍ମିଣୀ ବେହେରା, ପ୍ରାଣକୃଷ୍ଣ ମହାପାତ୍ର କ.ନୂଆଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ନଂ.୧୪୮/୨୫ରେ ଏକ ମାମଲା ରୁଜୁ କରି ଏହି ଠକେଇ ଘଟଣାର ତଦନ୍ତ ଜାରି ରଖିଥିଲା। ବ୍ରହ୍ମପୁରର ପାର୍କସାହିରେ ଅଭିଯୁକ୍ତ ପୋଷ୍ଟମାଷ୍ଟର ରମେଶ ଥିବା ଜାଣି ମଙ୍ଗଳବାର ତାଙ୍କୁ ସେଠାରୁ ପୋଲିସ ଗିରଫ କରିଥିଲା। ଏହି ଠକେଇ ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଅଶୋକ ହାଁସଦା କହିଛନ୍ତି। ତେବେ ବିଭିନ୍ନ ଯୋଜନାରେ ବାନ୍ଧିଥିବା ଟଙ୍କା ଲୋକେ ଫେରିପାଇବେ କି ନାହିଁ ସେନେଇ ସେମାନେ ଚିନ୍ତାରେ ଅଛନ୍ତି।

# ଆନ୍ତଃ ଜିଲା ଡକାୟତ ଗ୍ୟାଙ୍ଗ୍‌ର ୫ ଗିରଫ

■ ୯୮ ହଜାର ଟଙ୍କା, କାର୍ ସମେତ ମାରଣାସ୍ତ୍ର ଜବତ

■ ଗୋରୁ, ଛେଳି ବେପାରୀଙ୍କଠାରୁ କରିଥିଲେ ଲୁଟ୍

ବଲାଙ୍ଗୀର, ୩।୧୨
(ବୀରେନ୍ଦ୍ର କୁମାର ଝାଙ୍କର)



ଗିରଫ ୫ ଡକାୟତଙ୍କ ସହ ଜବତ ଟଙ୍କା ଏବଂ ମାରଣାସ୍ତ୍ର।

ବଲାଙ୍ଗୀର ପୋଲିସ ବୁଧବାର ଏକ ଆନ୍ତଃ ଜିଲା ଡକାୟତି ଗ୍ୟାଙ୍ଗକୁ ଧରିଛି। ଗତ ମାସ ୨୮ ତାରିଖରେ ପୁଇଁନ୍ତଲା ଥାନା ଅନ୍ତର୍ଗତ ବନ୍ଦନାକଟା ଗାଁ ନିକଟରେ ୨ ଜଣ ଗୋରୁ ଓ ଛେଳି ବେପାରୀଙ୍କୁ କେତେଜଣ ଡକାୟତ ମାରଣାସ୍ତ୍ର ଭୟ ଦେଖାଇ ୨ ଲକ୍ଷ ୨ ହଜାର ୫ ଶହ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଏହି ଡକାୟତି ଗ୍ୟାଙ୍ଗ୍‌ର ୫ ଜଣ ସଦସ୍ୟଙ୍କୁ ପୋଲିସ ଗିରଫକରିବା ସହ ସେମାନଙ୍କଠାରୁ ୯୭ ହଜାର ୯୩୦ ଟଙ୍କା, ଏକ କାର୍, ଗୋଟିଏ ମୋଟର ସାଇକେଲ, ୭ଟି ମୋବାଇଲ ଫୋନ ଏବଂ ଏକ ଭୁଜାଲି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ବାଗଭାଡି ଗାଁର ଗୋପାଳ ବାରିକ (୩୩), ପୁଇଁତଲା ଥାନା ପୁଡାପାଲି ଗାଁର ସୁରୁ ଓରଫ ସୁଶାନ୍ତ ଦୀପ (୪୦), ସୁଶାନ୍ତ ପୋଢ଼ (୨୯), ରାଜା ଓରଫ କର୍ମା ନାଏକ (୪୨), ସୁବର୍ଣ୍ଣପୁର ଜିଲା ତରଭା ଥାନା ଶରଧାପାଲି ଗାଁର ଜୟଦୀପ ଓରଫ ଜୟଦ୍ରଥ କୁଅଁର (୩୬)। ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି. ପୁଇଁନ୍ତଲା ଥାନାରେ ଖବରଦାତା ସମ୍ମିଳନୀ କରି ଆନ୍ତଃ ଜିଲା ଡକାୟତି ସମ୍ପର୍କରେ ସୂଚନା ଦେଇଥିଲେ।

ଏସ୍‌ପି ଅଭିଲାଷ କହିଥିଲେ, ଗତ ୨୮ ତାରିଖ ଭୋର ସମୟରେ ବୁଢ଼ୀସିଙ୍ଘୋଲ ଗାଁର ଗୋରୁ ଏବଂ ଛେଳି ବେପାରୀ କ୍ଷେତି ବାରିକ ଓ ବାଗଦଲ ଗାଇଗରିଆ ଏକ ମୋଟର ସାଇକେଲ ଯୋଗେ ଆଗଲପୁର ବ୍ଲକ୍‌ର ରୋଡ ବଜାରକୁ ଯାଉଥିଲେ। ବନ୍ଦନାକଟା ଗାଁ ନିକଟ ରାସ୍ତାକଡ଼ରେ ଏକ କାର୍ ଅଟକି ରହିଥିଲା ଓ ସେହି ସ୍ଥାନରେ ଲୁଚି ରହିଥିବା ୪-୫ ଜଣ ଡକାୟତ ହଠାତ୍ ବାଇକ୍‌ରେ ଯାଉଥିବା ୨ ବେପାରୀଙ୍କୁ ଆକ୍ରମଣକରି ସେମାନଙ୍କଠାରୁ ଲୁଟପାଟ କରିଥିଲେ। ଏ ନେଇ କ୍ଷେତି ପୁଇଁନ୍ତଲା ଥାନାରେ ଅଭିଯୋଗ କରିବା ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ଓ ପୁଇଁନ୍ତଲା ଥାନା ଆଇଆଇସି ତଥା ଡିଏସ୍‌ପି ଅନିତା ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଅନୁସନ୍ଧାନ ଆରମ୍ଭ କରିଥିଲେ। ପ୍ରାରମ୍ଭିକ ତଦନ୍ତରୁ ଗିରଫ ଅଭିଯୁକ୍ତ ଜୟଦୀପ କୁଅଁର କିଛି ବର୍ଷ ହେଲା ତାଙ୍କର ଏକ ପିକ୍‌ଅପ୍ ଭ୍ୟାନ୍‌ରେ ୨ବେପାରୀଙ୍କ ଗୋରୁ, ଛେଳି, ମେଣ୍ଢା ନେବା ଆଣିବା କରୁଥିଲେ। ୨ ବେପାରୀ କେତେବେଳେ ଟଙ୍କା ନେଇ ଯିବା ଆସିବା କରୁଛନ୍ତି ତା'ର ସୂଚନା ତାଙ୍କ ପାଖରେ ଥିଲା। ଏହାପରେ ଗୋପାଳ ଓ ତାଙ୍କ ସହଯୋଗୀମାନେ ୨ ବେପାରୀଙ୍କ ଠାରୁ ଲୁଟ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଘଟଣାଦିନ ଏକ କାର୍‌ରେ ଡକାୟତ ମାନେ ପ୍ରଥମେ ବୁଢ଼ୀସିଙ୍ଘୋଲ ଆସି ଗାଁ ମୁଣ୍ଡରେ ଅଟକି ରହିଥିଲେ। ୨ ବେପାରୀ ରୋଡ୍ ବଜାରକୁ ବାଇକ୍‌ରେ ବାହାରିବା ପରେ ସେମାନଙ୍କୁ ଓଭରଟେକ୍ କରି ଆଗକୁ ଯାଇ ଅଟକି ରହିଥିଲେ। ଏହାପରେ ସେମାନେ ୨ବେପାରୀଙ୍କୁ ମାରପିଟକରି ଲୁଟ୍ କରିଥିବା ଏସ୍‌ପି ସୂଚନା ଦେଇଥିଲେ। ଗିରଫ ଅଭିଯୁକ୍ତମାନଙ୍କ ନାଁରେ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି ଜିଲାର ଏକାଧିକ ଥାନାରେ ୨୨ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଏହି ଡକାୟତି ଗ୍ୟାଙ୍ଗ୍ ଆନ୍ତଃ ଜିଲା ସୀମାରେ ସକ୍ରିୟ ରହି ଡକାୟତି କରିବା ସହ ୪ଟି ଜିଲାର ପୋଲିସକୁ ଚକ୍‌ମା ଦେଉଥିଲେ। ଏମାନଙ୍କ ନାଁରେ ଅନ୍ୟ ଥାନାରେ ଆଉ କ'ଣ ମାମଲା ରହିଛି। ପୋଲିସ ଖୋଲତାଡ଼ କରୁଥିବା ଏସ୍‌ପି କହିଥିଲେ।

**ରାଜ୍ୟ ଖବର**

# ସୁଧୀର ପଣ୍ଡା ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ସଦସ୍ୟ ମନୋନୀତ

ଭୁବନେଶ୍ୱର,୩।୧୨
(ସୌମ୍ୟରଞ୍ଜନ ରାଉତ)



'ପ୍ରତିଦିନ' ଖବରକାଗଜର ସମ୍ପାଦକ ସୁଧୀର କୁମାର ପଣ୍ଡା ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ(ପିସିଆଇ)ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ପ୍ରେସ୍ କାଉନ୍‌ସିଲ ଆକ୍ଟ-୧୯୭୮ ଅଧିନିୟମ ଅନୁସାରେ କେନ୍ଦ୍ର ସରକାର ୨୦୨୪ ଡିସେମ୍ବର ୨୦ରେ ପ୍ରକାଶ କରିଥିବା ବିଜ୍ଞପ୍ତିରେ ସଂଶୋଧନ ଆଣିଛନ୍ତି। ୨୦୨୫ ଡିସେମ୍ବର ୨ରେ ପ୍ରକାଶ ପାଇଥିବା ସଂଶୋଧିତ ବିଜ୍ଞପ୍ତି ଅନୁସାରେ ସୁଧୀରଙ୍କ ସମେତ ୯ଜଣଙ୍କୁ ପିସିଆଇର ସଦସ୍ୟ ଭାବେ ଗ୍ରହଣ କରାଯାଇଛି। ଶିକ୍ଷା, ବିଜ୍ଞାନ, ଆଇନ, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା କ୍ଷେତ୍ରରେ ସ୍ୱତନ୍ତ୍ର ଜ୍ଞାନ ରହିଥିବା ବ୍ୟକ୍ତିବିଶେଷଙ୍କୁ ପିସିଆଇର ସଦସ୍ୟଭାବେ ମନୋନୀତ କରାଯାଇଥାଏ। ସେଥିମଧ୍ୟରୁ ଖବରକାଗଜ ପରିଚାଳନା କିମ୍ବା ମାଲିକ ଥିବା ବ୍ୟକ୍ତିଙ୍କୁ ଚୟନ କରାଯିବା ନେଇ ଥିବା ବିଧି ଅନୁସାରେ ସୁଧୀରଙ୍କୁ ପିସିଆଇର ସଦସ୍ୟଭାବେ ଗ୍ରହଣ କରାଯାଇଛି। ସୁଧୀରଙ୍କ ସମେତ କେରଳରୁ ପ୍ରକାଶିତ 'ମାତୃଭୂମି'ର ଏମ୍.ଭି. ଶ୍ରେୟାମ୍‌ସ କୁମାର, ନୂଆଦିଲ୍ଲୀରୁ ପ୍ରକାଶିତ 'ଇଣ୍ଡିଆନ୍ ଅବ୍‌ଜରଭର'ର ଗୁରିନ୍ଦର ସିଂ, ଲକ୍ଷ୍ନୌରୁ ପ୍ରକାଶିତ 'ଜନ୍ ଏକ୍ସପ୍ରେସ୍'ର ଅରୁଣ କୁମାର ତ୍ରିପାଠୀ ଏବଂ ଜୟପ୍ରଦେଶର ଆରତିତ୍ରିପାଠୀ, ଜୟପୁରରୁ ପ୍ରକାଶିତ 'ଗୁଲାବି ହାଲ୍‌ଚାଲ୍'ର ବ୍ରଜମୋହନଙ୍କୁ ସଦସ୍ୟଭାବେ ମନୋନୀତ କରାଯାଇଛି। ସେହିପରି ପାର୍ଲାମେଣ୍ଟରୁ ମନୋନୀତ ସଦସ୍ୟ ଭାବେ ଓଡ଼ିଶାର ଏମ୍‌ପି ସମ୍ବିତ ପାତ୍ର, ମହାରାଷ୍ଟ୍ରର ଏମ୍‌ପି ନରେଶ ଗଣପତ୍ ମାସ୍କେ ଏବଂ ଝାଡ଼ଖଣ୍ଡର କାଳିଚରଣ ମୁଣ୍ଡା ପିସିଆଇର ସଦସ୍ୟଭାବେ ମନୋନୀତ ହୋଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି।

## ନିଆଁରେ ପୋଡ଼ି ଗୁରୁତର ପାଚିକାଙ୍କ ମୃତ୍ୟୁ

ଆନନ୍ଦପୁର,୩।୧୨
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ହାତୀବନ୍ଧା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ରୋଷେଇ ସମୟରେ ନିଆଁ ଲାଗି ଗୁରୁତର ଥିବା ପାଚିକାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତା ହେଲେ ହାତୀବନ୍ଧା ଗାଁର ତପୋଇ ପ୍ରଧାନ। ତପୋଇ ନଭେମ୍ବର ୨୭ରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତିକରୁଥିଲେ। ସେ ସମୟରେ ଚୁଲି ନିଆଁ ତାଙ୍କ ଲୁଗାରେ ଲାଗିଯାଇଥିଲା। ସେଠାରେ ଉପସ୍ଥିତ ଛାତ୍ରୀଛାତ୍ର ଦେଖି ପାଣି ଢାଳିଥିଲେ ହେଁ ପାଚିକା ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଆନନ୍ଦପୁର ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ହୋଇଛି। ମୃତାଙ୍କ ପରିବାରକୁ ସରକାରଙ୍କ ତରଫରୁକ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଗୁହାରି କରିଛନ୍ତି।

# ୨ ହାତୀଦାନ୍ତ ଜବତ, ୩ ଗିରଫ

ଚମ୍ପୁଆ,୩।୧୨(ମହେଶ୍ୱର ଦାସ)



ଜବତ ହାତୀଦାନ୍ତ

କେନ୍ଦୁଝର ବନଖଣ୍ଡ ଚମ୍ପୁଆ ରେଞ୍ଜରେ ବେଆଇନଭାବେ ହାତୀଦାନ୍ତ ବିକ୍ରି ଯୋଜନା ବେଳେ ବନ ବିଭାଗ ଚଢ଼ାଉକରି ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ ଖଣ୍ଡ ହାତୀଦାନ୍ତ ଜବତ ହୋଇଛି। ଅଭିଯୁକ୍ତ ଢେଙ୍କାନାଳ ଜିଲା କୈଳାସ ତିରିଆ, ଝାଡ଼ଖଣ୍ଡ ରାଜ୍ୟର ଗୁରୁଚରଣ କେରାଇ ଓ ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଅନ୍ତର୍ଗତ ବଳଭଦ୍ରପୁର ଗାଁର ମିଶ୍ର ମୁଣ୍ଡା ବୋଲି ବୁଧବାର ଚମ୍ପୁଆ ବନ ବିଭାଗ କାର୍ଯ୍ୟାଳୟରେ ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ ଖବରଦାତାଙ୍କୁ ସୂଚନା ପ୍ରଦାନ କରିଛନ୍ତି।

ସୂଚନା ଅନୁସାରେ, ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ରାମଲା ଫଗୁପୋଲ ନିକଟବର୍ତ୍ତୀ ଜଣଙ୍କ ଘରେ ପୂଜାପାଠ ଆଳରେ ହାତୀ ଦାନ୍ତ ବିକ୍ରି ଯୋଜନା ହେଉଥିଲା। ଖବର ପାଇ ବନ ବିଭାଗର ଯୁଗ୍ମ ଟାକ୍ସଫୋର୍ସ, ସ୍ଥାନୀୟ ପୋଲିସ ଓ ରାଜସ୍ୱ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷାକରି ବନ ସଂରକ୍ଷକଙ୍କ ନେତୃତ୍ୱରେ ବନ କର୍ମଚାରୀ ଚଢ଼ାଉ କରିଥିଲେ। ସେଠାରୁ ଅବୈଧ ହାତୀଦାନ୍ତ ମୁଲଚାଲରେ ଲିପ୍ତ ୩ ଜଣଙ୍କୁ ଟିମ୍ ଗିରଫ କରିଥିଲା। ଚଢ଼ାଉ ସମୟରେ ୧୪.୩ କି.ଗ୍ରା. ଓଜନର ୨ ଟି ହାତୀଦାନ୍ତ, ୩ ମୋବାଇଲ, ୨ଟି ବାଇକ୍ (ଓଏଫ୍ ୦୬ ଏଏନ୍ ୪୧୨୨), (ଓଡି ୦୯ ଏଏଫ୍ ୫୨୧୪) ଏବଂ ସ୍କୁଟି (ଜେଏଚ୍ ୦୬ ୟୁ ୭୦୫୧) ଜବତ କରାଯାଇଛି। ଏ ନେଇ ମାମଲା (ନଂ. ୧୨ ସିଏଚ୍/୨୦୨୫-୨୬) ଏବଂ ବନ୍ୟପ୍ରାଣୀ ସୁରକ୍ଷା ଅଧିନିୟମ ୧୯୭୨ର ଧାରା ୯,୩୯(୩) ଏବଂ ୪୯ (ଖ) ଅନୁଯାୟୀ ମକଦ୍ଦମା ପଞ୍ଜୀକୃତ ହୋଇଛି। ପୋଲିସ ସହାୟତାରେ ବନ ସଂରକ୍ଷକ ଅଶୋକ ଦାସ ଘଟଣାର ଅଧିକ ତଦନ୍ତ କରୁଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

# ୟୁନିଟ୍ ପିଛା ୩୬ ପଇସା ଅଧିକ ଆଦାୟ ଦାବି ବିଭ୍ରାନ୍ତିକର: ଓଡ଼ିଶା ଡିସ୍‌କମ୍

ଭୁବନେଶ୍ୱର,୩।୧୨
(ରବି ନାରାୟଣ ଜେନା)

ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୟୁନିଟ୍ ପିଛା ୩୬ ପଇସା ଅଧିକ ଆଦାୟ କରାଯାଉଥିବା ନେଇ ନିକଟରେ ଯେଉଁ ଅଭିଯୋଗ ହୋଇଛି, ତାହା ସମ୍ପୂର୍ଣ୍ଣ ତଥ୍ୟହୀନ ଏବଂ ଭୁଲ୍ ବୋଲି ଓଡ଼ିଶା ଡିସ୍‌କମ୍ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଏଭଳି ଅଭିଯୋଗ ବିଦ୍ୟୁତ୍ ଆଇନ-୨୦୦୩ ଏବଂ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ଟାରିଫ୍ ନିୟମାବଳୀ-୨୦୨୨ ଅଧୀନରେ ଥିବା ଦର ନିର୍ଦ୍ଧାରଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛି। ପ୍ରତିବର୍ଷ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ଓଇଆର୍‌ସିଙ୍କ ନିକଟରେ ନିଜର ମୋଟ ରାଜସ୍ୱ ଆବଶ୍ୟକତା(ଏଆର୍‌ଆର୍) ଦାଖଲ କରନ୍ତି। ଏହାପରେ ଆୟୋଗ ଉପଭୋକ୍ତା, ସାଧାରଣ ଜନତା, ଓଡ଼ିଶା ସରକାର, ଗ୍ରୀଡ୍‌କୋ, ଓପିଟିସିଏଲ୍ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ମତାମତ ଲୋଡ଼ିଥାନ୍ତି। ଅଡିଟ୍ ହୋଇଥିବା ତଥ୍ୟର ଚିକିନିଖି ଯାଞ୍ଚ ପରେ ହିଁ ଆୟୋଗ ବିଭିନ୍ନ ବର୍ଗର ଉପଭୋକ୍ତାଙ୍କ ପାଇଁ ଟାରିଫ୍ ଚୂଡ଼ାନ୍ତ କରିଥାନ୍ତି।

ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଟାରିଫ୍ ଢାଞ୍ଚାରେ ଆଇନଗତ ଭାବେ ସ୍ୱୀକୃତ କ୍ରସ୍-ସବ୍‌ସିଡି ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥାରେ ଶିଳ୍ପ, ବାଣିଜ୍ୟିକ ଏବଂ ଅନ୍ୟାନ୍ୟ ଅଧିକ ଦେୟ ଦେଉଥିବା ଉପଭୋକ୍ତାମାନେ ଅଧିକ ଦର ବହନ କରନ୍ତି, ଯାହାଫଳରେ ଘରୋଇ ଏବଂ କୃଷି ଉପଭୋକ୍ତାଙ୍କୁ ରିହାତି ଦରରେ ବିଜୁଳି ଯୋଗାଇ ଦିଆଯାଇପାରିବ। ତେଣୁ ସମସ୍ତ ଉପଭୋକ୍ତାଙ୍କଠାରୁ ସମାନ ଭାବରେ ଅଧିକ ଟଙ୍କା ଆଦାୟ କରାଯାଉଛି ବୋଲି କହିବା ଏହି ସ୍ୱଚ୍ଛ ତଥା ଆଇନଗତ ବ୍ୟବସ୍ଥାକୁ ଅସ୍ୱୀକାର କରିବା ସହ ସମାନ। ପ୍ରତି ଆର୍ଥିକ ବର୍ଷ ଶେଷରେ ବିଦ୍ୟୁତ୍ ନିୟାମକ ଆୟୋଗ 'ଟ୍ରୁ-ଅପ୍' ନାମକ ଏକ ସମୀକ୍ଷା ପ୍ରକ୍ରିୟା କରିଥାନ୍ତି। ଏଥିରେ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର ଆନୁମାନିକ ତଥ୍ୟ ସହ ପ୍ରକୃତ ବିକ୍ରି ଓ ଖର୍ଚ୍ଚର ତୁଳନା କରାଯାଏ। ଯଦି କୌଣସି ବଳକା ବା ନିଅଣ୍ଟ ଅର୍ଥ ଥାଏ, ତେବେ ଆଇନ ଅନୁଯାୟୀ ପରବର୍ତ୍ତୀ ବର୍ଷର ଟାରିଫ୍ ନିର୍ଦ୍ଧାରଣ ସମୟରେ ତାହାକୁ ଆଡ୍‌ଜଷ୍ଟ କରାଯାଏ। ଯେହେତୁ ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ 'ଟ୍ରୁ-ଅପ୍' ପ୍ରକ୍ରିୟା ଏବେ ମଧ୍ୟ ବାକି ଅଛି, ତେଣୁ ଅଧିକ କିମ୍ବା କମ୍ ଆଦାୟ ନେଇ ବର୍ତ୍ତମାନ କୌଣସି ନିଷ୍ପତ୍ତିରେ ପହଞ୍ଚିବା ଅପରିପକ୍ୱ ଏବଂ ବିଭ୍ରାନ୍ତିକର ଅଟେ। ୟୁନିଟ୍ ପିଛା ୩୬ ପଇସା ଅଧିକ ଆଦାୟର ଅଭିଯୋଗ କିଛି ଭୁଲ୍ ତଥ୍ୟ ଉପରେ ଆଧାରିତ। ଏହି ଦାବି କରିବା ସମୟରେ ପୁରୁଣା ବକେୟା ଆଦାୟକୁ ରାଜସ୍ୱ ସହ ମିଶାଇ ଭୁଲ୍ ଭାବେ ବ୍ୟାଖ୍ୟା କରାଯାଇଛି ଏବଂ ୨୦୨୪-୨୫ ବର୍ଷର ପ୍ରକୃତ ଖର୍ଚ୍ଚ ତଥ୍ୟକୁ ବିଚାରକୁ ନିଆଯାଇନାହିଁ।

ଏନେଇ ଟାଟା ପାୱାର ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀର ମୁଖପାତ୍ର କହିଛନ୍ତି, 'ଓଡ଼ିଶାର ଟାରିଫ୍ ନିର୍ଦ୍ଧାରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ, ସହଭାଗିତା ଉପରେ ପର୍ଯ୍ୟବସିତ ଏବଂ ଏହା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥାଏ। ଅଧିକ ଟଙ୍କା ଆଦାୟର ଅଭିଯୋଗ ଆଇନଗତ ଢାଞ୍ଚା, କ୍ରସ୍-ସବ୍‌ସିଡି ବ୍ୟବସ୍ଥା ଏବଂ ଟ୍ରୁ-ଅପ୍ ପ୍ରକ୍ରିୟାକୁ ଅଣଦେଖା କରୁଛି। ସର୍ବସାଧାରଣରେ ପ୍ରଚାରିତ ହେଉଥିବା ଏଭଳି କାଳ୍ପନିକ ଏବଂ ଅସମ୍ପୂର୍ଣ୍ଣ ତଥ୍ୟଦ୍ୱାରା ବିଭ୍ରାନ୍ତ ନ ହେବାକୁ ଆମେ ବିନମ୍ର ଅନୁରୋଧ କରୁଛୁ'। ଓଡ଼ିଶାର ବିଦ୍ୟୁତ୍ କ୍ଷେତ୍ରର ସଂସ୍କାର ସର୍ବଦା ସ୍ଥିରତା, ସୁଲଭ ମୂଲ୍ୟ ଏବଂ ଉପଭୋକ୍ତା ସୁରକ୍ଷା ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି। ସ୍ୱଚ୍ଛତା ଏବଂ ନିୟାମକଙ୍କ ତତ୍ତ୍ୱାବଧାନରେ ଗଢ଼ି ଉଠିଥିବା ଏହି ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରିବା ପାଇଁ କିଛି ବିଭ୍ରାନ୍ତି ସୃଷ୍ଟି କରିବା ଦୁର୍ଭାଗ୍ୟଜନକ।



ମଣିଷର ସ୍ୱର୍ଗାରୋହଣ ନୁହେଁ - ବରଂ ତା'ର ଆତ୍ମା ମଧ୍ୟକୁ ଆରୋହଣ ଏବଂ ଆତ୍ମାରୁ ସ୍ୱାଭାବିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ବାଟକାଟି। କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ। -ଶ୍ରୀଅରବିନ୍ଦ

-ପଞ୍ଚୁ ଓଷା, ପୂର୍ଣ୍ଣିମା, ଚନ୍ଦ୍ରପୂଜା ଓ ମାଣବସା ଶେଷ ଗୁରୁବାର



# ସସୀମରୁ ଅସୀମ



ଦେବଦତ୍ତ ପଟ୍ଟନାୟକ

ଛତିଶଗଡ଼ ବିଳାସପୁର ନିକଟରେ ଅଛି ଛୋଟ ସହର ମହ୍ଲାର ଏବଂ ଏଠାରେ ଚାରି ବାହୁ ଥିବା ଜଣେ ସୈନିକଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ସେ ହାତରେ ଶଙ୍ଖ, ଚକ୍ର ଓ ଗଦା ଧରିଛନ୍ତି। ଏହାଙ୍କୁ ବିଷ୍ଣୁଙ୍କ ପୁରାତନ ବିଗ୍ରହ ବୋଲି କୁହାଯାଉଛି। ଏଠାରେ ଥିବା ଖ୍ରୀଷ୍ଟପୂର୍ବ ୨୦୦ର ଶିଳାଲେଖରେ ଦର୍ଶାଯାଇଛି, ସୌରାଷ୍ଟ୍ର ଅଞ୍ଚଳର ଗୁପ୍ତବଂଶ ଶାସକ ପର୍ଣ୍ଣଦତ୍ତଙ୍କ ସ୍ତ୍ରୀ ଭରଦ୍ୱଜାଙ୍କ ଦ୍ୱାରା ଏହି ମୂର୍ତ୍ତି ପ୍ରତିଷ୍ଠା ହୋଇଥିଲା। କଳା କ୍ଷେତ୍ରରେ ମହିଳାଙ୍କ ଅବଦାନର ଏହା ହେଉଛି ସର୍ବପୁରାତନ ନିଦର୍ଶନ ତଥା ଦୃଷ୍ଟାନ୍ତ।

କୋଶାମ୍ବିରୁ ପୁରୀ ପର୍ଯ୍ୟନ୍ତ ଏକ ପୁରାତନ ବାଣିଜ୍ୟ ପଥ ରହିଥିଲା। ଏହି ବାଟରେ ପଡ଼େ ମହ୍ଲାର। କହିବାକୁ ଗଲେ ଏହା ଥିଲା ପ୍ରଚୀନ ବାଣିଜ୍ୟ ଓ ସଂସ୍କୃତିର ଏକ କରିଡର। ସବୁ ଦିଗରୁ ଅନୁଧ୍ୟାନକଲେ ମହ୍ଲାରରେ ଥିବା ମୂର୍ତ୍ତି ସମ୍ଭବତଃ ବିଷ୍ଣୁଙ୍କ ବିଗ୍ରହ ହୋଇ ନ ପାରେ। ଏହା ହେଉଛନ୍ତି ମହାଭାରତର ବାସୁଦେବ-କୃଷ୍ଣଙ୍କ ମୂର୍ତ୍ତି, ଯିଏ କି ଅର୍ଜୁନଙ୍କୁ ତାଙ୍କ ଚତୁର୍ଭୁଜ ରୂପ ଦେଖାଇଥିଲେ। ମହ୍ଲାର ବିଷ୍ଣୁଙ୍କ ଶାନ୍ତ ମୂର୍ତ୍ତି ଅଜଣା ହୋଇ ରହିଛି। ଏହା ଏକ ପରିବର୍ତ୍ତନଶୀଳ କ୍ଷଣକୁ ଦର୍ଶାଏ, ଯେଉଁ ସମୟରେ ବୀର ବସୁଦେବ ଏବକାର ମନ୍ଦିରରେ ପୂଜା ପାଉଥିବା ଦିବ୍ୟ ବିଷ୍ଣୁରେ ପରିଣତ ହୋଇଥିଲେ।

ମହ୍ଲାର ବିଷ୍ଣୁଙ୍କୁ ଚିହ୍ନଟ କରାଯିବା ପର୍ଯ୍ୟନ୍ତ, ସର୍ବପୁରାତନ କୃଷ୍ଣଙ୍କ ମୂର୍ତ୍ତି ଖ୍ରୀଷ୍ଟପୂର୍ବ ୨୦୦ର ଆଫଗାନିସ୍ତାନରୁ ମିଳିଥିବା ଇଣ୍ଡୋ-ଗ୍ରୀକ୍ କ୍ଷୁଦ୍ର ମୁଦ୍ରାରେ ରହିଛି। ଏଥିରେ ଦୁଇମୂର୍ତ୍ତି ପାଖାପାଖି ଠିଆହୋଇଥିବା ଦେଖିବାକୁ ମିଳେ। ଜଣେ ଗଦା ଓ ଶଙ୍ଖ ଧାରଣ କରିଥିବାବେଳେ ଅନ୍ୟ ଜଣେ ହଳ ଓ ଗଦା ଧରିଛନ୍ତି। ଗ୍ରୀକ୍‌ର ବିଦ୍ୱାନ୍‌ମାନେ ସେହି ୨ଜଣଙ୍କୁ ଶଙ୍କର୍ଷଣ ଓ ବାସୁଦେବ ବୋଲି କହିଥାନ୍ତି। ଆଫଗାନିସ୍ତାନ ଓ ପଞ୍ଜାବରେ ଶାସନ କରୁଥିବା ଯବନ ରାଜା ସେତେବେଳେ ଭାରତୀୟଙ୍କ ବୀର ଦେବତାଙ୍କ ପ୍ରତି ଥିବା ଲୋକପ୍ରିୟତାକୁ ଲକ୍ଷ୍ୟ କରିଥିଲେ ଏବଂ ସମ୍ମାନ ଜଣାଇବା ସକାଶେ ସେମାନଙ୍କ ମୂର୍ତ୍ତିଥିବା ମୁଦ୍ରା ପ୍ରଚଳନ କରିଥିଲେ। ସେହି ସମୟରେ ମଧ୍ୟପ୍ରଦେଶର ହେଲିଓଡୋରୁସ ସ୍ତମ୍ଭଲେଖ ବାସୁଦେବ-ବିଷ୍ଣୁ ପ୍ରତି ଥିବା ଭକ୍ତିର ଗାଥା କହେ। ବିଷ୍ଣୁଙ୍କ ସମ୍ମାନାର୍ଥେ ଗ୍ରୀକ୍ ଆମ୍ବାସାଡର ହେଲିଓଡୋରସ୍ ଖ୍ରୀଷ୍ଟପୂର୍ବ ୨ରେ ସ୍ୟାଣ୍ଡଷ୍ଟୋନ୍‌ରେ ଏହି ସ୍ତମ୍ଭ ନିର୍ମାଣ କରିଥିଲେ। କହିବାକୁ ଗଲେ ୨,୨୦୦ ବର୍ଷ ପୂର୍ବରୁ ବସୁଦେବ ଧୀରେ ଧୀରେ ବିଷ୍ଣୁ ହେବାର ପରମ୍ପରା ଆରମ୍ଭ ହୋଇଥିଲା।

ପ୍ରାୟ ଖ୍ରୀଷ୍ଟାବ୍ଦ ୧୦୦ରେ କୁଶାଣଙ୍କ ସମୟରେ, ଭାରତ ଦିବ୍ୟ ମୂର୍ତ୍ତିର ପରୀକ୍ଷାଗାର ପାଲଟିଯାଇଥିଲା। ସେହି ସମୟରେ କଳାକାରମାନେ ବହୁ ମୁଖ ଏବଂ ବହୁ ବାହୁ ଥିବା ମୂର୍ତ୍ତି ଗଢ଼ିବା ଆରମ୍ଭ କରିଦେଇଥିଲେ। ଏପରିକି କେତେଜଣ



ଆକାଶରେ ଭ୍ରମଣ କରୁଥିବା ଆଠଟି ବାହୁ ବିଶିଷ୍ଟ ମୂର୍ତ୍ତି ଗଢ଼ିଥିଲେ। ଆଉ କେତେଜଣ ବାର୍‌ହା ମସ୍ତକ ଥିବା କିମ୍ବା ତିନୋଟି ଶରୀର ଏକାଠି ହୋଇଥିବା ମୂର୍ତ୍ତି ତିଆରି କରିଥିଲେ। ତଥାପି ସେଗୁଡ଼ିକ ବିଷ୍ଣୁ ଥିଲେ କି ନାହିଁ ତାହା ଏଯାବତ ସ୍ଥିର ହୋଇନାହିଁ। ତେବେ କଳାକାରମାନେ ଦେବତାଙ୍କ ବିଭିନ୍ନ ରୂପକୁ ନେଇ ପରୀକ୍ଷା ନିରୀକ୍ଷା ଚଳାଇଥିଲେ। ଦିବ୍ୟଶକ୍ତି ସମ୍ପର୍କରେ ବୈଦିକ ସ୍ତୋତ୍ରରେ କୁହାଯାଇଛି, ''ସେ ହେଉଛନ୍ତି ସେହି ଶକ୍ତି ଯିଏ ସାରା ବ୍ରହ୍ମାଣ୍ଡରେ ବିଚରଣ କରନ୍ତି।'' ସେହି ଦିବ୍ୟଶକ୍ତିକୁ ଦୃଶ୍ୟମାନ କରିବା ପାଇଁ କଳାକାରମାନେ ଏଭଳି ପ୍ରୟାସ ଆରମ୍ଭ କରିଥିଲେ।

ଖ୍ରୀଷ୍ଟାବ୍ଦ ୨୦୦ ସୁଦ୍ଧା ମଥୁରାର କର୍ମଶାଳାରେ କଳାକାରମାନେ କୃଷ୍ଣ ତାଙ୍କ ଭାଇ ଓ ଭଉଣୀଙ୍କୁ ଛିଡ଼ା ହୋଇଥିବା କିମ୍ବା ଘୋଡ଼ା ରାକ୍ଷସ କେଶିନ୍‌ଙ୍କ ସହ ଯୁଦ୍ଧ କରୁଥିବା ଦୃଶ୍ୟ ଖୋଦେଇକରିଥିଲେ। କେତେଜଣ କଳାକାର ଭଗବଦ୍ ଗୀତାରେ ବର୍ଣ୍ଣନା କରାଯାଇଥିବା ଗଦା ଓ ଚକ୍ରଧାରୀ କୃଷ୍ଣଙ୍କୁ ଚତୁର୍ବାହୁ ଦେବତା ଭାବେ ଦର୍ଶାଇଥିଲେ। ସେଠାରେ କୃଷ୍ଣଙ୍କ ବିଶ୍ୱରୂପ ମୂର୍ତ୍ତି ଦେଖିବାକୁ ମିଳେ, ଯେଉଁଥିରେ କୃଷ୍ଣଙ୍କ କଡ଼ରୁ ପ୍ରାଣୀଙ୍କ ମୁଣ୍ଡ ବାହାରିଥିବା ଲକ୍ଷ୍ୟ କରାଯାଏ। ସେହି ସମୟରେ କବିମାନଙ୍କ ଭାବନା ଥିଲା ଯେ, ଦେବତା ମାନବ ରୂପେ ଦୃଶ୍ୟମାନ ହେଉଥିଲେ ବି ସେ ନିଜକୁ ବ୍ରହ୍ମାଣ୍ଡ ଶକ୍ତି ବୋଲି ପ୍ରତିପାଦିତ କରିପାରନ୍ତି। ଏଭଳି ଧାରଣାକୁ ମଧ୍ୟ କଳାକାରମାନେ ମୂର୍ତ୍ତି ମାଧ୍ୟମରେ ପରିପ୍ରକାଶ କରିବାକୁ ଚେଷ୍ଟା କରୁଥିଲେ। ପାଖାପାଖି ଖ୍ରୀଷ୍ଟାବ୍ଦ ୪୦୦ରେ, ଗୁପ୍ତବଂଶ ଶାସନ ସମୟରେ, ଏଭଳି ପରୀକ୍ଷା ନୀରିକ୍ଷା ପରେ ବିଷ୍ଣୁଙ୍କର ଏକ ସାଧାରଣ ରୂପ ସାମ୍ନାକୁ ଆସିଥିଲା ଯେଉଁଥିରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମଧାରୀ ବିଷ୍ଣୁଙ୍କ ଶାନ୍ତ ରୂପକୁ ପ୍ରତିଫଳିତ କରାଯାଇଥିଲା। ମୁହଁ ଓ ଭଙ୍ଗୀ ଥିବା ଏକ ସାଧାରଣ ରୂପରେ ବିଷ୍ଣୁଙ୍କୁ ଦର୍ଶାଗଲା। ସେତେବେଳେ କବିଙ୍କ ଭାବନାକୁ ଆଧାରକରି ମୂର୍ତ୍ତିର ହାତ ମଧ୍ୟ ତିଆରି କରାଯାଇଥିଲା। ଫଳରେ ପୂର୍ବରୁ ଯାହା କୃଷ୍ଣଙ୍କ ଆୟୁଧ ଥିଲା ତାହା ବିଷ୍ଣୁଙ୍କ ପାଖକୁ ଚାଲିଆସିଲା। ଉତ୍ତରପ୍ରଦେଶ ଦେଓଗଡ଼ରେ ଥିବା ଦଶ ଅବତାର ମନ୍ଦିର କାନ୍ଥରେ ସର୍ପ ଉପରେ ବିରାଜିତ ଏକ ଚତୁର୍ବାହୁ ବିଷ୍ଣୁ ଏବଂ ଗରୁଡ଼ ଉପରେ ବସିଥିବା ଅନ୍ୟ ଏକ ବିଷ୍ଣୁଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ବିଷ୍ଣୁଙ୍କ ଏଭଳି ସବୁ ମୂର୍ତ୍ତି ସହ ଆମେ ସମସ୍ତେ ପରିଚିତ।

ଏହି ପରିବର୍ତ୍ତନକୁ ଶାସ୍ତ୍ରଗୁଡ଼ିକ ବି ସମର୍ଥନ କରନ୍ତି। ହରିବଂଶରେ ଉଲ୍ଲେଖ କରାଯାଇଛି ଯେ, ଗୋପାଳକ କୃଷ୍ଣ ନିଜକୁ ବିଷ୍ଣୁ ଭାବେ ପରିପ୍ରକାଶ କରିଛନ୍ତି। ବାଲ୍‌କୃଷ୍ଣଙ୍କ ମାତାପିତା ଅଛନ୍ତି। ହେଲେ ବିଷ୍ଣୁ ସ୍ୱୟଂ ସୃଷ୍ଟ। ଏହିଭଳି ଧାରଣାକୁ ମୂର୍ତ୍ତିଗୁଡ଼ିକରେ ପ୍ରତିପାଦିତ ମଧ୍ୟ କରାଯାଇଥିଲା। ଯୁବକ ତଥା ଦୁଇବାହୁ ବିଶିଷ୍ଟ କୃଷ୍ଣ ରାକ୍ଷସଙ୍କ ସହିତ ଯୁଦ୍ଧକରିବା ଏବଂ ପର୍ବତ ଉଠାଇବା ଭଳି ସିଦ୍ଧାନ୍ତକୁ ମୂର୍ତ୍ତିଗୁଡ଼ିକରେ ଦର୍ଶାଯାଇଥିଲା। ସେହିଭଳି ବ୍ରହ୍ମାଣ୍ଡକୁ ସଞ୍ଚାଳନ କରୁଥିବା ଚତୁର୍ବାହୁ ବିଷ୍ଣୁଙ୍କ ମୂର୍ତ୍ତି କରାଯାଇଥିଲା। କୃଷ୍ଣ ସମୀମ ମରଣଶୀଳ ଅବତାର ଥିଲାବେଳେ ବିଷ୍ଣୁ ଥିଲେ ଅସୀମ ଓ ଅମର। କୃଷ୍ଣଙ୍କ ଅନେକ ସାହସିକ କାର୍ଯ୍ୟ ମଧ୍ୟରୁ ଗିରିଗୋବର୍ଦ୍ଧନ ଉଠାଇବା ମୂର୍ତ୍ତି ଅତ୍ୟନ୍ତ ଲୋକପ୍ରିୟ। ଇନ୍ଦ୍ର ଝଡ଼ ସୃଷ୍ଟିକରି ଯେତେବେଳେ ଗୋପାଳକଙ୍କୁ ଦଣ୍ଡିତ କରିଥିଲେ, ସେତେବେଳେ କୃଷ୍ଣ ତାଙ୍କ କାଣି ଅଙ୍ଗୁଳିରେ ପର୍ବତ ଉଠାଇ ଲୋକଙ୍କୁ ତା' ତଳେ ଆଶ୍ରୟ ଦେଇଥିଲେ। କୃଷ୍ଣଙ୍କ ବ୍ରହ୍ମାଣ୍ଡ ରୂପ ଏବଂ ତିନି ପାଦରେ ସାରା ପୃଥିବୀକୁ ଭ୍ରମଣ କରିଥିବା ବୈଦିକ ବିଷ୍ଣୁଙ୍କ ପ୍ରତିରୂପକୁ ଏହା ସୂଚିତକରେ। ଏଥିରେ ବୃନ୍ଦାବନର ହିରୋଙ୍କୁ ବୈଦିକ ଦେବତା ସହ ଏକାଠି କରାଯାଇଛି।

କୃଷ୍ଣଙ୍କ ପର୍ବତ ଉଠାଇବା କାହାଣୀ ପୂର୍ବ ଉପକୂଳ ଅଞ୍ଚଳକୁ ବ୍ୟାପିବା ପରେ କାମ୍ବୋଡ଼ିଆରେ ପହଞ୍ଚିଥିଲା। ପାଖାପାଖି ଖ୍ରୀଷ୍ଟାବ୍ଦ ୭୦୦ରେ ତାମିଲନାଡୁର ମହାବଳିପୁରମରେ କଳାକାରମାନେ ଗ୍ରାନାଇଟ୍ ଚଟାଣରେ କୃଷ୍ଣ ଗୋବର୍ଦ୍ଧନ ପର୍ବତ ଉଠାଇଥିବା ଏକ ବିଶାଳ ମୂର୍ତ୍ତି ଖୋଦେଇ କରିଥିଲେ। ଏହି ଚିତ୍ରଫଳକରେ ମଧ୍ୟ ଖୋଦିତ ଗାଈ ବାଛୁରୀ ମୂର୍ତ୍ତି ରହିଛି। ଆମ ପାଖରେ ଏହା ପୂର୍ବର କେବଳ ଚୂଳଥିବା ଷଣ୍ଢଙ୍କ ମୂର୍ତ୍ତି ଥିଲା। ଏହି ଚିତ୍ରଫଳକ ବା ଶିଳା କଳାକୃତି ହେଉଛି ବ୍ରହ୍ମାଣ୍ଡ 'ଗାଈ'ଙ୍କ ସ୍ୱର୍ଗ ଭାବେ ଜଣାଶୁଣା ଗୋ-ଲୋକର ପୁରାତନ ଧାରଣାକୁ ସୂଚିତକରେ। ବାସୁଦେବରୁ କିଭଳି ବିଷ୍ଣୁଙ୍କ ପରିପ୍ରକାଶ ହୋଇଛି ତାହା କଳା ଐତିହାସିକମାନେ ଏବେ ଦର୍ଶାଉଛନ୍ତି। କ୍ଷୁଦ୍ର ଇଣ୍ଡୋ-ଗ୍ରୀକ୍ ମୁଦ୍ରାଠାରୁ ଆରମ୍ଭକରି ମହ୍ଲାର, ମଥୁରା ଓ ମହାବଳିପୁରମର ପଥର ଚଟାଣ ପର୍ଯ୍ୟନ୍ତ ସବୁଥିରେ ମହାଭାରତର ଜଣେ ଗୋପାଳକ ବୀର କିଭଳି ବ୍ରହ୍ମାଣ୍ଡ ରକ୍ଷକ ପାଲଟିଛନ୍ତି ତାହା ଆମେ ଲକ୍ଷ୍ୟ କରିପାରିବା।

-devduttofficial@gmail.com

# ବୈଦିକ ସଂସ୍କୃତିର ସୌରଭ



ଇଂ. ସଚ୍ଚିଦାନନ୍ଦ ନନ୍ଦ

ବେଦ, ମାନବ ଜାତି ପାଇଁ ଈଶ୍ୱରଙ୍କ ଅମୂଲ୍ୟ ସଂପଦ। ଏହା ପରମାତ୍ମାଙ୍କ ଅମୃତ ବାଣୀ। ଆର୍ଯ୍ୟ ସାହିତ୍ୟର ଅକ୍ଷୟ ଭଣ୍ଡାର। ଏଥିରେ ଥିବା ଈଶ୍ୱର ପ୍ରଦତ୍ତ ଦିବ୍ୟଜ୍ଞାନ ପୃଥିବୀର ଅନ୍ୟ ଗ୍ରନ୍ଥରେ ଦେଖିବାକୁ ମିଳେନାହିଁ। ବେଦର ଶିକ୍ଷା, ବେଦର ଆଦର୍ଶ ଅତୀବ ମହାନ୍, ଦୈନନ୍ଦିନ ଜୀବନରେ ପାଳନ ସାପେକ୍ଷ। ଏହି ଶିକ୍ଷାକୁ ଯଦି କିଞ୍ଚିତ ପରିମାଣରେ ଜନ ସମକ୍ଷରେ ପହଞ୍ଚାଇ ହୁଏ ତାହା ଜନ ସମାଜ ପାଇଁ ଅଶେଷ ମଙ୍ଗଳଦାୟକ ହେବ। ଏହା ଏକ ଆଧ୍ୟାତ୍ମିକ ସେବା ଭାବେ ପରିଣତ ହେବ। ଏହି ଅବଲମ୍ବନରେ ଅନେକ ଭାରତୀୟ ନିଜ ଜୀବନକୁ ଶୁଦ୍ଧ, ପବିତ୍ର ଓ ଶାସ୍ତ୍ରୀୟ କରି ପ୍ରଭୂତ ଉପକାର ଲାଭ କରିଛନ୍ତି। ଏହା ସର୍ବକାଳୀନ ହୋଇଥିବାରୁ ବର୍ତ୍ତମାନ ମଧ୍ୟ ଏହାର ଅବଲମ୍ବନରେ ଜଣେ ମହାନ୍ ଗୁଣର ଅଧିକାରୀ ହୋଇପାରିବ। ଏହି ଜ୍ଞାନ ପରିବାର କ୍ଷେତ୍ରରେ ଉପଯୋଗ କରି ଯେଉଁମାନେ ମହାନ୍ ହୋଇପାରିଥିଲେ ତନ୍ମଧ୍ୟରୁ ଅଗାଧ ଓ ଅସୀମ ପ୍ରତିଭାର ଅଧିକାରୀ, ତାଙ୍କ ସମୟର ସର୍ବୋଚ୍ଚ ଶିକ୍ଷାବିତ୍ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନ, ଭାରତରେ ତଥା ବହୁ ବିଦେଶରେ ନିଜ ପାଣ୍ଡିତ୍ୟର ପରିଚୟ ଦେଇ ଆମ ଦେଶ ସଂସ୍କୃତି ଓ ଭାରତୀୟ ଜ୍ଞାନର ଉପଯୁକ୍ତ ପରିଚୟ ନିଜ କର୍ମ ମାଧ୍ୟମରେ ପ୍ରଦାନ କରିପାରିଥିଲେ। ତାଙ୍କ ବାଲ୍ୟକାଳରୁ ନିଜ ପରିବାରରୁ ସେ ବୈଦିକ ଜ୍ଞାନର ଅଧିକାରୀ ହୋଇଥିଲେ। ତାଙ୍କ ମାତା ପିତା ଏ ବାବଦରେ ତାଙ୍କ ଆଦର୍ଶ ଥିଲେ। ସେ ସମଗ୍ର ପୃଥିବୀବାସୀଙ୍କ ଉଦ୍ଦେଶ୍ୟରେ କହୁଥିଲେ - 'ତୁମେ କେତେ ଜ୍ଞାନର ଅଧିକାରୀ ତାହାର ଏକ ମୁକୁଟ କରି ମଥାରେ ପିନ୍ଧି ବୁଲିଲେ ତାହା ଜ୍ଞାନର ଠିକ ପ୍ରଚାର ହୋଇପାରିବ ନାହିଁ, ତୁମର ଆଚରଣ ଓ ବ୍ୟବହାର ହିଁ ତୁମ ଜ୍ଞାନର ପ୍ରକୃତ ପରିଚୟ।'

ଏହି ଲେଖା ପ୍ରସ୍ତୁତ କରିବା ପୂର୍ବରୁ ବେଦ ପୃଷ୍ଠା ଓଲଟାଇଲାବେଳେ ସେହି କଥା ବେଦରୁ ମଧ୍ୟ ଦେଖିବାକୁ ମିଳିଲା। ଡକ୍ଟର ରାଧାକ୍ରିଷ୍ଣନ ବାଲ୍ୟ କାଳୁ ତାଙ୍କ ପରିବାରରୁ ବୈଦିକ ସଂସ୍କାର ପାଇଥିଲେ, ଯେଉଁଥିରେ ତାଙ୍କ ଶୁଦ୍ଧ ଆଚରଣ ଓ ବ୍ୟବହାରରେ ଅତୀବ ସନ୍ତୁଷ୍ଟ ହୋଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ତାଙ୍କୁ ଡାକି ଆଣି ଦେଶର ସୁନାମ ବଢ଼ାଇବା ଲକ୍ଷ୍ୟରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତ କରାଇଥିଲେ। ସେ ନିଜର ବିଦ୍ୟା ଓ ଗୁଣର ପରିଚୟ ଦେଇ ପ୍ରଥମେ ଉପରାଷ୍ଟ୍ରପତି ଓ ପରେ ରାଷ୍ଟ୍ରପତି ପଦ ଅଳଂକୃତ କରିପାରିଥିଲେ। ସେହି ବେଦଜ୍ଞାନରୁ କିଛି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ କରିବାର ସୁଯୋଗକୁ ସଦ୍ ବ୍ୟବହାର କରାଯାଉଛି। ବେଦ କହନ୍ତି - 'ଯଥା ନଃ ଇଜନୋଽନମୀବଃ।' - ଯଜୁ ୩୩/୮୨ ଅର୍ଥ - ଆମେ ପରସ୍ପର ସହିତ ସୌଜନ୍ୟପୂର୍ଣ୍ଣ ବ୍ୟବହାର କରିବା। ସଜ୍ଜନମାନଙ୍କର ବ୍ୟବହାର, ଉଦାରତା, ସହାୟତା ଏବଂ ସ୍ନେହପୂର୍ଣ୍ଣ ହୋଇଥାଏ। 'ଓଁ ଦେବାନାମପି ପନ୍ଥାମଗ୍ନ' - ଅଥର୍ବ ୧୧/୫୯/୩, ଅର୍ଥ - ଯେଉଁ ପଥରେ ସଜ୍ଜନମାନେ ଯାଆନ୍ତି ସେହି ମାର୍ଗରେ ଚାଲ। ଉଦ୍ଦଣ୍ଡ ଓ ଅନୀତି ପଥରେ ଗଲେ ଦୁଃଖ ମିଳେ। 'ଦ୍ୟସତ୍ କୃଣୋଷ୍ୟଧ୍ୱରମ୍' - ଋଗ୍ ୧/୭୪/୪, ଅର୍ଥ - ସଜ୍ଜନମାନେ ସତ୍ କର୍ମରେ ସାହାଯ୍ୟ କରିଥାନ୍ତି। ସତ୍ କର୍ମରେ ସାହାଯ୍ୟ କରିବା ସଜ୍ଜନମାନଙ୍କର ଆବଶ୍ୟକ କର୍ତ୍ତବ୍ୟ। 'ମଧୁମତୀଃ ମଧୁ ମତୀଭିଃ ସଂପୃଚ୍ୟନ୍ତାଂ' - ଯଜୁ ୧/୨୧, ଅର୍ଥ - ମଧୁର ବାଣୀ କହ, ମିଷ୍ଟଭାଷୀଙ୍କ ସହିତ ରହ। ଯେଉଁମାନେ ମଧୁର ବ୍ୟବହାର କରନ୍ତି ତାଙ୍କ ପାଇଁ ସମସ୍ତେ ଆପଣାର ହୋଇଯାଆନ୍ତି। 'ମିତ୍ରସ୍ୟାହଂ ଚକ୍ଷୁସା ସର୍ବାଣି ଭୂତାନି ସମୀକ୍ଷେ' - ଯଜୁ ୩୬/୧୮, ଅର୍ଥ - ସବୁ ପ୍ରାଣୀମାନଙ୍କୁ ମିତ୍ର ଦୃଷ୍ଟିରେ ଦେଖିବା ଆବଶ୍ୟକ। କୌଣସି ପ୍ରାଣୀକୁ ନୁହେଁ ବରଂ ତାହାର କୁକର୍ମକୁ ଘୃଣା କର। 'ଜ୍ୱିହା ମେ ମଧୁମମା' - ତୈତିରୀୟ ୧/୪, ଅର୍ଥ - ମୋ ଜିହ୍ୱା ମିଷ୍ଟ ବଚନ କହୁ। କଟୁ କର୍କଶ ଓ କୁବଚନ କହି ବାଣୀକୁ ଦୂଷିତ କରନାହିଁ।'

ବୈଦିକ ନୀତି ଅନୁଯାୟୀ ଜୀବନଯାପନ କଲେ ସର୍ବଶ୍ରେଷ୍ଠ ଫଳ ଲାଭ ହେବ, କାରଣ ବୈଦିକ ଜ୍ଞାନ ହିଁ ଶ୍ରେଷ୍ଠ ଜ୍ଞାନ। ଭାରତର ପୂର୍ବ ଐତିହ୍ୟ, ଭାରତୀୟ ସଂସ୍କୃତିର ମୂଳାଧାର ବେଦ ଭଗବାନଙ୍କ ଦ୍ୱାରା ଋଷିମାନଙ୍କ ଜରିଆରେ ସମଗ୍ର ମାନବ ଜାତିର ଉଦ୍ଧାରଣ ପାଇଁ ପ୍ରଦତ୍ତ। ତାହାର ପୁନରୁଦ୍ଧାର କରିବା ପାଇଁ ଭଗବାନ ବାବା ଯେଉଁ ସଂକଳ୍ପ କରିଥିଲେ, ଯାହାକୁ ଅଗ୍ରଗତି ଦେଇ ସମ୍ପୂର୍ଣ୍ଣ ଅଜ୍ଞ ଓ ଅଚେତନ ମାନବକୁ ବୈଦିକ ମନ୍ତ୍ରର ସ୍ପର୍ଶ ଦେଇ ସଚେତନ କରିଥିଲେ, ତାହାକୁ ଆଗକୁ ଆଗକୁ ନେବା ପାଇଁ ଆମ୍ଭମାନଙ୍କୁ ଦାୟିତ୍ୱ ଦେଇଥିଲେ, ତାହା ସମ୍ଭବ ହୋଇପାରିବ, ଆମେ ବୈଦିକ ଜ୍ଞାନ ଓ ଉପଦେଶର ପ୍ରସାର ଓ ବ୍ୟବହାର କରାଇପାରିଲେ। ଭଗବାନଙ୍କ ତୃପ୍ତି ଓ ଆମ ଜୀବନର ଅଗ୍ରଗତି ଲକ୍ଷ୍ୟରେ ଧୀରେ ଧୀରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ।

ଅଲିଶା ବଜାର, କଟକ
ମୋ : ୯୩୩୭୨୪୨୯୫୫

## ଏଇ ଭାରତରେ

ସୀମା ସଶସ୍ତ୍ର ବଳ(ଏସ୍‌ଏସ୍‌ବି)ରେ ଦେଶକୁ ସୁରକ୍ଷା ଦେବା ଲାଗି ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବା ସହ ଚାଷକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଉତ୍କୃଷ ପାଣ୍ଡେ। ସେ ଉତ୍ତରପ୍ରଦେଶ ପ୍ରତାପଗଡ଼ ଭଦାଉନ୍ ଗାଁରେ ୭ ଏକର ଫାର୍ମରେ ଜୈବିକ ଚାଷ କରୁଛନ୍ତି। ଏହି ଫାର୍ମର ନାମ ରଖିଛନ୍ତି 'ଋଷିଗ୍ରାମ ଅର୍ଗାନିକ୍ସ'। ଜୈବିକ ପଦ୍ଧତିରେ ହଳଦୀ ଏବଂ ଧାନ ଚାଷ କରାଯାଉଛି। ବିଶେଷକରି ସ୍ଥାନୀୟ ଅଞ୍ଚଳର ପୁରୁଣା ତଥା କଳାନମେକ ବାସ୍ନାଧାନ ଚାଷ କରୁଛନ୍ତି। ଫାର୍ମରେ ବିଶେଷକରି କଳା ଓ କସ୍ତୁରୀ ହଳଦୀ ଚାଷ ହେଉଛି। ଏପରିକି ହଳଦୀ ଚାଷ ପାଇଁ ୧୩ଟି ରାଜ୍ୟରେ ୫୦୦ରୁ ଅଧିକ କୃଷକଙ୍କୁ ସହଯୋଗ କରୁଛନ୍ତି। ପାଣ୍ଡେ ଏସ୍‌ଏସ୍‌ବିରୁ ଅବସର ନେବାପରେ ଗାଁକୁ ଫେରି ଜୈବିକ ଚାଷକୁ ପସନ୍ଦ କରିଥିଲେ। ସେ ମଧ୍ୟ ଗୋପାଳନ କରିବା ସହ ସହ ଗୋବରରୁ ଜୈବିକ ଖତ ପ୍ରସ୍ତୁତକରି କ୍ଷେତରେ ବ୍ୟବହାର କରୁଛନ୍ତି। ପାଣ୍ଡେ ଚାଷରେ କେବଳ ଅଟକି ନ ଯାଇ 'ହର୍ ଘର୍ ଚନ୍ଦନ' ଅଭିଯାନ ଚଳାଇଛନ୍ତି। ଏହି ଅଭିଯାନରେ ସେ ୩୦୦୦ରୁ ଊର୍ଦ୍ଧ୍ୱ ଚନ୍ଦନଗଛ ରୋପଣ କରିଛନ୍ତି। ଚନ୍ଦନ ବନ ସୃଷ୍ଟି କରିବା ପାଇଁ ସେ ଏକ ଚନ୍ଦନ ନର୍ସରି କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୪ ଡିସେମ୍ବର ୧୯୭୬

- ସୋଭିଏତ ରୁଷିଆ ମହାକାଶ ତଥ୍ୟସନ୍ଧାନ ଉଦ୍ଦେଶ୍ୟରେ 'କସ୍ମସ-୮୭୦' ନାମକ ଏକ କୃତ୍ରିମ ଉପଗ୍ରହ ମହାକାଶକୁ ଉତପ୍ରେରଣ କରିଛି।
- ଚୀନର ବହିର୍ବ୍ୟାପାର ମନ୍ତ୍ରୀ ଚିଆଓ କ୍ୱାନ ହ୍ୱାଙ୍କୁ ଅଚାନକ ଭାବେ ପଦରୁ ବରଖାସ୍ତ କରାଯାଇ ତାଙ୍କ ସ୍ଥାନରେ ଜାତିସଂଘସ୍ଥିତ ଚୀନା ରାଷ୍ଟ୍ରଦୂତ ହୁଆଙ୍ଗ ହ୍ୱାଙ୍କୁ ନିଯୁକ୍ତ କରାଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | 1 | | | | | |
| | 2 | | | 3 | | | | 9 |
| | | 6 | | | | | 4 | |
| | | | | | | | | 2 |
| | | | 4 | | 5 | | | 7 |
| | | 2 | | | 6 | 9 | | |
| | | | | | 7 | | | 6 |
| | 3 | | | | 8 | | 5 | 4 |
| | | | | 6 | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 4 | 7 | 5 | 9 | 3 | 8 | 1 |
| 3 | 5 | 8 | 2 | 6 | 1 | 7 | 4 | 9 |
| 7 | 1 | 9 | 4 | 8 | 3 | 6 | 5 | 2 |
| 9 | 7 | 3 | 1 | 4 | 5 | 8 | 2 | 6 |
| 8 | 6 | 5 | 3 | 2 | 7 | 9 | 1 | 4 |
| 2 | 4 | 1 | 6 | 9 | 8 | 5 | 3 | 7 |
| 5 | 8 | 2 | 9 | 1 | 6 | 4 | 7 | 3 |
| 1 | 9 | 7 | 8 | 3 | 4 | 2 | 6 | 5 |
| 4 | 3 | 6 | 5 | 7 | 2 | 1 | 9 | 8 |

ଗତକାଲିର ଉତ୍ତର

# ଆତଙ୍କବାଦ: ଉତ୍ସ ଓ ଉତ୍ପାଟନ



ଉପେନ୍ଦ୍ର ବିଶ୍ୱାଳ

କେବଳ ମାତ୍ର ତୁମ ନିଜ ବିଶ୍ୱାସକୁ ହିଁ ଜ୍ଞାନ ବୋଲି କହି ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ, ଅଜ୍ଞାନ ଅଥବା ମିଥ୍ୟା ବୋଲି ଅଭିହିତ କରିବା ନିହାତି ମୂର୍ଖାମି - ଯୁଗଋଷି ଶ୍ରୀ ଅରବିନ୍ଦ। ଏହି ମର୍ମରେ ଇତିହାସରେ ସଂଘଟିତ ଅନେକ ସୈତାନୀ କାଣ୍ଡ ମଧ୍ୟରୁ ବିଧ୍ୱସ୍ତ ନାଳନ୍ଦା ବିଶ୍ୱବିଦ୍ୟାଳୟ ଅନ୍ୟତମ। ସେଦିନ ସୈତାନର ବିଚାର ଥିଲା- ''ବିଶାଳକାୟ ଲାଇବ୍ରେରିରେ ଥିବା ବହିଗୁଡ଼ିକରେ ଯାହା ଲେଖାଯାଇଛି ତାହା ଯଦି ଆମ ଧର୍ମଗ୍ରନ୍ଥରେ ଲେଖା ନାହିଁ, ତେବେ ଅଜ୍ଞାନଭରା ବହିଗୁଡ଼ିକର କିଛି ମୂଲ୍ୟ ନାହିଁ। ଏଗୁଡ଼ିକ ରହିବା ଉଚିତ ନୁହେଁ। ଆମ ଧର୍ମଗ୍ରନ୍ଥରେ ଯାହା ଲେଖା ଅଛି ଏଥିରେ ଯଦି ତାହା ଥାଏ, ତେବେ ଏଗୁଡ଼ିକର ଆବଶ୍ୟକତା ଆଉ କ'ଣ? ତେଣୁ ଏ ସବୁକୁ ଜାଳିପୋଡ଼ି ନଷ୍ଟ କରିଦିଅ। ବାସ୍, ବିଶ୍ୱକୁ ଉଦ୍ଭାସିତ କରିବାକୁ ଉଦ୍ଦିଷ୍ଟ ଥିବା ବହୁ ଦୁର୍ଲଭ ମହାର୍ଘ୍ୟ ଗ୍ରନ୍ଥସବୁକୁ ନିଆଁ ଲଗାଇ ଧ୍ୱଂସ କରିଦିଆଗଲା।'' ଆମ ବିଶ୍ୱାସ, ବିଚାର ହିଁ ଶ୍ରେଷ୍ଠ। ଆମ ଈଶ୍ୱର ହେଉଛନ୍ତି ଏକମାତ୍ର ଈଶ୍ୱର। ତାଙ୍କ ବ୍ୟତୀତ ଅନ୍ୟ କାହାକୁ ଈଶ୍ୱରଙ୍କ ଆସନରେ ବସାଇବା ଅର୍ଥ ଈଶ୍ୱରଙ୍କ ବିରୋଧରେ ଯିବା। ଆମ ବିଶ୍ୱାସକୁ ସ୍ୱୀକୃତି ଦେଉ ନ ଥିବା ବ୍ୟକ୍ତି ହେଉଛନ୍ତି ଶତ୍ରୁ। ଯେକୌଣସି ଉପାୟରେ ସେମାନଙ୍କୁ ଦମନ କରିବା ହେଉଛି ଈଶ୍ୱରଙ୍କ ଇଚ୍ଛା। ଈଶ୍ୱରଙ୍କ ଇଚ୍ଛାକୁ ପାଳନ କରିବା ସବୁଠୁ ପୁଣ୍ୟ କାମ। ଏଥିପାଇଁ ଧର୍ମଯୁଦ୍ଧ ହିଁ ବିକଳ୍ପ ମାର୍ଗ। ଶୈଶବରୁ ଯଦି ପିଲାଙ୍କ ମନରେ ଏଭଳି ବିଷାକ୍ତ ଚିନ୍ତାଧାରା ଭରିଦିଆଯାଏ, ତେବେ ବଡ଼ ହେଲେ ସେମାନେ ଆତଙ୍କବାଦୀ ନ ହୋଇ କ'ଣ ମହାପୁରୁଷ ହେବେ?

ପ୍ରସଙ୍ଗକ୍ରମେ ଏଇଠି ମନେପଡ଼େ ମନୋଜ ଦାସଙ୍କ ଏକ କାହାଣୀ। ଜଣେ ରାଜା ଥିଲେ, ଯିଏକି ନିରାକାର ବ୍ରହ୍ମଙ୍କ ଉପାସକ। ରାଜାଙ୍କ ବିଶ୍ୱାସ ସହିତ ରାଜ୍ୟର ପ୍ରଜାମାନେ ବି ହେଲେ ନିରାକାରବାଦୀ। ରାଜ୍ୟର ଦୂର ସୀମାନ୍ତରେ ରହୁଥିବା ଜଣେ ସନ୍ଥ ଥିଲେ ଉଭୟ ନିରାକାର ଓ ସାକାର ରୂପରେ ବିଶ୍ୱାସୀ। ରାଜାଙ୍କ ବିଶ୍ୱାସ ଉପରେ ଏହା ଏକ କୁଠାରାଘାତ। ଏଣୁ ରାଜ୍ୟର ଜ୍ଞାନ ଓ ବିଚାରକୁ ଭ୍ରମିତ କରୁଥିବା ଅପରାଧରେ ସନ୍ଥଙ୍କୁ ଦଣ୍ଡିତ କରିବାକୁ ରାଜା ନିଷ୍ପତ୍ତି ନେଲେ। ଦଣ୍ଡିତ ହେବା ପୂର୍ବରୁ ରାଜାଙ୍କୁ ନିବେଦନଟିଏ ବାଢ଼ିଲେ ସନ୍ଥ। ରାଜାଙ୍କ ସମେତ ତିନି ମନ୍ତ୍ରୀଙ୍କୁ କାଗଜ ଖଣ୍ଡିଏ ଖଣ୍ଡିଏ ବଢ଼ାଇଦେଇ ମିନତି କଲେ ମାମୁଲି ପ୍ରଶ୍ନ 'ମାଟି କ'ଣ'ର ଉତ୍ତର ଲେଖିବାକୁ। ଉତ୍ତରରେ ରାଜା ଲେଖିଲେ- ମାଟି ହେଲା ପୃଥିବୀର ମୌଳିକ ଉପାଦାନ। ପ୍ରଧାନମନ୍ତ୍ରୀଙ୍କ ଉତ୍ତର- ଅବଶେଷରେ ଆମ ଦେହ ଯେଉଁଥିରେ ମଶେ। ଦ୍ୱିତୀୟ ମନ୍ତ୍ରୀଙ୍କ ଉତ୍ତର- ଯାହା ଆମକୁ ଶସ୍ୟ ଯୋଗାଏ। ଅନ୍ୟଜଣେ ମନ୍ତ୍ରୀ ଲେଖିଲେ- ଆମେ ଯାହା ଉପରେ ଯାତାୟାତ କରୁ। ଏଠାରେ ଗୋଟିଏ ପ୍ରଶ୍ନ, କିନ୍ତୁ ଉତ୍ତର ଭିନ୍ନ ଭିନ୍ନ। କୌଣସି ବି ଉତ୍ତର ଭୁଲ୍ ନୁହେଁ। ଏଭଳି



କ୍ଷେତ୍ରରେ ସେମାନେ ଯଦି ଦାବି କରିବସନ୍ତି କେବଳ ନିଜ ନିଜ ଉତ୍ତର ହିଁ ଠିକ୍, ତେବେ ଏଭଳି ଦାବି କରିବା ସେମାନଙ୍କ ପାଗଳପଣ ନୁହେଁ କି? ବିଚାରର ଉନ୍ନତି ବିନା ସମାଜର ଉନ୍ନତି ଅସମ୍ଭବ। ଦୁନିଆ ଯେ ପର୍ଯ୍ୟନ୍ତ ଉନ୍ନତ ଚିନ୍ତନ/ ମାନସିକତାରେ ପୁଷ୍ଟ ନ ହୋଇଛି, ସେ ପର୍ଯ୍ୟନ୍ତ ସୁନ୍ଦର ସମାଜଟିଏ ଆଶା କରିବା ବୃଥା। ବିଚାରର ଦରିଦ୍ରତା/ ରୁଗ୍ଣତା ହିଁ ଗୋଟେ ଦେଶର ଦୁଃଖ ଓ ଦୁର୍ଦ୍ଦଶାର କାରଣ।

ରାଷ୍ଟ୍ରର ସୌଭାଗ୍ୟର ସୌଧ ନିର୍ମିତ ହୁଏ ଭବ୍ୟ ଭାବନାର ଭିତ୍ତିଭୂମି ଉପରେ। ଭୟ ପ୍ରଦର୍ଶନ ଦ୍ୱାରା, ବଳ ପ୍ରୟୋଗ କରି ଅବା ଧ୍ୱଂସ ରଚି ନିଜ ମତକୁ ଜୋର କରି ସାବ୍ୟସ୍ତ କରିବା ଅତି ନିକୃଷ୍ଟ ମାନସିକତା। ସେହି ନିକୃଷ୍ଟ ବିଚାରକୁ ଆଧାର କରି କେହି ଯଦି ଚାହେଁ ଆଜିର ନୂଆ ଭାରତକୁ ଅଧୀନସ୍ଥ କରିବ, ତେବେ ତାହା ହେଉଛି ମୂର୍ଖାମି। ଇଞ୍ଜିନିୟରିଂ କି ଡାକ୍ତରୀ ଡିଗ୍ରୀ ହାସଲ କରିବା ବାହାଦୁରୀପଣିଆ ନୁହେଁ। ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ମଣିଷ ହେବା, ମଣିଷପଣିଆ ଧାରଣ କରିବା, ବ୍ୟକ୍ତିର ବିଚାର ଓ ଭାବନାକୁ ଊର୍ଦ୍ଧ୍ୱମୁଖୀ କରିବା। ଏ ସମ୍ପର୍କରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ କୁହନ୍ତି, "EDUCATION IS THE TRAINING OF THE MIND TO THINK BETTER AND BETTER." ଚେତନାର ବିକାଶ ନ ଘଟିଲେ ଶିକ୍ଷା ମୂଲ୍ୟହୀନ। ସେଥିରୁ ଉତ୍କୃଷ୍ଟ ବିଚାର ଆଶାକରିବା ବୃଥା। ଜର୍ମାନୀର ବିଶିଷ୍ଟ ବିଦ୍ୱାନ୍, ଚିନ୍ତକ ମାର୍ଟିନ୍ ଲୁଥରଙ୍କ ଭାଷାରେ, ''କୌଣସି ଭୂମିର ଭାଗ୍ୟ, ଭବିଷ୍ୟତ ନିର୍ଭର କରେନା ଭୂଗୋଳ କି ଭୂସମ୍ପଦ ଉପରେ। ନିର୍ଭର ବି କରେନାହିଁ ପ୍ରାଚୁର୍ଯ୍ୟ ଅବା ପ୍ରତିପତ୍ତି ଉପରେ। ବରଂ ନିର୍ଭର କରେ ଭୂମିରେ ବାସ କରୁଥିବା ଲୋକଙ୍କ ମାନସିକତା ଉପରେ, ଲୋକ ଚରିତ୍ର ଉପରେ।'' ଅର୍ଥାତ୍ ନାଗରିକଙ୍କ ସୁସ୍ଥ ମାନସିକତା, ମହତ୍ ଭାବନା ଦେଶର ସୁଖ, ଶାନ୍ତି ଓ ସମୃଦ୍ଧିର କାରଣ ସାଜୁଥିବା ବେଳେ ଦୁଷ୍ଟ ମାନସିକତା ଡାକିଆଣିଥାଏ ଦେଶର ଦୁର୍ଗତିକୁ।

ଏବେ ଆସିବା ଉପସଂହାରକୁ। କାହିଁକି ଭାରତରେ ଏତେ ଆତଙ୍କବାଦୀ ଆକ୍ରମଣ? ଆତଙ୍କବାଦର ବିଲୋପ ପାଇଁ ଇସ୍ରାଏଲର ଇସ୍ତାହାର କ'ଣ କୁହେ? ୦୭ ଅକ୍ଟୋବର ୨୦୨୩ରେ ହମାସ୍ ଆତଙ୍କବାଦୀଙ୍କ ଆକ୍ରମଣରେ ଇସ୍ରାଏଲ୍‌ର ୧୨୦୦ ଲୋକଙ୍କ ଜୀବନ ଯାଇଥିଲା। ପରିଣତିରେ? ଜାତିସଙ୍ଘ ସମେତ ୫୦ରୁ ଅଧିକ ମୁସ୍‌ଲିମ ଦେଶଙ୍କ ନାଲିଆଖିକୁ ତିଳେମାତ୍ର ଖାତିର ନ କରି ଆତଙ୍କବାଦୀଙ୍କ ମୂଳୋତ୍ପାଟନ ପାଇଁ କଡ଼ାଗଣ୍ଡା ପ୍ରତିଶୋଧ ନେଲା। ଆଜି ଭୂଗୋଳ ପୃଷ୍ଠାରୁ ଗାଜା ଏକପ୍ରକାର ନିଶ୍ଚିହ୍ନ। ପ୍ରାୟ ୧ ଲକ୍ଷ ଲୋକଙ୍କ ଶବ ଉପରେ ଗାଜାର ଅଧା ଅଞ୍ଚଳ ଇସ୍ରାଏଲ ଅକ୍ତିଆରରେ। ଲୁଚିବାକୁ ସେଠାରେ ସାମାନ୍ୟ ଟିକେ ଜାଗା ନ ପାଇ ଭାଗ୍ୟବଶତଃ ବଞ୍ଚି ଯାଇଥିବା ହାତଗଣତି ସ୍ୱଳ୍ପ କେତେଜଣ ହମାସ୍ ଆତଙ୍କବାଦୀ ଆସି ଲୁଚିଛନ୍ତି ପାକିସ୍ତାନରେ ପ୍ରାଣ ଟିକକ ବଞ୍ଚାଇବା ପାଇଁ। ଇସ୍ରାଏଲ୍‌ର ଇସ୍ତାହାର ସମେତ ଭାରତ ବି ବୁଝିବା ଉଚିତ ପଡ଼ୋଶୀ ବେଜିଂର ବ୍ୟାକରଣ। ଏଥିପାଇଁ ଚାଇନାର ଉଇଘର ହେଉଛି ଉତ୍କୃଷ୍ଟ ଉଦାହରଣ। ଆମ ପାଇଁ ତାହା ଉତ୍କର୍ଷର ଉପଲବ୍ଧି। ନକ୍ସଲ ନିପାତ ଅଭିଯାନ ପରି ଆତଙ୍କବାଦର ଉତ୍ପାଟନ ପାଇଁ ଭାରତ ସରକାର କଠୋର ନିଷ୍ପତ୍ତି ନେବା ଉଚିତ। ଉତ୍ପୀଡ଼ନର ଉତ୍ସ ଆତଙ୍କବାଦର ଉତ୍ପାଟନ କରିବାକୁ ହେଲେ ଭାରତ ପ୍ରଦର୍ଶନ କରିଆସୁଥିବା ଉଦ୍‌ବୃତ୍ତ ଉଦାରତାକୁ ଉତ୍ସର୍ଗ କରିବାକୁ ହେବ। କାରଣ, ରାଷ୍ଟ୍ର ସର୍ବୋପରି। ଏହାକୁ ଆମେ ସମସ୍ତେ ହୃଦୟଙ୍ଗମ କରିବା ଦରକାର। ''ରାଷ୍ଟ୍ର ରକ୍ଷା ସମଂ ପୁଣ୍ୟମ୍, ରାଷ୍ଟ୍ର ରକ୍ଷା ସମଂ ବ୍ରତମ୍, ରାଷ୍ଟ୍ର ରକ୍ଷା ସମଂ ଯଜ୍ଞ, ଦୃଷ୍ଟି ନୈବ ନୈବ ଚ''- ଅର୍ଥାତ୍ ରାଷ୍ଟ୍ର ରକ୍ଷା ସମାନ କୌଣସି ପୁଣ୍ୟ ନାହିଁ, ରାଷ୍ଟ୍ର ରକ୍ଷା ସମାନ କୌଣସି ବ୍ରତ ନାହିଁ, ରାଷ୍ଟ୍ର ରକ୍ଷା ସମାନ କୌଣସି ଯଜ୍ଞ ନାହିଁ, ରାଷ୍ଟ୍ର ରକ୍ଷା ସର୍ବୋପରି ହେବା ଉଚିତ।

ମୋ: ୯୪୩୭୪୩୬୦୭୩

## ପାଠକ ଶ୍ରେଷ୍ଠ ବିଚାରକ

### ପରୀକ୍ଷା ଶୃଙ୍ଖଳିତ ହେଉ

ମହାଶୟ,

୨୦୨୫ ଶେଷ ହେବାକୁ ଯାଉଛି। ୨୦୨୬ ଫେବୃଆରୀ ଓ ମାର୍ଚ୍ଚରେ ଦଶମ, ଦ୍ୱାଦଶ ଏବଂ ଅନ୍ୟାନ୍ୟ ସବୁ ପରୀକ୍ଷା ଆରମ୍ଭ ହେବ। ଆଡ୍‌ମିଟ୍ କାର୍ଡ ଦେବାଠାରୁ ଆରମ୍ଭ କରି ପରୀକ୍ଷା ଖାତା ଦେଖା ସହିତ ରେଜଲ୍ଟ ବାହାରିଲା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଯେପରି ସୂଚାରୁ ରୂପେ ତଥା ଶୃଙ୍ଖଳିତ ଭାବରେ ହେବ, ସେଥିପ୍ରତି ପ୍ରଶାସନ ତତ୍ପର ହେବା ଉଚିତ। ଛାତ୍ରୀଛାତ୍ରଙ୍କ ସହିତ ଯେପରି କୌଣସି ପ୍ରକାର ଅନ୍ୟାୟ ବା ଅବହେଳା ନ ହୁଏ, ସେଥିପାଇଁ ସମସ୍ତ ବନ୍ଦୋବସ୍ତ ଭଲଭାବରେ ତଦାରଖ କରାଯାଉ। ଛାତ୍ରୀଛାତ୍ରଙ୍କ ମାନସିକ ସ୍ଥିତିକୁ ଦେଖି ଯେପରି କୌଣସି ପ୍ରକାର ଖେଳ କେହି ବି ଖେଳିବେ ନାହିଁ। ପ୍ରଶାସନ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପୂର୍ବରୁ ଯାହାସବୁ ଅଘଟଣ ଘଟିଛି, ସେସବୁର ପୁନରାବୃତ୍ତି ନ ହେଉ। ଶିକ୍ଷା ବିଭାଗ ଏବଂ ପରୀକ୍ଷା କର୍ତ୍ତୃପକ୍ଷ ସଜାଗ ରୁହନ୍ତୁ।

-ପୁଷ୍ପା ମହାନ୍ତି, ସାଇ ବିହାର, ଭୁବନେଶ୍ୱର

## ଚିରନ୍ତନୀ

ମୁକୁଳାଇ କେଶ ଆକୁଳାଇ ମୋର ହିୟା
କିଏ ସେ ଆଜି ଗୋ ଦୁଆରେ ହୋଇଲ ଠିଆ ?
ଅଙ୍ଗେ ଦୁକୂଳ ବଖାଣଇ ନିଜ ଶୋଭା ।
ଶୂନ୍ୟ ଏ ଘରେ ଆସିଲ କାହାର ପ୍ରିୟା !
-(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଇଆଇଏମ୍‌ସି ଢେଙ୍କାନାଳ ଓ ଆଇଆଇଏମ୍ ସମ୍ବଲପୁର ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

## ଆନ୍ତଃ ବିଭାଗୀୟ ଗବେଷଣା ସହ ସୁଦୃଢ ହେବ ଶୈକ୍ଷିକ ସହଯୋଗ

ଢେଙ୍କାନାଳ,୩।୧୨(ରତନ ନାୟାର)



ଆଇଆଇଏମସି ଢେଙ୍କାନାଳ ଓ ଆଇଆଇଏମ୍ ସମ୍ବଲପୁର ମଧ୍ୟରେ ବୁଝାମଣା।

ଭାରତୀୟ ଜନସଞ୍ଚାର ସଂସ୍ଥାନ ଢେଙ୍କାନାଳ ଏବଂ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ସମ୍ବଲପୁର ମଧ୍ୟରେ ବୁଧବାର ଏକ ବୁଝାମଣାପତ୍ର ଆଇଆଇଏମ୍ କ୍ୟାମ୍ପସରେ ସ୍ୱାକ୍ଷରିତ ହୋଇଛି । ପୂର୍ବ ଭାରତରେ ମିଳିତ ଶୈକ୍ଷିକ ପଦକ୍ଷେପକୁ ବିସ୍ତାର କରିବା ସହ ଆନ୍ତଃ ବୈଷୟିକ ଗବେଷଣାକୁ ଅଧିକ ସୁଦୃଢ କରିବା ଉଦ୍ଦେଶ୍ୟରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଛି । ଏହି ପରିପ୍ରେକ୍ଷୀରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ଓ ଆଇଆଇଏମ୍‌ସିର କୁଳ ସଚିବ ମଧୁ ଏଲ୍. ନାଗ ଏବଂ ଆଇଆଇଏମ୍‌ସି ଢେଙ୍କାନାଳ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଉପସ୍ଥିତ ରହି ଏହି ବୁଝମଣା ପାଇଁ ସ୍ୱାକ୍ଷର କରିଛନ୍ତି। ସହଭାଗିତା ଜରିଆରେ ଉଭୟ ପ୍ରତିଷ୍ଠାନ ମିଳିତ ଶୈକ୍ଷିକ ବିକାଶ ତଥା ଉନ୍ନତ ଗବେଷଣା ଦିଗରେ କାର୍ଯ୍ୟ କରିବେ । ଏପରିକି ଶିକ୍ଷକ ଓ ବିଦ୍ୟାର୍ଥୀ ଆଦାନ ପ୍ରଦାନ କରିବା ସହ ମିଳିତ ଭାବେ ଆଲୋଚନାଚକ୍ର, ସମ୍ମିଳନୀ ଓ କ୍ଷମତା-ନିର୍ମାଣ, କର୍ମଶାଳାର ଆୟୋଜନ କରିବେ। ଏଥିସହ ଗଣମାଧ୍ୟମ, ଯୋଗାଯୋଗ, ମ୍ୟାନେଜମେଣ୍ଟ, ଉଦ୍ୟୋଗ ଏବଂ ଡିଜିଟାଲ ରୁପାନ୍ତରକରଣ ଭଳି କ୍ଷେତ୍ରରେ ମିଳିତ ଗବେଷଣାଭିତ୍ତିକ ପ୍ରକଳ୍ପ ପାଇଁ କାର୍ଯ୍ୟ କରିବେ । କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ, ଅଭିବ୍ୟକ୍ତି ରଖିବା ସହ ଏହାକୁ ସ୍ୱାଗତ କରିଥିଲେ। ଏହାର ଶୈକ୍ଷିକ ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଆଇଆଇଏମ୍ ସର୍ବଦା ଆନ୍ତଃ-ବିଷୟ ଶିକ୍ଷାକୁ ପ୍ରୋତ୍ସାହିତ କରିବା ତଥା ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ବଦ୍ଧପ୍ରତିବଦ୍ଧ । ଏହି ବୁଝାମଣା ଉଭୟ ପ୍ରତିଷ୍ଠାନର ଛାତ୍ର ଓ ଅଧ୍ୟାପକଙ୍କୁ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ଆଦାନ ପ୍ରଦାନରେ ସହଯୋଗ କରିବ । ଯାହା ଭବିଷ୍ୟତ ପୀଢିକୁ ଯୋଗାଯୋଗ, ପରିଚାଳନା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅଧିକ ସଶକ୍ତ କରିବ ବୋଲି ସେ ପ୍ରକାଶ କରିଥିଲେ । ସେହିପରି ଆଇଆଇଏମ୍‌ସିର କୁଳସଚିବ ମଧୁ ଏଲ୍. ନାଗ, ଉଭୟ ପ୍ରତିଷ୍ଠାନ ମଧ୍ୟରେ ବୁଝାମଣାର ଗୁରୁତ୍ୱ ବଖାଣିଥିଲେ । ଏହା ଛାତ୍ର ଓ ଅଧ୍ୟାପକଙ୍କୁ ସମୃଦ୍ଧ ଶୈକ୍ଷିକ ସୁଯୋଗ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଯୋଗାଯୋଗ ଓ ପରିଚାଳନା ଭିତିଭୂମୀକୁ ମିଶ୍ରଣରେ ଆମେ ମିଳିତ ଭାବେ ଗଣମାଧ୍ୟମ ଓ ପରିଚାଳନା କ୍ଷେତ୍ରରେ ଗବେଷଣା, ନବସୃଜନ, ନେତୃତ୍ୱ ବିକାଶ ତଥା କ୍ଷମତା ନିର୍ମାଣରେ ଯୋଗଦାନ କରିବୁ । ଏହି ସହଭାଗିତା ଉଭୟ ପ୍ରତିଷ୍ଠାନ ପାଇଁ ନୂତନ ଦିଗନ୍ତ ଖୋଲିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଚୁକ୍ତିନାମାର ବ୍ୟାପକ ଗୁରୁତ୍ୱ ଉପରେ ଆଇଆଇଏମ୍‌ସି ଢେଙ୍କାନାଳର ଆଂଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ କହିଲେ ଯେ, ଆଜିର ପରିବର୍ତ୍ତନଶୀଳ ଗଣମାଧ୍ୟମ ପରିବେଶରେ ଆନ୍ତଃ ବିଷୟ ସହଭାଗିତା ଅତ୍ୟନ୍ତ ଜରୁରୀ । ଆଜିର ଦ୍ରୁତ ଗତିରେ ବିକଶୀତ ହେଉଥିବା ଗଣମାଧ୍ୟମ ଏବଂ ଯୋଗାଯୋଗ ପରିଦୃଶ୍ୟରେ ସହଯୋଗ ହେଉଛି ଶୈକ୍ଷିକ ଉତ୍କର୍ଷତାର ଚାବିକାଠି। ଆଇଆଇଏମ୍ ସମ୍ବଲପୁର ସହିତ ଆମର ସହଭାଗିତା, ଛାତ୍ର ଏବଂ ଅଧ୍ୟାପକ ମାନଙ୍କୁ ପରିଚାଳନା, ଉଦ୍ୟୋଗତା ଏବଂ ଡିଜିଟାଲ ନବସୃଜନରେ ଫଳପ୍ରଦ ହେବ। ସମାନ ଭାବେ ଆଇଆଇଏମ୍‌ର ବିଦ୍ୟାର୍ଥୀ ମାନେ ସାମ୍ବାଦିକତା, ଯୋଗାଯୋଗ, କାହାଣୀ ରଚନା ଏବଂ ଜନ ସଂଯୋଗ କ୍ଷେତ୍ରରେ ଆଇଆଇଏମ୍‌ସିର ଅଭିଜ୍ଞତାରୁ ଲାଭବାନ ହେବେ । ଏହି ବୁଝାମଣାପତ୍ର ଆନ୍ତଃ-ବିଭାଗୀୟ ଶିକ୍ଷାକୁ ଅଧିକ ମଜବୁତ କରିବ ବୋଲି ସେ କହିଥିଲେ । ଏହି ବୁଝାମଣାର ଦୀର୍ଘକାଳୀନ ପ୍ରଭାବ ବିଷୟରେ ଉଭୟ ପ୍ରତିଷ୍ଠାନ ଆଶାବାଦୀ ପ୍ରକାଶ କରିବା କରିଥିଲେ । ଏହା ଶୈକ୍ଷିକ ଗୁଣବତା, ଗବେଷଣା ଉତ୍ପାଦନ ଏବଂ ଶିଳ୍ପ ସମ୍ପର୍କର ଅଭିବୃଦ୍ଧି କ୍ଷେତ୍ରରେ ସହାୟ ହେବ ବୋଲି ମତପ୍ରକାଶ ପାଇଥିଲା ।

# କାମାକ୍ଷାନଗରରେ ବ୍ଲକସ୍ତରୀୟ ପ୍ରତିଯୋଗିତା



ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅତିଥି ଓ ପ୍ରତିଯୋଗୀମାନେ ।

ଢେଙ୍କାନାଳ,୩।୧୨(ରତନ ନାୟାର)

ଢେଙ୍କାନାଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେଶନ ୭ମ ପ୍ରତିଷ୍ଠା ଦିବସ ଉପଲକ୍ଷେ କାମାକ୍ଷାନଗରଠାରେ ବ୍ଲକସ୍ତରୀୟ 'ମୋ ଢେଙ୍କାନାଳ ମହୋତ୍ସବ' 'ମୋ ପ୍ରତିଭା ମୋ ପରିଚୟ' ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ ଓ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।। ଏଥିରେ ବିଭିନ୍ନ ବିଦ୍ୟାଳୟର ୧୫୦ ଛାତ୍ରୀଛାତ୍ର ଯୋଗଦେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଶିଷ ରଞ୍ଜନ ମହାନ୍ତି, ଅନୁଷ୍ଠାନର ପ୍ରତିଷ୍ଠାତା ସୌମ୍ୟବ୍ରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ସମ୍ମାନିତ ଅତିଥି କାମାକ୍ଷାନଗର ଓକିଲ ସଂଘର ସଭାପତି ରଞ୍ଜନ କୁମାର ରାଉତ, ସାମ୍ବାଦିକ ସଂଘ ସମ୍ପାଦକ ହୃଦୟ ବଲଭ ମିଶ୍ର, ସମାଜସେବୀ ରମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଚାରକ ରୂପେ ବିଜୟ କୁମାର ମିଶ୍ର, ମମତା ମହନ୍ତ, ରାଜଶ୍ରୀ ପ୍ରଧାନ, ସୌମ୍ୟାଶ୍ରୀ ପଟ୍ଟନାୟକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଫାଉଣ୍ଡେଶନର ସଦସ୍ୟ ହିମାଦ୍ରୀ ଦାସ, ସନ୍ଦୀପ କର, ପ୍ରତାପ ନାଏକ, ଶିକ୍ଷକ ଦୁର୍ଗା ପ୍ରସାଦ ତ୍ରିପାଠୀ, ତରୁଣ କୁମାର ବେହେରା, ପରିଚାଳନା କରିଥିବା ବେଳେ ଇନ୍ଦ୍ରଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଧାରଣା

ଭୁବନ, ୩।୧୨ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳରେ ବିଦ୍ୟୁତ ବିଭାଗ ପକ୍ଷରୁ ମନଇଚ୍ଛା ଜରିମାନାକୁ ବିରୋଧ କରି ଉପଭୋକ୍ତାମାନେ ବୁଧବାର ଭୁବନ ବିଦ୍ୟୁତ୍ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ କର୍ମଚାରୀମାନେ ଅତ୍ୟାଚାର ଓ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ବିଦ୍ୟୁତ୍ ବିଭାଗର ୮ ଜଣିଆ ଟିମ ମଙ୍ଗଳବାର କିଙ୍ଗୋଳ, ଅଶୁରବନ୍ଧ ଓ ଚଣ୍ଡିପାଳ ଗ୍ରାମରେ ଚଢ଼ାଉ କରିଥିଲେ। କେତେକ ଘରେ ବିଦ୍ୟୁତ୍ ଚୋରି ହେଉଥିବା ନେଇ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଫଳରେ ସେମାନଙ୍କୁ ଜରିମାନା କରାଯାଇଥିଲା। ଏ ଜରିମାନାକୁ ନେଇ ମହିଳାମାନେ ଭୁବନରେ ଥିବା ବିଦ୍ୟୁତ୍ କାର୍ଯ୍ୟାଳୟରେ ହଙ୍ଗାମା କରିଥିଲେ। ସେମାନଙ୍କ ଜରିମାନାକୁ କାଟିବାକୁ କହିଥିଲେ। ତେବେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହି ଜରିମାନାକୁ ସଂପୂର୍ଣ୍ଣ ଖଣ୍ଡନ କରିଛନ୍ତି। ଏ ସଂକ୍ରାନ୍ତରେ ଭୁବନ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟର ଏକ୍ସନ ଅଫିସର ନଳିନୀ ଶଙ୍କର ରଥ କହିଛନ୍ତି, ଉପୋଭୋକ୍ତାମାନେ ମିଟର ଟ୍ୟାମ୍ପରିଙ୍ଗ କରିବା ସହିତ ଅଧିକ ବିଦ୍ୟୁତ୍ ବ୍ୟବହାର କରୁଛନ୍ତି। ସେଥିପାଇଁ ଜିଲାର ଅଧିକରୀମାନେ ଚଢ଼ାଉ କରିଥିଲେ। ସେମାନଙ୍କ ପାଇଁ ଜରିମାନା କରାଯାଇଛି। ଉପଭୁକ୍ତାମାନେ ଯାହା ଅଭିଯୋଗ କରିଛନ୍ତି ତାହା ମିଥ୍ୟା ଓ ଭିତ୍ତିହୀନ।

# ବୈଷୟିକ ଶିକ୍ଷାମନ୍ତ୍ରୀଙ୍କୁ ଭେଟି ୨ ଦାବି ଜଣାଇଲେ ବିଧାୟକ

ପରଜଙ୍ଗ, ୩।୧୨ (ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ ସ୍ଥିତ ଇନ୍ଦିରାଗାନ୍ଧୀ ବୈଷୟିକ ଶିକ୍ଷାନୁଷ୍ଠାନ (ଆଇଜିଆଇଟି)ର ଉନ୍ନତୀକରଣ ଓ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ୨ଟି ନୂତନ ଟ୍ରେଡ ଖୋଲିବା ନେଇ ମଙ୍ଗଳବାର ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀଙ୍କୁ ଭେଟି ୨ଟି ପୃଥକ ଦାବିପତ୍ର ଦେଇଛନ୍ତି ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ। ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ୨ଟି ନୂତନ ଟ୍ରେଡ ସୋଲାର ଟେକ୍‌ନିସିଆନ ଓ ମେକାନିକାଲ ଇଲେକ୍ଟ୍ରିକ ଭେଇକିଲସ ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ବୈଦ୍ୟୁତିକ ଯାନ କ୍ଷେତ୍ରର ଅହେତୁକ ଅଭିବୃଦ୍ଧି ଓ ସୋଲାର ଭଳି ଅକ୍ଷୟ ଶକ୍ତିର ବହୁଳ ବ୍ୟବହାର ପାଇଁ ଆବଶ୍ୟକ ଟେକନିସିଆନଙ୍କ ବର୍ତ୍ତମାନ ଅଧିକ ଚାହିଦା ରହିଛି। ଏହାକୁ ଦୃଷ୍ଟିରେ ରଖି ଯଦି ଏହି ୨ଟି ଟ୍ରେଡ ପରଜଙ୍ଗ ଶିଳ୍ପ ତାଲିମ କେନ୍ଦ୍ରରେ ଖୋଲାଯାଏ ତେବେ ଅଞ୍ଚଳର ଅନେକ ଯୁବକ ଯୁବତୀ ତାଲିମ ନେଇ ରୋଜଗାରକ୍ଷମ ହେବା ସହ ରାଜ୍ୟରେ ହେବାକୁ ଥିବା ନୂତନ ସୌରଶକ୍ତି କମ୍ପାନୀମାନଙ୍କରେ ନିଯୁକ୍ତି ସୁଯୋଗ ପାଇପାରିବେ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାସହ ଆଇଜି ଆଇଟି ସରାଙ୍ଗରେ ଥିବା ଷ୍ଟାଡିୟମର ଉନ୍ନତୀକରଣ ସହ ଏକ ଅଡିଟୋରିୟମ ନିର୍ମାଣ ଓ ପୁନର୍ବାର ଆର୍ଚିଟେକ୍‌ଚର ଟ୍ରେଡ଼ ଖୋଲିବାକୁ ବିଧାୟକ ପ୍ରଧାନ ଦାବି ଜଣାଇଛନ୍ତି।

# ଯୁବଶକ୍ତିଙ୍କ ସୃଜନଶୀଳତାକୁ ମହୋତ୍ସବ ଦ୍ୱାରା ପ୍ରୋତ୍ସାହନ ମିଳିବ

## ଜିଲାସ୍ତରୀୟ ଯୁବ ମହୋତ୍ସବ

ଢେଙ୍କାନାଳ,୩।୧୨(ରତନ ନାୟାର)




ଜିଲାସ୍ତରୀୟ ମହୋତ୍ସବରେ ଆୟୋଜିତ ଲୋକନୃତ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ।

ଢେଙ୍କାନାଳ ସଂସ୍କୃତି ବିଭାଗ କାର୍ଯ୍ୟାଳୟ ପରିସରରେ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟରଠାରେ ଜିଲାସ୍ତରୀୟ ଯୁବ ମହୋତ୍ସବ ୨୦୨୫ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ଯୋଗଦେଇ ଯୁବ ଶକ୍ତିଙ୍କ ସୃଜନଶୀଳ ଶକ୍ତିକୁ ସମ୍ମାନ ଓ ପ୍ରୋତ୍ସାହନ ଦେବାରେ ଏପରି ମହୋତ୍ସବ ଗୁରୁତ୍ୱ ବହନ କରେ । ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଯୋଗଦେଇ ମହୋତ୍ସବ ମାଧ୍ୟମରେ ଯୁବମାନଙ୍କ ମଧ୍ୟରେ ସାହିତ୍ୟ, ସଂସ୍କୃତି, ବିଜ୍ଞାନ ଓ କଳା ଦିଗରେ ଦୃଢ଼ ଆଗ୍ରହ ସୃଷ୍ଟିହେବ ବୋଲି କହିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରି ଯୁବ ମହୋତ୍ସବ ଯୁବମାନଙ୍କ ପାଇଁ ନିଜ ଦକ୍ଷତା ଓ ପ୍ରତିଭାକୁ ସମାଜ ସମ୍ମୁଖରେ ଉଜାଗର କରିବାରେ ମହୋତ୍ସବର ଭୂମିକା ରହିଛି। ଜିଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ଚଳିତବର୍ଷ ଯୁବ ମହୋତ୍ସବରେ ୭ଟି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଲୋକନୃତ୍ୟ, ଲୋକସଙ୍ଗୀତ, ପ୍ରବନ୍ଧ ଲେଖନୀ, ଚିତ୍ରାଙ୍କନ, କବିତା ପାଠ, ବିଜ୍ଞାନ ମେଳା, ବକ୍ତୃତା ଆଜି ପ୍ରତିଯୋଗିତା ହୋଇଥିଲା । ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କୃତି ପ୍ରତିଯୋଗୀମାନେ ଆଗାମୀ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଢେଙ୍କାନାଳ ଜିଲାକୁ ପ୍ରତିନିଧିତ୍ୱ କରିବେ । ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଢେଙ୍କାନାଳରେ ଆୟୋଜିତ ଜିଲାସ୍ତରୀୟ ଯୁବ ମହୋତ୍ସବ ୨୦୨୫ ଯୁବ ପ୍ରତିଭା, ସୃଜନଶୀଳତାର ଏକ ସଫଳ ମଞ୍ଚ। ଏପରି କାର୍ଯ୍ୟକ୍ରମ ଯୁବ ମନୋବଳକୁ ଶକ୍ତିଶାଳୀ କରିବା ସହିତ ସମାଜର ସାଂସ୍କୃତିକ ଓ ସାହିତ୍ୟିକ ପରମ୍ପରାକୁ ଆଗକୁ ନେବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ସୁଶାନ୍ତ ପାଣି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

ଢେଙ୍କାନାଳ,୩।୧୨(ରତନ ନାୟାର)

ଢେଙ୍କାନାଳ ମିନି ଷ୍ଟାଡିୟମ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ସମଗ୍ର ଶିକ୍ଷାର ମିଳିତ ସହଯୋଗରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସକାଳ ୮ଟା ସମୟରେ ଜିଲାର ବିଭିନ୍ନ ବ୍ଲକ ଏବଂ ସଦର ବ୍ଲକର ସ୍ୱତନ୍ତ୍ର ବିଦ୍ୟାଳୟରୁ ଆସିଥିବା ଦିବ୍ୟାଙ୍ଗ ପିଲାମାନେ ଏକ ଶୋଭାଯାତ୍ରାରେ ଇନ୍‌ଡୋର ଷ୍ଟାଡିୟମଠାରୁ ବାହାରି ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଆସିଥିଲେ । ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ଓ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଭିନ୍ନକ୍ଷମ ପିଲାମାନଙ୍କ ମଧ୍ୟରେ ଖେଳକୁଦ, ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ଅପରାହ୍ନରେ ଆୟୋଜିତ ସାଧାରଣ ସଭାରେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ପ୍ରତ୍ୟେକ କ୍ଷେତ୍ରରେ ଭିନ୍ନକ୍ଷମ ମାନଙ୍କର ଅଗ୍ରଣୀ ଭୂମିକା ରହିଛି । ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣୀ ପ୍ରଧାନ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ସାମଲ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ ଭିନ୍ନକ୍ଷମମାନଙ୍କ ପାଇଁ ସରକାର ରହିଥିବା ଯୋଜନା ଓ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ୩ଜଣ ଦିବ୍ୟାଙ୍ଗ ଦମ୍ପତିଙ୍କୁ ଅଢେଇ ଲକ୍ଷ ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅକ୍ଷମ କଲ୍ୟାଣ ସମିତି, ଜୀବନଜ୍ୟୋତି, ଐରା ଓ ପ୍ରିୟ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

# ରକ୍ତଦାନ ଶିବିରରେ ୪୧ ୟୁନିଟ୍ ରକ୍ତ ସଂଗ୍ରହ

କାମାକ୍ଷାନଗର,୩।୧୨
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଡିଗ୍ରୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜୟ ମା' ମଙ୍ଗଳା ପେଟ୍ରୋଲ ପମ୍ପ ସହଯୋଗରେ ବୁଧବାର ରେଙ୍ଗୁଳା ଜୟଦୁର୍ଗା କ୍ଲବ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୧ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀ ଡା. ଶେଷାଞ୍ଜଳି ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ କାମାକ୍ଷାନଗର ଉପଜିଲାପାଳ ଦୀନମଣି ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ତହସିଲଦାର ଶୁଭଙ୍କର ମହାନ୍ତି ଅତିଥି ଭାବରେ ଉପସ୍ଥିତ ରହିବା ସହିତ ନିଜେ ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗୁଳା ହାଡ଼ଯୋଡ଼ା କେନ୍ଦ୍ରର ବୈଦ୍ୟରାଜ ସର୍ବେଶ୍ୱର ପାତ୍ର, ଅବସରପ୍ରାପ୍ତ ବରିଷ୍ଠ ଟେକ୍‌ନିସିଆନ ବିଜୟ ସେନାପତି ଯୋଗଦେଇଥିଲେ। ଢେଙ୍କାନାଳ ରକ୍ତଭଣ୍ଡାର ତରଫରୁ ପରମାନନ୍ଦ ପଣ୍ଡା, କାର୍ତ୍ତିକ ପଣ୍ଡା, ଅଜୟ ସ୍ୱାଇଁ, ତପନ ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

# ଗିରିଧାରୀ ସାହୁଙ୍କ ସ୍ମୃତିଚାରଣ ସଭା



ଢେଙ୍କାନାଳ,୩।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଝାରଦା ଗ୍ରାମର ଧର୍ମପରାୟଣ ବ୍ୟକ୍ତି ସ୍ୱର୍ଗତ ଗିରିଧାରୀ ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବୁଧବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ଗଁଦିଆ ସ୍ମୃତି ସଂସଦର ସଭାପତି ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଗିରିଧାରୀ ସାହୁ ଟ୍ରଷ୍ଟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ଅକ୍ଷୟ କୁମାର ସାହୁଙ୍କ ସହଯୋଗିତାରେ ଅନୁଷ୍ଠିତ ସଭାରେ ଗଁଦିଆ ସ୍ମୃତି ସଂସଦର ସଂଯୋଜକ ଚାରଣ ଅଭିମନ୍ୟୁ ଦାସ ସଂଯୋଜନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି ସିବିଆଇ ଭିକାରୀ ଚରଣ ରାଉତ, ମନ୍ତ୍ରୀଙ୍କ ପ୍ରତିନିଧି ରତିକାନ୍ତ ସାହୁ, ସାହିତ୍ୟିକ ରବୀନ୍ଦ୍ର କୁମାର ସାବତ, ଗଁଦିଆ ବିଡିଓ ପବିତ୍ର କୁମାର ବେହେରା, ଗଗନ ବିହାରୀ ପଣ୍ଡା, ଜ୍ୟୋତିର୍ମୟୀ ନାଥ, ଅକ୍ରୁର ବିଶ୍ୱାଳ, ନରେଶ ଚନ୍ଦ୍ର ମହାରଣା, ପ୍ରଦୀପ କୁମାର ରାଉତ, ମଙ୍ଗରାଜ ବାରିକ୍, ବିଜୟ କୁମାର ସାମନ୍ତ, ରାଘବ ଚନ୍ଦ୍ର ମହାରଣା, ଶ୍ରୀକାନ୍ତ କୁମାର ଭୂତିଆ, ଶ୍ୟାମ ସୁନ୍ଦର ସ୍ୱାଇଁ, ଡ. ସମୀର କୁମାର ସାହୁ, ଦଣ୍ଡଧର ସାହୁ, ମନୋସିନୀ ସାହୁ, ଯଦୁମଣି ମହାନ୍ତ, ଅକ୍ଷୟ କୁମାର ମିଶ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ।

# ଓଡ଼ାପଡ଼ା ବ୍ଲକସ୍ତରୀୟ ବିଜ୍ଞାନମେଳା




ଓଡ଼ାପଡ଼ା, ୩।୧୨ (ରଞ୍ଜିତ ନାୟକ): ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଓଡ଼ାପଡ଼ା ସରକାରୀ ଉଚ୍ଚବିଦ୍ୟାଳୟଠାରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଅଛି। ଓଡ଼ାପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିହର ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ତହସିଲଦାର ମନୋଜ କୁମାର ମାଝୀ, ମୁଖ୍ୟବକ୍ତା ଭାବେ ସିମିଳଇ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟାପକ ଡ. ସୁମନ୍ତ କୁମାର ରାୟମହାପାତ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ଦାସ, ଧଳପୁର ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ କୁମାର ପଣ୍ଡା, ଦାଣ୍ଡିମାଳ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲଳିତ ମୋହନ ସେଠୀ, ଓଡ଼ାପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ରଞ୍ଜନ ସିଂ, ଖଡ଼ଗପ୍ରସାଦ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ସାହୁ ଏବଂ ଅବସରପ୍ରାପ୍ତ ଶିକ୍ଷକ ଲମ୍ବୋଦର ସାହୁ ଯୋଗଦେଇଥିଲେ। ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୋଟ ୧୮୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶେଷରେ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ରଞ୍ଜନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସିଆରସିମାନେ ପରିଚାଳନା କରିଥିଲେ।

## ଢେଙ୍କାନାଳ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତା

# ଭୁବନ ବ୍ଲକ୍ ଚାମ୍ପିୟନ

ଭୁବନ, ୩।୧୨ (ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନଠାରେ ଚାଲିଥିବା ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି । ଫାଇନାଲ ମ୍ୟାଚରେ ଗଁଦିଆ ବ୍ଲକକୁ ହରାଇ ଭୁବନ ବ୍ଲକ ଚାମ୍ପିଅନ ହୋଇଛି। ପ୍ରଥମ ମ୍ୟାଚ୍ ଭୁବନ ଉଚ୍ଚବିଦ୍ୟାଳୟ ଖେଳପଡିଆରେ ଓଡ଼ାପଡ଼ା ଓ ଭୁବନ ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେଥିରେ ଓଡ଼ାପଡ଼ାକୁ ହରାଇ ଭୁବନ ଫାଇନାଲରେ ପ୍ରବେଶ କରିଥିଲା। ଓଡ଼ାପଡ଼ା ୧୮.୦୩ ଓଭର ବ୍ୟାଟିଂ କରି ସମସ୍ତ ଉଇକେଟ୍ ହରାଇ ୧୨୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ତ୍ରିନାଥ ସର୍ବାଧିକ ୨୭ ରନ ସଂଗ୍ରହ କରିଥିଲେ। ଜବାବରେ ଭୁବନ ବ୍ଲକ ୧୫.୦୨ ଓଭର ବ୍ୟାଟିଂ କରି ୪ଟି ଉଇକେଟ୍ ହରାଇ ୧୨୮ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ରାହୁଲ ଦାସ ସର୍ବାଧିକ ୩୧ ରନ ସଂଗ୍ରହ କରିଥିଲେ। ସେହିପରି ବାଜି ରାଉତ କଲେଜ ଖେଳ ପଡ଼ିଆରେ ଚାଲିଥିବା ସେମିଫାଇନାଲ ମ୍ୟାଚ ଗଁଦିଆ ଓ କାମାକ୍ଷାନଗର ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେଥିରେ କାମାକ୍ଷାନଗରକୁ ହରାଇ ଗଁଦିଆ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। କାମାକ୍ଷାନଗର ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୮୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆୟୁଷ୍ମାନ ସାହୁ ସର୍ବାଧିକ ୫୭ ରନ ସଂଗ୍ରହ କରିଥିଲେ। ଜବାବରେ ଗଁଦିଆ ବ୍ଲକ ୧୯.୦୩ ଓଭର ବ୍ୟାଟିଂ କରି ୯ଟି ଉଇକେଟ ହରାଇ ୧୮୨ ରନ୍ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ ସୋମ୍ୟରଞ୍ଜନ ସାହୁ ୯୨ ରନ ସଂଗ୍ରହ କରିଥିଲେ। ସେହିପରି ଭୁବନ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଭୁବନ ଓ ଗଁଦିଆ ବ୍ଲକ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଗଁଦିଆ ବ୍ଲକକୁ ହରାଇ ଭୁବନ ଶ୍ରେଷ୍ଠ ଦଳ ଭାବେ ଟାଇଟଲ ହାସଲ କରିଥିଲା । ଫାଇନାଲ ଖେଳରେ ସୁରଜିତ ଲେଙ୍କା ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିବା ବେଳେ ସତ୍ୟଜିତ ପରିଡ଼ା 'ମ୍ୟାନ ଅଫ ଦି ଟୁର୍ନାମେଣ୍ଟ' ବିବେଚିତ ହୋଇଥିଲେ । ଖେଳକୁ ସୁନିଲ ପଟନାୟକ ଓ ଦୀପକ କୁମାର ପୃଷ୍ଟି ପରିଚାଳନା କରିଥିବା ବେଳେ ସନ୍ତୋଷ କୁମାର ସାହୁ ଓ ଅଶୋକ ସାଇ ସ୍କୋରର ଭାବେ ଦାୟିତ୍ୱ ନେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକର ଖେଳାଳିମାନଙ୍କୁ ନେଇ ଏକ ୧୫ ଜଣିଆ ଦଳ ଚୟନ ହୋଇଥିଲା । ସେଥିରେ ସୋମ୍ୟ ରଞ୍ଜନ ସାହୁ, ସ୍ୱର୍ଣ୍ଣଶାଳ, ଉମାଶଙ୍କର ନାୟକ, ସତ୍ୟଜିତ ପରିଡ଼ା, ସୁର୍ଜିତ ଲେଙ୍କା, ରାହୁଲ ଦାସ, ପରମାନନ୍ଦ ମହାରଣା, ବାଦଲ ପାତ୍ର, ଚିନ୍ମୟ ସାହୁ, ଆୟୁଷ୍ମାନ ସାହୁ, ବିଷ୍ଣୁ ବାରିକ, ଶୁଭଙ୍କର ଜେନା, ସୁକାନ୍ତ ରାଉତ, ସୌରଭ ବିଶ୍ୱାଳ ଓ ସୁରେଶ ସାହୁ ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ କ୍ରିକେଟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଶେଷରେ ଉଦଯାପନୀ ଉତ୍ସବରେ ଭୁବନ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ତହସିଲଦାର ଅନିଲ କୁମାର ମହାନ୍ତି, ଭୁବନ ଉଚ୍ଚ ବିଦ୍ୟାଳୟର ଆଲ୍‌ମିନ କମିଟି ସଭାପତି ଦେବେନ୍ଦ୍ର କୁମାର ପୃଷ୍ଟି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାର କୁମାର ଦାସ, ଏବିଓ ଦୁଷ୍ମନ୍ତ କୁମାର ମିଶ୍ର, ଭୁବନ ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଇନ୍ଦ୍ରଜିତ ମଲ୍ଲିକ, ଢେଙ୍କାନାଳ ଅତିରିକ୍ତ ଶାରିରୀକ ଶିକ୍ଷା ଅଧୀକ୍ଷକ ଉମେଶ ଚନ୍ଦ୍ର ସାମଲ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶାରିରୀକ ଶିକ୍ଷକ ବିପିନ ବିହାରୀ ସାହୁ ପରିଚାଳାନା କରିଥିଲେ।

# ୧୩୫ ନୂତନ ମତଦାନ କେନ୍ଦ୍ର ପାଇଁ ମଞ୍ଜୁରୀ

ଅନୁଗୋଳ,୩।୧୨(ମାନସ ବିଶ୍ୱାଳ)

ଅନୁଗୋଳ ଜିଲାରେ ମତଦାତାଙ୍କ ବହୁବିଧ ସୁବିଧା ପାଇଁ ୧୩୫ଟି ନୂତନ ମତଦାନ କେନ୍ଦ୍ର ଗଠନ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଭାରତୀୟ ନିର୍ବାଚନ ଆୟୋଗ ଅନୁମୋଦନ କରିଛି। ଏହି ପଦକ୍ଷେପ ଦ୍ୱାରା ମତଦାନ ସମୟରେ ଲୋକମାନଙ୍କ ଭିଡ଼ କମିବା ସହିତ ଭୋଟଦାନ କେନ୍ଦ୍ର ଦୂରତା ବହୁ ମାତ୍ରାରେ ହ୍ରାସ ପାଇବ। ସୂଚନାଯୋଗ୍ୟ, ଜିଲାରେ ପୂର୍ବରୁ ୧୧୬୩ଟି ମତଦାନ କେନ୍ଦ୍ର ରହିଥିଲା। ଏବେ ନୂତନ ୧୩୫ଟି କେନ୍ଦ୍ର ବୃଦ୍ଧି ପରେ ମୋଟ ମତଦାନ କେନ୍ଦ୍ର ସଂଖ୍ୟା ୧୨୯୮କୁ ବୃଦ୍ଧି ପାଇଛି। ନିର୍ବାଚନ ଆୟୋଗ ୨୨ଟି ମତଦାନ କେନ୍ଦ୍ରର ନାମ ପରିବର୍ତ୍ତନ କରିବା ସହ ୪ଟି ମତଦାନ କେନ୍ଦ୍ରର ସ୍ଥାନ ପରିବର୍ତ୍ତନ କରିଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜଇଚନ୍ଦ ଧଳ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଭିନ୍ନକ୍ଷମଙ୍କ ନିକଟରେ ପହଞ୍ଚାଅ ସରକାରୀ ଯୋଜନା



ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ପଦଯାତ୍ରା।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

ଅନୁଗୋଳ,୩।୧୨(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ପ୍ରଶାସନ ଦ୍ୱାରା ସହରସ୍ଥିତ ସଭାଗୃହଠାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭିନ୍ନକ୍ଷମମାନଙ୍କୁ ସହଯୋଗରେ ପଦଯାତ୍ରାର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଏବଂ ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପରେ ଆୟୋଜିତ ସାଧାରଣ ସଭାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ନିମନ୍ତେ ଥିବା ବିଭିନ୍ନ ସରକାରୀ ଯୋଜନା କିପରି ସେମାନଙ୍କ ପାଖରେ ପହଞ୍ଚିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରୀ ଆଇନଜୀବୀ ପରମାନନ୍ଦ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଯୋଗ ଦେଇଥିବା ଭିନ୍ନକ୍ଷମ ଏବଂ ସାଧାରଣ ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭିନ୍ନକ୍ଷମମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱ ବିହାରୀ ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଇଚନ୍ଦ ଧଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଦୂଷଣରେ ଅଣନିଃଶ୍ୱାସୀ କଣିହାଁବାସୀ

ପବିତ୍ରନଗର,୩।୧୨(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ଅଞ୍ଚଳରେ ଧୂଳି, ଧୂଆଁ, ପାଉଁଶ, କୋଇଲା ଗୁଣ୍ଡ ପ୍ରଦୂଷଣ ବୃଦ୍ଧି ପାଇଛି। ସେହିପରି ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ରାସ୍ତାରେ ସହସ୍ରାଧିକ ଭାରୀଯାନ ଦିନରାତି ଯାତାୟାତ କରିବା ଯୋଗୁ ରାସ୍ତା ଶୋଚନୀୟ ହେବା ସହିତ ଦୁର୍ଘଟଣା ବଢ଼ି ଚାଲିଛି। ଭାରୀଯାନଗୁଡ଼ିକ ରାସ୍ତା ପାର୍ଶ୍ୱରେ ପାର୍କିଂ କରୁଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାଳଚେର କିମ୍ବା ଅନୁଗୋଳ ସହରକୁ ଯିବାଆସିବା ବେଳେ ଜାମ୍‌ରେ ଘଣ୍ଟା ଘଣ୍ଟା ଅଟକିବାକୁ ପଡୁଛି। ସମସ୍ୟାର ସମାଧାନ ପାଇଁ ଉଦ୍ଧୃତ ମହଲରେ ଦାବି ହୋଇ ଆସୁଥିବା ବେଳେ କୌଣସି ସମାଧାନ ହେଉନାହିଁ। ଏ ଦିଗରେ ବାସ୍ତବ ପଦକ୍ଷେପ ଗ୍ରହଣ କରିବାକୁ ଦାବିକରି ତାଳଚେର ଅନୁଗୋଳ ଆନ୍ଦୋଳନର ସଂଯୋଜକ ଜଗଦାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ପ୍ରହ୍ଲାଦ ଚନ୍ଦ୍ର ସାହୁ, ମାନସ ପାଳ ପ୍ରମୁଖ ଏକ ପ୍ରତିନିଧି ଦଳ କଣିହାଁ ବିଡିଓ ଓ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି।

# ଦୈନନ୍ଦିନ ଗୀତା ପଠନ ପରାମର୍ଶ



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ଆଠମଲ୍ଲିକ,୩।୧୨(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ସହର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅନୁଗୋଳ ଇସ୍କନ ସଭାପତି ମୋହନ କୃଷ୍ଣ ଦାଶ, ସହଯୋଗୀ ସୁଶୀଳ କୃଷ୍ଣ ଦାଶ, ବକ୍ତା ଭାବରେ ପରିଚାଳନା କମିଟି ଉପସଭାପତି କଶ୍ୟପ କ୍ଷେତ୍ରି ପ୍ରମୁଖ ଯୋଗଦେଇ ଗୀତାର ମହତ୍ତ୍ୱ ଉପରେ ବୁଝାଇବା ସହିତ ଦୈନନ୍ଦିନ ଗୀତା ପଠନ ଓ ଶ୍ରବଣ ଦ୍ୱାରା ଏକାଗ୍ରତା, ଶୃଙ୍ଖଳା ଜ୍ଞାନ ମିଳିଥାଏ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରାଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଗୀତା ଆରତୀ ହେବା ପରେ 'ସମୟ ନାହିଁ' ବିଷୟ ବସ୍ତୁ ଉପରେ ଏକାଙ୍କିକା ପରିବେଷଣ ଓ ଗୀତା ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରାଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ଦାଶ, ଆଚାର୍ଯ୍ୟ ବିଭୂତି କୁମାର ମିଶ୍ରଙ୍କ ସହ ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ, ଛାତ୍ରାଛାତ୍ର ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସରେ ସଚେତନତା ଶୋଭାଯାତ୍ରା



ଅନୁଗୋଳ,୩।୧୨(ମାନସ ବିଶ୍ୱାଳ)

ଅନୁଗୋଳ ସହର ଉପକଣ୍ଠସ୍ଥିତ ଜିନ୍ଦଲ ଫାଉଣ୍ଡେଶନର ଅଗ୍ରଣୀ ପଦକ୍ଷେପ ଜିନ୍ଦଲ ଆଶା' ପକ୍ଷରୁ ଦିବ୍ୟାଙ୍ଗ ପିଲାଙ୍କ ଯତ୍ନ, ଚିକିତ୍ସା ଏବଂ ଶିକ୍ଷା ପାଇଁ ସୁବ୍ୟବସ୍ଥିତ ଏବଂ ଆକର୍ଷଣୀୟ ଢଙ୍ଗରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ଜିନ୍ଦଲ ଆଶାର ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ଲୋକନୃତ୍ୟ, ଆଦିବାସୀ ନୃତ୍ୟ ଏବଂ ପାରମ୍ପରିକ ନୃତ୍ୟ ସମେତ ଫ୍ୟାନ୍ସି ଡ୍ରେସ୍ ସାମିଲ ଥିଲା। ଏକ ସାମାଜିକ ସଚେତନତାଧର୍ମୀ ନାଟକ ପ୍ରଦର୍ଶିତ ହୋଇଥିଲା। ଜିନ୍ଦଲ ଆଶା ପକ୍ଷରୁ ଜିନ୍ଦଲ ନଗର ଟାଉନଶିପ୍‌ରେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଦିବ୍ୟାଙ୍ଗଙ୍କ ପ୍ରତି ଜାଗରଣ ସୃଷ୍ଟି କରିବା ଏବଂ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଏହି ରାଲିର ମୁଖ୍ୟ ଲକ୍ଷ୍ୟ ଥିଲା। ଯୋଗ୍ୟ ହିତାଧିକାରୀମାନଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ଏବଂ ଜିନ୍ଦଲ ଆଶା ପକ୍ଷରୁ ଅନୁଷ୍ଠିତ ହୋଇଥିବା ଚତୁର୍ଥ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ମଧ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ପ୍ରାୟ ୮୦ ଜଣ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକ ଅଂଶଗ୍ରହଣ କରିଥିଲେ।

# ବୃଦ୍ଧଙ୍କୁ ଟାଙ୍ଗିଆରେ ଆକ୍ରମଣ ଅଭିଯୋଗ

ବଇଣ୍ଡା,୩।୧୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପୋଡ଼ାପଦର ଗ୍ରାମର ନରୋତ୍ତମ ନାୟକଙ୍କୁ ସେହି ଗ୍ରାମର ଦେବ ନାୟକ ଏକ ଟାଙ୍ଗିଆରେ ଆକ୍ରମଣ କରିଥିବା ନରୋତ୍ତମ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୩୨୧/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ନରୋତ୍ତମ ତାଙ୍କ ଘର ବାରଣ୍ଡାରେ ଠିଆ ହୋଇଥିବା ବେଳେ ଦେବ ସେହି ବାଟଦେଇ ଯାଉଥିଲେ। ନରୋତ୍ତମ ଗ୍ରାମର ଜଣେ ବ୍ୟକ୍ତିଙ୍କ ବିଷୟରେ ପଚାରିବାରୁ ଦେବ ଧରିଥିବା ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

# ସାଇବର ଠକେଇରୁ ରକ୍ଷା ସମ୍ପର୍କରେ ସଚେତନତା

ଅନୁଗୋଳ,୩।୧୨(ଦିବ୍ୟଶାନ୍ତନୁ ନାଥ)



ଆୟୋଜିତ କର୍ମଶାଳାରେ ମଞ୍ଚାସୀନ ପ୍ରଶାସନିକ ଅଧିକାରୀମାନେ।

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅଧୀନ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲାପରିଷଦ ସଦସ୍ୟା ମୀରା ଗଡ଼ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା, ତୁରଙ୍ଗ ସରପଞ୍ଚ ସମରେନ୍ଦ୍ର ଦେହୁରୀ, ବଡ଼ହିଂସର ସରପଞ୍ଚ ହୃଷୀକେଶ ପ୍ରଧାନ, ଶଙ୍ଖପୁର ସରପଞ୍ଚ ଜ୍ୟୋତିର୍ମୟୀ ଦେହୁରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ସନମସ୍ମିତା ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣିଙ୍କ ସହ ଜିଲାର ବିଭିନ୍ନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ କିଶୋରୀମାନେ ଏହି କର୍ମଶାଳାରେ ଯୋଗ ଦେଇଥିଲେ। ସାଇବର୍ ଏକ୍ସପର୍ଟ ଆଇଆଇସି ଖଲେଶ୍ୱର ସେଠୀ ଏବଂ ସହଯୋଗୀ ଅଶ୍ୱିନକାନ୍ତ ସାହୁ ଯୋଗଦେଇ ଅନ୍‌ଲାଇନ ସୁରକ୍ଷା ଓ ସାଇବର ଅପରାଧ ସମ୍ପର୍କରେ ଅବଗତ କରାଇଥିଲେ। କିପରି ଏହି ସାଇବର ଠକେଇରୁ ରକ୍ଷା ପାଇପାରିବେ ସେ ବିଷୟରେ କିଶୋରୀ ବାଳିକାମାନଙ୍କୁ ସଚେତନ କରାଇଥିଲେ। ପରିତ୍ୟକ୍ତ ଶିଶୁ କନ୍ୟାଙ୍କ ସୁରକ୍ଷିତ ଉଦ୍ଧାର ତଥା ନ୍ୟାୟଗତ ପୋଷ୍ୟସନ୍ତାନ ଗ୍ରହଣ ଉପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ କହିଥିଲେ। ମିଶନ ହବ୍‌ର ସମସ୍ତ କର୍ମକର୍ତ୍ତା ଏହି କର୍ମଶାଳାକୁ ପରିଚାଳନା କରିଥିଲେ।

# ପ୍ରିୟଙ୍କା ଗାନ୍ଧୀ ସଙ୍ଗଠନ ଅଲ୍ ଇଣ୍ଡିଆର ରାଜ୍ୟ ସଭାପତି ହେଲେ ପ୍ରବୋଧ

ଅନୁଗୋଳ,୩।୧୨(ମାନସ ବିଶ୍ୱାଳ)

ନୂତନ ଭାବରେ ସ୍ଥାପିତ ହୋଇଥିବା ପ୍ରିୟଙ୍କା ଗାନ୍ଧୀ ଅଲ୍ ଇଣ୍ଡିଆ ସଙ୍ଗଠନର ରାଜ୍ୟ ସଭାପତି ଭାବେ ପ୍ରବୋଧ କୁମାର



ସ୍ୱାଇଁଙ୍କୁ ମନୋନୀତ କରାଯାଇଛି। ସେଥିପାଇଁ ତାଙ୍କୁ ଜିଲା ତଥା ରାଜ୍ୟରୁ ବହୁ ଶୁଭେଚ୍ଛା ଜଣାଯାଇଛି। କଂଗ୍ରେସ କିପରି ସାଧାରଣ ଜନତାଙ୍କ ଆସ୍ଥାଭାଜନ ହୋଇପାରିବ ଓ ସାଧାରଣ ଜନତାଙ୍କୁ କଂଗ୍ରେସ ଅଭିମୁଖୀ କରାଯାଇପାରିବ ସେଥିପାଇଁ ଏହି ଦାୟିତ୍ୱ ଦିଆଯାଇଛି ବୋଲି ସ୍ୱାଇଁ ପ୍ରକାଶ କରିଛନ୍ତି।

# ଧରଣୀଧର ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା




ବଇଣ୍ଡା,୩।୧୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ଧରଣୀଧର ପବ୍ଲିକ ସ୍କୁଲରେ ବୁଧବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇଚ୍ଛାପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ କ୍ଷିତିଜା ରଞ୍ଜନ ଦେହୁରୀ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଞ୍ଜନ କୁମାର ପ୍ରଧାନ, ବିଦ୍ୟାଳୟ ସଭାପତି ପ୍ରିୟରଞ୍ଜନ ସାହୁ, ଅଧ୍ୟକ୍ଷ ସୌରଭ କୁମାର ମହାନ୍ତି, ସୁଶାନ୍ତ କୁମାର ଦେ, ନବୀନ କୁମାର ନାୟକ, ଦେବାଶିଷ ବେହେରା, ହିମାଂଶୁ ସାହୁ, ଅଜିତ ବିଶ୍ୱାଳ, ଅଲକା ଦେବ, ରତ୍ନମୟୀ ସାହୁ, ମମତା ବୋଷ, ଦୀପ୍ତିମୟୀ ମିଶ୍ର, ସମା କୁରେସି, ସୁଜାତା ସାହୁ, ମାନସ କୁମାର ସାଥୁଆ, ଜଗଦୀଶ ସାହୁ ଯୋଗ ଦେଇଥିଲେ। ଏଥିରେ ୩୨ଟିପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।


## OFFICE OF THE DIVISIONAL FOREST OFFICER TITILAGARH (KL) DIVISION, TITILAGARH

Near Titidungri, At/Po-Titilagarh, Dist-Balangir (Odisha)
e-mail: dfokltgr@gmail.com
Order No.265, Date: 29.11.2025
No.MM-326
NOTICE INVITING TENDER
Bid Identification No.FE&CC-DFO(KL) TIG-01/2025-26

| | | |
|---|---|---|
| 1. | Name of Work | Construction of Range Office cum Residence at Mahipur of Tusura KL Range under Titilagarh KL Division under Mukhyamantri Kendu Leaf Welfare Fund. |
| 2. | No. of Work | 01 |
| 3. | No. of Covers | Double Cover |
| 4. | Estimated Cost (Excluding GST) | 59,21,500/- |
| 5. | Period of Completion | 03 (Three) Calendar Months |
| 6. | Date & Time of availability of bid document in portal | From 10.00 AM of Date 03.12.2025 to 05.00 PM of Date 17.12.2025 |
| 7. | Last date / time for receipt of bids in the portal | Upto 5.00 P.M. of Date 17.12.2025 |
| 8. | Date of opening of Bid documents | At 11.30 AM of Date 18.12.2025 |
| 9. | Class of Contractor | "B" Class Contractor |
| 10. | Name and address of Officer Inviting Bid | Divisional Forest Officer, Titilagarh (KL) Division, Titilagarh |

Further details can be seen from the e-Procurement portal www.tenderodisha.gov.in. The Addendum/Corrigendum if any will be hoisted in the website only.
Sd./- Divisional Forest Officer
Titilagarh (KL) Division
OIPR-08056/11/0001/2526

## OFFICE OF THE NOTIFIED AREA COUNCIL, PIPLI, DIST.: PURI

Letter No. 2075 Dt.01.12.2025
CORRIGENDUM NOTICE
No. C-1646: In pursuance of DTCN No. 2036, Dtd.24.11.2025 and Bid Reference No. PIPILI-NAC-5(71)/2025-26, the all "C" & "D" Class of contractors are eligible for participation in bidding process having no experience.
Sd./- Executive Officer, Pipli NAC
OIPR-13107/11/0010/2526

## CHILIKA DEVELOPMENT AUTHORITY

Plot No. 493(P), Palaspalli, Pokhariput Road, Bhubaneswar - 751020, Odisha
Phone: 91-674-2591544, Fax: 91-674-2590485
No. CAD-2550 Email: chilika@chilika.com
e-PROCUREMENT
Tender Call Notice No. 1753/CDA/2025 Dtd.01.12.2025

| | | | |
|---|---|---|---|
| 01. | Name of the Work | : | Repairing of Self Propelled Barge (M.V. Sollery) |
| 02. | Estimated Cost | : | Rs.24.89 Lakhs (Excluding GST) |
| 03. | Period of Completion | : | 3 (Three) Calendar Months |
| 04. | Date & time of availability of Bid document in the portal | : | 04.12.2025 at 11.00 A.M. to 18.12.2025 upto 5 P.M. |
| 05. | Last date/time for submission of Bids in the portal | : | 18.12.2025 upto 5.00 P.M. |
| 06. | Date & time of opening of Bids | : | On 19.12.2025 at 11.30 A.M. in the O/o. the Chief Executive, Chilika Development Authority, Plot No. 493(P), Palaspalli, Bhubaneswar - 751020 |
| 07. | Name and address of the Officer Inviting Tender (O.I.T.) | : | Addl. Chief Executive Chilika Development Authority, Odisha, Bhubaneswar, Plot No. 493(P), Palaspalli, Pokhariput Road, Bhubaneswar - 751020 |

Further information and other details are available for downloading from the e-procurement portal "https://tendersodisha.gov.in". Addendum/Corrigendum if required will be available only in the website e-procurement portal "https://tendersodisha.gov.in".
Sd./- Addl. Chief Executive
Chilika Development Authority
OIPR-08138/11/0011/2526

## OFFICE OF THE SUPERINTENDING ENGINEER MINOR IRRIGATION DIVISION, BALASORE

No.3357, Dt.01.12.2025
"e" Procurement Notice
Bid Identification No. SEMIDBLS-08/2025-26
No.A-1049 e-mail ID: mibalasore@yahoo.co.in.
The Superintending Engineer, Minor Irrigation Division, Balasore on behalf of the Governor of Odisha invites online percentage rate tender through e-procurement **(Single cover & Double Cover)** for the works as detailed in the Annexure to this bid notice.

| | |
|---|---|
| Name of the Work: | Improvement to Canal Service Road and Repair to Minor Irrigation Project in different Blocks of Balasore & Bhadrak District under CAPEX and Critical Scheme for the year 2025-26. |
| No. of Works: | 02 (Two) Nos. only |
| Estimated Cost: | Varies from Rs.8.37 Lakh to Rs.68.60 lakh (Approximately) |
| Cost of Tender Paper: | Rs.4,000/- & Rs.10,000/- (Non-Refundable) |
| Period of Completion: | As Mentioned against work |
| Availability of bid documents for sale and receipt through on-line | From dt.04.12.2025, 10.00 A.M. to dt.18.12.2025, upto 5.00 P.M. |
| Last date/time of receipt of bids in the portal | 18.12.2025 (5.00 PM) |
| Date of Opening of Technical Bid through online | On dt.19.12.2025 at 11.00 AM in the Office of the S.E., M.I. Division, Balasore |
| Mode of Payment of Bid cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC) of Class-II Or Class-III |
| The detail tender call notice can also be seen in the DOWR website http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Balasore, At/Po/District-Balasore, Ph.No./ Fax No.-06762-224461, Email ID:mibalasore@yahoo.co.in |
| Further details can be seen from the e-market place website www.tendersodisha.gov.in/ District NIC Portal (baleswar.nic.in) | |

**Note: Corrigendum/Addendum/Modifications/Additions if any can be seen through online only.**
Superintending Engineer
M.I. Division, Balasore
OIPR-32014/11/0023/2526

## Government of Odisha — "e" Procurement Notice

No.O-1600
No.5320, Dated 26.11.25
e-mail ID- rw_sambalpur@yahoo.co.in
Phone No.0663-2401850
Bid Identification No.TENDER ONLINE SBPR-14 OF 25-26

1. Name of the Work : Building works as per DTCN available in the website www.tenderorissa.gov.in
2. Total No. of Work : 03 (Three) Nos.
3. Estimated Cost : Rs.64.61 Lakhs to 66.16 Lakhs
4. Period of Completion : 09 (Nine) Calendar Months
5. Period and time of availability of bid document in the portal for bidding : 03.12.2025 at 11.00 AM to 12.12.2025 upto 5.00 PM
6. Date and time of opening of Tender: a) Technical Bid dt.15.12.2025 at 11.00 AM b) Financial Bid will be intimated later
7. Name and address of the officer inviting bid : S.E.R.W. Divn. Sambalpur

(1) Other details can be seen from detailed notice inviting tenders, available in website www.tenderorissa.gov.in
(2) Corrigendum if any shall only be published in the above website.
Sd./- Superintending Engineer
Rural Works Division, Sambalpur
OIPR-25076/11/0036/2526

## GOVERNMENT OF ODISHA — OFFICE OF THE PANCHAYAT SAMITI, JAJPUR

No.i-401
'E' PROCUREMENT NOTICE No.Tender Online 02/2025-26

1. Name of Work : Building Works
2. Total No. of Work : 03 No. of Work
3. Estimated Cost (Approx.) : 18.33 & 20.60 Lakhs
4. Period of Completion : 180 days
5. Class of Contractors : C & D, B & C

**Other details as follows:**
a) Procurement Officer : Block Development Officer, Jajpur
b) Availability of tender online submission of bid : 14.12.2025 at 11.00 AM to 30.12.2025 upto 5.00 P.M.
c) Last date & time of seeking of tender clarification : 29.12.2025 upto 1.00 P.M.
d) Opening of Tender : 06.01.2026 at 11.30 A.M.

Further details can be seen from the Govt. website www.tendersodisha.gov.in
Sd./- Block Development Officer, Jajpur
OIPR-19196/11/0002/2526

## Odisha State Road Transport Corporation

Paribahan Bhawan, Sachivalaya Marg
Bhubaneswar, Odisha 751009
Email: osrtc@od.gov.in, Phone No.0674-2530908
Notice No.14427, Date:01.12.2025
REQUEST FOR PROPOSAL (RFP)
SELECTION OF SERVICE PROVIDER FOR CAFETERIA MANAGEMENT AT PARIBAHAN BHAVAN, ODISHA STATE ROAD TRANSPORT CORPORATION (OSRTC)
**No.CAD-2552:** Odisha State Road Transport Corporation (OSRTC) invites Proposal from service providers for the above mentioned RFP. Please refer to the RFP document for details.
- The RFP document shall be available from 03.12.2025 onwards in the following web portal: www.osrtc.org
- Applicants are required to submit a duly filled Request for Proposal as per the prescribed formats through offline mode only on or before 15.12.2025 by 05.00 PM. The Technical Proposals received shall be opened at 04.00 PM on 16.12.2025. The Financial Proposals received shall be opened at 04.00 PM on 20.12.2025.
- In case of any queries/ clarifications should be sent to the office address mentioned.
- OSRTC reserves the right to accept or reject bid process without assigning any reasons thereof.

Sd./- General Manager (Admin)
Odisha State Road Transport Corporation
OIPR-38002/11/0028/2526

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER cum DISTRICT MISSION DIRECTOR, NHM, KHORDHA

(ZILLA SWASTHYA SAMITI (ZSS))
Advt. No. 19151 Date; 02.12.2025
TENDER CALL NOTICE
No. E-558: Sealed tenders are invited from authorized firms for supply of Food Catering Services under NHM, Khordha, the details are available in the district website: **https://khordha.odisha.gov.in**. The sealed quotation should reach at O/o. CDM & PHO, Khordha, PIN - 752055 in any working day by Dt.22.12.2025 till 11.00 A.M. along with all required documents by Speed Post/Courier only by super scribing on the top of the envelope "Supply of Food Catering Services Under NHM, Khordha", the undersigned will not held responsible for Postal/ Courier delay and no tender documents will be accepted after due date and time. The tender will be opened on Dt.22.12.2025 at 12.30 P.M. in the office of the undersigned in presence of the bidders/authorized representative of the bidders. Details regarding items, terms & conditions may be download from website: **https://khordha.odisha.gov.in**. The undersigned reserves the right to accept or reject any or all the tenders without assigning any reason thereof.
Sd./- CDM & PHO-cum-DMD, Khordha
OIPR-10029/11/0017/2526

## GOVERNMENT OF ODISHA — OFFICE OF THE DIVISIONAL FOREST OFFICER PHULBANI KENDU LEAF DIVISION

AT/PO/PS: PHULBANI, e-mail Id:dfoklplb@gmail.com
BID IDENTIFICATION No.F.E.&CC/PLB/01 (online)/2025-26
E-Procurement Notice
No.01 Dated 01.12.2025
**No.MM-331:** The Divisional Forest Officer, Phulbani K.L. Division on behalf of Governor of Odisha invites Percentage Rate bids in **Single Cover and Double Cover** System in ONLINE MODE.

1. Nature of Work : Construction of Forest Guard Quarter at Phulbani Division Office Campus.
2. Tender Cost : Rs.6000/-
3. Class of Contractor : "C" & "D" Class Contractors
4. Availability of bid document in the website : 18.00 Hours of 06.12.2025 to 17.30 Hours of 15.12.2025
5. Date of Opening of Tenders : 11.30 Hours on Dt.16.12.2025
6. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in only. Any Corrigendum/Addendum/Cancellation of tender will be displayed in the website said only.

Sd./- Divisional Forest Officer
Phulbani K.L. Division
OIPR-08069/11/0004/2526

## e-Procurement Notice — OFFICE OF THE NOTIFIED AREA COUNCIL, CHIKITI, GANJAM

Tender Call Notice No. 1541, Dt.28.11.2025
Bid Identification No. - CHKT-NAC-02/2025-26
No. C-1620: Bid document consisting for selection of an agency for execution and management of the Sanitation Work of Chikiti NAC, Estimated Cost, Cost of tender paper, E.M.D. and the set of terms and condition and other necessary documents can be seen in Govt. i.e. **www.tenderorissa.gov.in**.

| | |
|---|---|
| Total Number of Works | 01 No. |
| Estimated Cost | Rs.1,15,99,138/- |
| Date & Time of availability of Bid documents in the portal | 11.00 A.M. of Dt.29.11.2025 to 05.00 P.M. of Dt.17.12.2025 for Online Bidding |
| Last date of receive of Bid through Online | 05.00 P.M. of Dt.17.12.2025 |
| Last date of receive of Bid through Offline | 05.00 P.m. of Dt.18.12.2025 |
| Date and time of Opening of Technical Bid received Online | 01.00 P.M. on Dt.19.12.2025 |
| Date and time of Opening of Price Bid | To be informed later on to the bidder who are found qualified after evaluation of Technical Bid |

OIPR-13222/11/0003/2526
Sd./- Executive Officer, NAC, Chikiti

# ଶାରୀରିକ ବିକାଶ ପାଇଁ କ୍ରୀଡ଼ା ଆବଶ୍ୟକ



ଚତୁର୍ଥ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅବସରରେ ଅତିଥିମାନେ।

**ବଇଣ୍ଡା,୩।୧୨ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ବନମାଳିପୁର ଗ୍ରାମରେ ଥିବା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର କୃତ୍ତିବାସପୁର ହାଇସ୍କୁଲ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ାକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ସାହୁ ଉଦ୍‌ଘାଟନ କରିବା ସହ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ପାଇଁ କ୍ରୀଡା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ କୃତ୍ତିବାସପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ବେହେରା, ଖବରଦାତା ପରୀକ୍ଷିତ ସାହୁ, ବିଦ୍ୟାଳୟ ଅଧ୍ୟକ୍ଷ ସରୋଜ କୁମାର ବିଶି ଯୋଗ ଦେଇଥିଲେ। ଜୁଲିପା ଦେହୁରୀ ସଭା ପରିଚାଳନା କରିଥିବା ବେଳେ ଖେଳ ଶିକ୍ଷକ ଗରିବ ବେହେରା, ପ୍ରିୟଙ୍କା ପାଣି, ରାକେଶ କୁମାର ପ୍ରଧାନ, ହେଲେନ ପ୍ରଧାନ ପରିଚାଳନା କରିଥିଲେ। ଅମୀୟ କୁମାର ବେହେରା, ରଶ୍ମିତା ବେହେରା, ସାଗର ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱ ଭିନ୍ନକ୍ଷମ ଦିବସରେ ପ୍ରତିଭା ସମ୍ମାନ ଉତ୍ସବ

**ବଅଁରପାଲ,୩।୧୨ (ସୁବାସ ସାହୁ)**



ବଅଁରପାଳ ଗୋଷ୍ଠୀ ସାଧନ କେନ୍ଦ୍ରସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ ୨୦୨୫ ସ୍ଥାନୀୟ ସରକାରୀ ଉପ୍ରା ବିଦ୍ୟାଳୟ ତୁରଙ୍ଗ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ତୁରଙ୍ଗ ସରପଞ୍ଚ ସମରେନ୍ଦ୍ର ଦେହୁରୀ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ଅନ୍ତର୍ଭୁକ୍ତୀକରଣ ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ, ସହଯୋଗୀ ଶିକ୍ଷା ଅଧିକାରୀ ସୁଶୀଲ କୁମାର ନାଏକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ଯୋଗଦାନ କରିଥିଲେ। ଶିକ୍ଷକ ମଧୁସୂଦନ ପ୍ରଧାନ, କଳ୍ପତରୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ସମସ୍ତ ସ୍କୁଲର ୮୦ଜଣ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକ ଯୋଗଦାନ କରିଥିଲେ। ବ୍ଲକର ୧୫ଜଣ ସିଆର୍‌ସିସି ଓ ତୁରଙ୍ଗ ବିଦ୍ୟାଳୟର ସରକାରୀ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ। କୁରୁଡୋଲ ଉପ୍ରା ବିଦ୍ୟାଳୟର ଶିକ୍ଷକ ଶଶାଙ୍କ ଶେଖର ନାଥଙ୍କୁ ଉତ୍ତମ ସହଯୋଗୀ ଶିକ୍ଷକ ପୁରସ୍କାର ପ୍ରଦାନ କରାଯାଇଥିଲା। ଦଶମ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ପାଇଁ ସ୍ମୃତିସ୍ମିତା ବେହେରା, ଉତ୍ତମ ଅଭିଭାବିକା ପାଇଁ ସ୍ନିଗ୍ଧାରାଣୀ ନାୟକ, ରୋଜାଲିନ ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ଲଷ୍ଟର ସିଆର୍‌ସିସି ଶରତ କୁମାର ମହାରଣା ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କରାଟେ ଚାମ୍ପିୟନଶିପ୍‌ରେ ପାଲଲହଡ଼ାର ସଫଳତା

**ପାଲଲହଡ଼ା,୩।୧୨ (ଦିବ୍ୟଜ୍ୟୋତି ଦାଶ)**



ସ୍ପୋର୍ଟ୍ସ କରାଟେ ଏକାଡେମୀ ମୟୂରଭଞ୍ଜ ଦ୍ୱାରା ଗତ ୩୦ ତାରିଖରେ କରଞ୍ଜିଆ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପ୍ରେକ୍ଷାଳୟଠାରେ ଆୟୋଜିତ ସପ୍ତମ ଓଡ଼ିଶା ଆଜାଦ କପ୍ କରାଟେ ଚାମ୍ପିୟନଶିପ୍‌ର ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା କନିଷ୍ଠ ବିଭାଗରେ ଅନୁଗୋଳ ଜିଲା ପାଲଲହଡ଼ାର ଦୁଇ ଛାତ୍ର ସଫଳତା ଅର୍ଜନ କରିଛନ୍ତି। କରାଟେ ଶିକ୍ଷକ ବିଜୟ କୁମାରଙ୍କ ନେତୃତ୍ୱରେ ପାଲଲହଡା ଉପଖଣ୍ଡସ୍ଥିତ ଶିକ୍ଷା ଇଂଲିଶ ସ୍କୁଲର ତୃତୀୟ ଶ୍ରେଣୀର ୩ ଜଣ ଛାତ୍ର କନିଷ୍ଠ ବିଭାଗରେ ଭାଗ ନେଇଥିଲେ। ଏଥିରେ ଛାତ୍ର ପ୍ରିନ୍ସ ନାଏକ ପ୍ରଥମ ସ୍ଥାନ, କମଲେଶ ଜଙ୍କ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସ୍କୁଲ ପରିଚାଳକ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ, କରାଟେ ଶିକ୍ଷକ ସେନସେଇ ବିଜୟ କୁମାର ମୁଣ୍ଡାଙ୍କ ସମେତ ଉଭୟ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଦାୟିତ୍ୱ ସମ୍ପର୍କରେ ଜାଣିଲେ ପ୍ରଧାନଶିକ୍ଷକ



**ଅନୁଗୋଳ,୩।୧୨ (ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳସ୍ଥିତ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟଠାରେ ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ଅନୁଗୋଳ ଜିଲାର ସମସ୍ତ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ପଞ୍ଚ ଦିବସୀୟ ଆବାସିକ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ପିଟିସି ଖେଳପଡ଼ିଆଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚକୁ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ପୋଲିସ ତାଲିମ ମହାବିଦ୍ୟାଳୟ ଉପାଧ୍ୟକ୍ଷ ଶେଖ ସରିଫଉଦ୍ଦିନ ଅତିଥି ଭାବେ ଯୋଗ ଦେଇଥିଲେ। ମାଧ୍ୟମିକ ଶିକ୍ଷା ପରିଷଦର ଉପସଭାପତି ଅମୂଲ୍ୟ କୁମାର ପ୍ରଧାନ ଯୋଗଦେଇ ପ୍ରଧାନଶିକ୍ଷକମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ଅବଗତ କରାଇଥିଲେ। ସମାପନ ସଭାରେ ଜିଲା ଶିକ୍ଷା ଅଧିକାରୀ ସଭାପତିତ୍ୱ କରିବା ସହ ନବକୃଷ୍ଣ ଚୌଧୁରୀ ଶିକ୍ଷା ପ୍ରଶିକ୍ଷଣ ମହାବିଦ୍ୟାଳୟ ଅଧ୍ୟକ୍ଷା ଦ୍ରୌପଦୀ ପଟେଲ, ଜିନ୍ଦଲର ଆସିଷ୍ଟାଣ୍ଟ ମ୍ୟାନେଜର ଜୟନ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୫ ଦିନର ଏହି ସମ୍ମିଳନୀରେ ହୋଇଥିବା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ ଗଡ଼ନାୟକ ମଞ୍ଚ ପରିଚାଳନା କରିଥିଲେ। ସମଲ ବ୍ୟାରେଜ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ସମ୍ମିଳନୀର ସଫଳ ଆୟୋଜନ ନିମନ୍ତେ ଜିଲା ଶିକ୍ଷା କାର୍ଯ୍ୟାଳୟ ତଥା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା

**ପବିତ୍ରନଗର,୩।୧୨ (ନିରୋଜ ପ୍ରଧାନ)**

କଣିହାଁ ବ୍ଲକ ପବିତ୍ରନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରାବିଲ ଗ୍ରାମ ସଭାପତି କରୁଣାକର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୁଧବାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କବିତା ରାଣୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମହର୍ଗୀ ପ୍ରଧାନ, କମିଟି ସଭାପତି ସୁଧାକର ସାହୁ, ସମ୍ପାଦକ ସନ୍ତୋଷ ପ୍ରଧାନ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତ୍ୟେକ ଖେଳର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ଗୁରୁମା ଗୁରୁଜୀ, କମିଟି ସଦସ୍ୟ, ମାତୃଭାରତୀ, କର୍ମଚାରୀ ସହଯୋଗ କରିଥିଲେ।

# ପିଚୁ ରାସ୍ତା, ସୁରକ୍ଷା ବାଡ଼ ଦାବି

**ଆଠମଲ୍ଲିକ,୩।୧୨ (ଉଦୀପ୍ତ ପୁରୋହିତ):** ଆଠମଲ୍ଲିକ ବ୍ଲକ ମାଳିପଦର ନୂଆଗଡ ରାସ୍ତାର ନୂଆଗଡ଼ ନିକଟରେ ପୂର୍ତ୍ତବିଭାଗ ତରଫରୁ ନିର୍ମାଣାଧୀନ ସେତୁର ଉଭୟ ପାର୍ଶ୍ୱ ସଂଯୋଗୀକରଣ ରାସ୍ତା ନିମ୍ନମାନର ହୋଇଥିବା ଅଭିଯୋଗ କରି ନୂଆଗଡ଼ ଓ ଖମ୍ଭେଶ୍ୱରପାଲି ଗ୍ରାମବାସୀ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନୂଆଗଡ଼ ଖମ୍ଭେଶ୍ୱରପାଲି ଗ୍ରାମ ଆଞ୍ଚଳିକ କମିଟି ସଭାପତି ନିରଞ୍ଜନ ପାତ୍ରଙ୍କ ନେତୃତ୍ୱରେ ଉଭୟ ଗ୍ରାମବାସୀ ଏକତ୍ରିତ ହୋଇ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ପାର୍ଥ ସାରଥୀ ବିଶ୍ୱାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ସେତୁର ଉଭୟ ପାର୍ଶ୍ୱ ସଂଯୋଗ ରାସ୍ତାରୁ ବର୍ଷା ପ୍ରଭାବରେ ମାଟି ଧୋଇଯାଇ ଖାଲଖମା ସୃଷ୍ଟି ହୋଇଛି। ରାସ୍ତାରେ ଫାଟ ସୃଷ୍ଟି ହୋଇଥିବାରୁ ଯେକୌଣସି ମୁହୂର୍ତ୍ତରେ ଅଘଟଣ ଘଟିବାର ସମ୍ଭାବନା ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ରାସ୍ତାକୁ ପୁନର୍ବାର ପିଚୁ କରାଯିବା ସହ ସୁରକ୍ଷା ବାଡ଼ ଦେବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ବାବଦରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ।

# ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଦାବିପତ୍ର

**ପବିତ୍ରନଗର,୩।୧୨ (ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଓଡ଼ିଶା ପ୍ରାଥମିକ ଶିକ୍ଷକ ମହାସଂଘ ଆହ୍ୱାନ କ୍ରମେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷକମାନଙ୍କ ମୂଳ ପଦବୀକୁ ଅପଗ୍ରେଡ୍ କରି ଲେବଲ ୯ ଅନୁଯାୟୀ ମୂଳ ବେତନ ୩୫,୪୦୦ ଟଙ୍କା କରିବା, ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହାଠାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକମାନଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା, ଇନକ୍ରିମେଣ୍ଟ ପ୍ରଦାନ କରିବା ଓ ପୁରାତନ ପେନସନ ବ୍ୟବସ୍ଥା ଲାଗୁ କରିବାକୁ ସଂଘ ଦାବି କରିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର କଣିହାଁ ବ୍ଲକ ସଭାପତି ମଗୁଲୁ ଚରଣ ସାହୁ, ସମ୍ପାଦକ ଶ୍ରୀଧର ଦାସ, ମୁନା ନାଏକ, ମାନସ ସାହୁ, ପ୍ରଫୁଲ୍ଲ ପ୍ରଧାନ, ନୀଳମଣି ବେହେରା, ସନ୍ତୋଷ ମିଶ୍ର, ବିଜୟ ଦେହୁରୀ, ବିଷ୍ଣୁ ଚରଣ ବେହେରା, ରଶ୍ମିବାଳା ପ୍ରଧାନ, ପିଙ୍କି ରାଉଳ, ସୁକୁମାରୀ ବେହେରା, ସୁନିତା ପ୍ରଧାନ, ପ୍ରଦୀପ କୁମାର ବେହେରା ପ୍ରମୁଖ କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ। ରାଜ୍ୟ ମହାସଂଘ ଡାକରାରେ ଚଳିତମାସ ୫ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିକ୍ଷୋଭ ଆନ୍ଦୋଳନରେ କଣିହାଁ ବ୍ଲକର ସମସ୍ତ ଏନ୍‌ପିଏସ୍ ଶିକ୍ଷକ ଅଂଶଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି।


## କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ

ସା/ପୋ.: କେନ୍ଦୁଝରଗଡ଼, କେନ୍ଦୁଝର – ୭୫୮୦୦୧ (ଓଡ଼ିଶା)

**KEONJHAR CENTRAL CO-OPERATIVE BANK LTD.**

At/P.O.: Keonjhargarh, Keonjhar - 758001 (Odisha)
Telephone: (06766) 255183, 251745, Fax: 253137
Email: kendujharccb@gmail.com

No. KCCB/5808/HRD/2025-26 Date: 03.12.2025

**CORRIGENDUM NOTICE**

In reference to the Expression of Interest (EOI) notice published on **2nd December, 2025** in the Newspapers The Dharitri and The Anupam Bharat, it is hereby clarified that the Group Mediclaim Insurance Policy is applicable only to the employees of the Bank and not to the Directors of the Bank.
All concerned are requested to take note of this correction.
**Sd./- Chief Executive Officer**
**Keonjhar Central Cooperative Bank Ltd.**

## ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ

**ଆମର ସଂକଳ୍ପ**

୧. ସୁଯୋଗ ୱେବ୍‌ସାଇଟ୍ ମାଧ୍ୟମରେ ସହରବାସୀଙ୍କୁ ମୌଳିକ ସେବା ଯୋଗାଇଦେବା ଯଥା ଗୃହଟିକସ (Property Tax), ବିବାହ ପ୍ରମାଣପତ୍ର ଏବଂ ବ୍ୟବସାୟ ପ୍ରମାଣପତ୍ର (Trade License) ଅନଲାଇନ ମାଧ୍ୟମରେ ପୈଠ କରନ୍ତୁ । ୨. ସହରର ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ନିଜସ୍ୱ ଡଷ୍ଟବିନ୍ (dustbin) ପୌରପାଳିକାର ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ । ୩. ବର୍ଜ୍ୟବସ୍ତୁ ପରିଚାଳନା ମାଧ୍ୟମରେ ସହରର ସଫେଇ କର୍ମଚାରୀମାନେ ଘରକୁ ଘର ବୁଲି ଶୁଖିଲା ଓ ଓଦା ଅଳିଆ ପୃଥକ ଭାବେ ସଂଗ୍ରହ କରୁଛନ୍ତି । ତେଣୁ ନିୟୋଜିତ ସ୍ୱଚ୍ଛସାଥୀ ଓ ସ୍ୱଚ୍ଛ ସୁପରଭାଇଜରଙ୍କୁ ୟୁଜର ଫି ମାସିକ/ବାର୍ଷିକ ପ୍ରଦାନ କରନ୍ତୁ । ୪.ରାସ୍ତା ଉପରେ ଇଟା, ବାଲି, ପଥର ଇତ୍ୟାଦି ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ । ୫. ସଭା ସମିତି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆମର ପୌରପାଳିକା ଟାଉନ୍ ହଲର ସୁବିଧା ନିଅନ୍ତୁ । ୬.ଘର ନିର୍ମାଣ ପୂର୍ବରୁ ଘରର ନକ୍ସା ଏବଂ ଡିଜାଇନ୍ ମଞ୍ଜୁର କରାଇବା ସହିତ ଆଇନ୍ ଅନୁଯାୟୀ ହୋଲଡିଂ ଟିକସ୍ ନିମନ୍ତେ ପଞ୍ଜୀକରଣ କରନ୍ତୁ । ୭. ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ ଏବଂ ପୌରପାଳିକାକୁ ପଲିଥିନ ମୁକ୍ତ କରିବାରେ ସାହାଯ୍ୟ କରନ୍ତୁ । ୮. ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଦ୍ୱାରା ପ୍ରସ୍ତୁତ କରାଯାଉଥିବା ''ମୋ ଖତ'' ଖତ ବିକ୍ରୟ କେନ୍ଦ୍ରରୁ ସୁଲଭ ମୂଲ୍ୟରେ କ୍ରୟ କରନ୍ତୁ । ୯.ତରଳ ବର୍ଜ୍ୟ ବସ୍ତୁ ନିଷ୍କାସନ ନିମନ୍ତେ ଟୋଲଫ୍ରି ନଂ ୧୪୪୨୦ରେ ପୌରପାଳିକାର ସେସ୍‌ପୁଲ ବୁକିଂ କରନ୍ତୁ । ୧୦. ପୌର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା କରନ୍ତୁ ।

ଶ୍ରୀଯୁକ୍ତ ସତ୍ୟ ପ୍ରକାଶ ତ୍ରିପାଠୀ (ଓ.ଏମ୍.ସି.ଡି.ଏସ୍), ନିର୍ବାହୀ ଅଧିକାରୀ, ପୌରପାଳିକା, ଅନୁଗୋଳ
ଶ୍ରୀଯୁକ୍ତ ଅକ୍ଷୟ କୁମାର ସାମନ୍ତ, ନଗରପାଳ, ପୌରପାଳିକା, ଅନୁଗୋଳ

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.: SBP-ELECT-2025-T-266

**କାର୍ଯ୍ୟର ନାମ :** ଗୋଡ଼ଭଗା(GBQ) ଠାରେ ନବ ନିର୍ମିତ ଟ୍ରାକ୍ ମେସିନ୍ (TM) ସାଇଡ଼ିଙ୍ଗ ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 14,40,187.97, EMD/ବିଡ୍ ସୁରକ୍ଷା ଜମା (₹) : 28,800.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LoA)ଜାରୀ ହେବା ତାରିଖ ଠାରୁ 06 (ଛଅ) ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.16.12.2025 ରିଖ 1530 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-857/Q/25-26

## ଦ.ପୂ. ରେଳପଥ – ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଇ-ଡିଆର୍‌ଏମ୍-ଇଏନ୍‌ଜି-ଏଡିଆର୍‌ଏ-୧୦୩-୧୦୫-୨୫, ତାରିଖ: ୦୨।୧୨।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଏନ୍‌ଜି)/ଆଦ୍ରା, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି: କ୍ର.ସଂ. ଓ ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ: (୧) ଇ-ଡିଆର୍‌ଏମ୍-ଇଏନ୍‌ଜି-ଏଡିଆର୍‌ଏ-୧୦୩-୨୫, ତାରିଖ: ୦୨।୧୨।୨୦୨୫; (୧) କୋଟଶିଳା-ବୋକାରୋ ଷ୍ଟିଲ୍ ସିଟି ସେକ୍ସନ ମଧ୍ୟରେ ୩ ଗୋଟି ସେତୁ ବ୍ରିଜ୍ ନଂ. ୧୦୪ ୟୁପି+ଡିଏନ୍ ଏବଂ ୯୮ ଡିଏନ୍‌ର ସୁଦୃଢ଼ୀକରଣ/ଥଇଥାନ/ପୁନଃ ନିର୍ମାଣ । (୨) ମହୁଦା-ଜାମୁନିଆଟଣ୍ଡ ସେକ୍ସନରେ କିମି ୩୩୮/ଏମ୍‌ସି-୧୭-୧୮୦ରେ ବ୍ରିଜ୍ ନଂ. ୩ର ପ୍ରିକାଷ୍ଟ ଆର୍‌ସିସି ସ୍ଲାବ୍ ଦ୍ୱାରା ବିଦ୍ୟମାନ ଆର୍‌ସିସି ସ୍ଲାବ୍ (୨ ଗୋଟି)ର ପ୍ରତିବଦଳ ଏବଂ ୱିଙ୍ଗ/ରିଟର୍ନ ୱାଲ୍ ନିର୍ମାଣ । (୩) ଆଦ୍ରା ଡିଭିଜନରେ ବ୍ରିଜ୍ ନଂ.୩୯୩, ୩୯୪ଏ, ୩୯୫, ୩୯୭, ୪୧୫, ୪୧୫ଏ, ୪୧୬, ୪୧୭, ୪୧୯, ୪୨୧ଏର ଜ୍ୟାକେଟିଂ ଓ ଗ୍ରାଉଟିଂ ଦ୍ୱାରା ଉନ୍ନତୀକରଣ, ୱିଙ୍ଗ/ରିଟର୍ନ ୱାଲ୍ ଫ୍ଲୋରିଂ ଓ ପାହାଚ ନିର୍ମାଣ । ₹୫,୦୪,୪୨,୪୩୨.୬୯ । (୨) ଇ-ଡିଆର୍‌ଏମ୍-ଇଏନ୍‌ଜି-ଏଡିଆର୍‌ଏ-୧୦୪-୨୫, ତାରିଖ: ୦୨।୧୨।୨୦୨୫; (୧) ବୋକାରୋ ଷ୍ଟିଲ୍ ସିଟି – ଇଲେକ୍ଟ୍ରିକ୍ ଲୋକୋ ଶେଡ୍/ଇସ୍ପାତନଗରଠାରେ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ର ହୋମିଂ ପାଇଁ ଡିଜେଲ ଶେଡ୍‌ରେ ସୁବିଧାଗୁଡ଼ିକର ପରିବର୍ତ୍ତନ । (୨) ଇଲେକ୍ଟ୍ରିକ୍ ଲୋକୋ ଶେଡ୍/ଇସ୍ପାତନଗରଠାରେ ଇଲେକ୍ଟ୍ରିକ୍ ଲୋକୋଗୁଡ଼ିକ ପାଇଁ ଉନ୍ନତ ରକ୍ଷଣାବେକ୍ଷଣ ସୁବିଧା । (୩) ବୋକାରୋ ଷ୍ଟିଲ୍ ସିଟି – ଆଦ୍ରା ମଣ୍ଡଳ ଅଧୀନରେ ଆର୍‌ଓଏଚ୍‌ଏସ୍/ବୋକାରୋ ଷ୍ଟିଲ୍ ସିଟି, ଇଏଲ୍‌ଆଇଏନ୍‌ଏସ୍/ବୋକାରୋ ଷ୍ଟିଲ୍ ସିଟି ଏବଂ ଇଏଲ୍‌ଏସ୍‌ଏସ୍/ବୋକାରୋ ଷ୍ଟିଲ୍ ସିଟି ଷ୍ଟୋର୍ କମ୍ପ୍ଲେକ୍ସଠାରେ ଭିତ୍ତିଭୂମି ଉନ୍ନୟନ । (୪) ଭୋଜୁଡିହ – ଆଦ୍ରା ମଣ୍ଡଳରେ ଟ୍ରଲି ଓ ହ୍ୱିଲ୍ ସେଟ୍‌ଗୁଡ଼ିକର ସରବରାହ ପାଇଁ ସିକ୍ ଲାଇନ୍/ଭୋଜୁଡିହଠାରେ ଅକ୍ଜିଲାରୀ ଶେଡ୍‌ର ବ୍ୟବସ୍ଥା; ₹୧୫,୫୩,୮୧,୮୮୧.୮୨ । (୩) ଇ-ଡିଆର୍‌ଏମ୍-ଇଏନ୍‌ଜି-ଏଡିଆର୍‌ଏ-୧୦୫-୨୫, ତାରିଖ: ୦୨।୧୨।୨୦୨୫; ଆଦ୍ରା ମଣ୍ଡଳରେ ମଣ୍ଡଳ ଯନ୍ତ୍ରୀ/କେନ୍ଦ୍ରୀୟ/ଆଦ୍ରାଙ୍କ କ୍ଷେତ୍ରାଧିକାର ଅଧୀନରେ ଟିବିଆର୍-୮୪.୨୬୮ ଟିଆର୍.କିମି; ₹୪,୮୨,୧୨,୭୫୧.୮୧ । ଇ-ଟେଣ୍ଡରଗୁଡ଼ିକ ବନ୍ଦ ହେବାର ତାରିଖ ଓ ସମୟ ହେଉଛି ତା୨୯।୧୨।୨୦୨୫ରିଖ ୧୫.୦୦ ଘଟିକା । ଉପରୋକ୍ତ ଇ-ଟେଣ୍ଡରର ବିବରଣୀ www.ireps.gov.in ରେ ଦେଖାଯାଇପାରିବ । (PR-904)

## OFFICE OF THE EXECUTIVE ENGINEER. MINOR IRRIGATION DIVISION, MEDININAGAR

**e-Procurement Tender Notice**
**Two Envelope System**
**Tender Reference No:- WRD/MID/MEDININAGAR/B.D/S.L.I.-05 /2025-26**
**Letter no:- 557Date:- 02/12/2025**

| | | |
|---|---|---|
| 1 | Name of Work:- | Construction of Baliyari Mukhyamantri Solar Lift Irrigation Scheme at Vill:-Baliyari, G.P:-Naugarh, Block:-Tarhasi, (Palamu) |
| 2 | Estimated Cost (Rs.) | 1 ,38,65,900=00 |
| 3 | Cost of tender document (Rs) | **Rs. 10,000=00**only (non-refundable). |
| 4 | Earnest Money Deposit (Rs.) | **Rs. 1,38,659=00** only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website http://jharkhandtenders.gov.in) | Date: 13.12.2025, Time :-04 .00PM |
| 8 | Last Date/Time for downloading of bidding documents and Submission of Tender on Website | Date: -27.12.2025 , Time :- 04.00 PM |
| 9 | Submission of Tender Fee and EMD | Start Date: 13 .12.2025 , Time :-04 .00PM Last Date:- 27. 12.2025 , Time :- 04.00PM |
| 10 | Technical Bid Opening Date | Date: - 29 .12.2025 , Time: - 05 .00 PM |
| 11 | Officer Inviting Bids | Executive Engineer, Minor Irrigation Division, Medininagar |
| 12 | (a) Contact No. of e-Procurement Officer (b) e-mail of e-Procurement Officer | 7764987718 eemid041@gmail.com |
| 13 | Help line No. of e-Procurement Cell | 0651–2214784 |

**Note:- Estimated Cost May Decrease or Increase.**
➢Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps (**AC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➢**Only e-Tender will be accepted.**
Further details can be seen on website http://jharkhand tenders.gov.in

**Executive Engineer, Minor Irrigation Division, Medininagar**
PR 367585 (Minor Irrigation)25-26*D

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ / ODISHA POWER TRANSMISSION CORPORATION LIMITED

( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ) (A Government of Odisha Undertaking)
OFFICE OF THE SENIOR GENERAL MANAGER, (PROJECTS) - I
OPTCL TECH TOWER, JANPATH, SAHEED NAGAR, BHUBANESWAR-751007

**NOTIFICATION**

No. 748 Dated : 27.11.2025

In accordance with section-164 of Indian Electricity Act, 2003 and in exercise of the power conferred upon OPTCL vide departmental of Energy, Government of Odisha Order no: R&R-II-10/2006/2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 3,11,94,339 Crores. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager (Projects)-I, OPTCL, Bhubaneswar within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect) EHT (Projects) Division Cuttack, as mentioned against the work, on any working day during office hours.
**Name of the Work:-** Construction of 132 kV LILO line from 132 kV OCL-Salipur line to proposed 132 kV switchyard of M/s. My Home Industries at Byree.
**Name of the Village in which the line will Pass :**
**Tahasil:** Tangi-Choudwar, **R.I Circle:** Uchapada, **Revenue Village:** Mania; **Tahasil:** Darpan, **R.I Circle:** Byree, **Revenue Village:** Byree.
**Perceived benefit that may accrue :** This will facilitate the connectivity of M/s. My Home Industries to OPTCL transmission system.

ER. SUNIL KUMAR DANDSENA
Sr. General Manager (Projects- I)
FIPR-63/2025-26
/optcl.odisha /optcl_odisha

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

बैंक ऑफ महाराष्ट्र / Bank of Maharashtra / भारत सरकार का उद्यम / एक परिवार एक बैंक

ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍** [ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ଏହା ପରେ ସରଫେଶୀ ଆକ୍ଟ, ୨୦୦୨ କୁହାଯିବ) (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ବ୍ରହ୍ମପୁର ଶାଖା /** ଋଣଗ୍ରହୀତା: ମେସର୍ସ ପ୍ରିନ୍ସ ବଜାର, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରକାଶ ଚନ୍ଦ୍ର ସାହୁ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଜୋଛନା ସାହୁ, ସ୍ୱାମୀ: ଶ୍ରୀ ପ୍ରକାଶ ଚନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ସା: ଗଙ୍ଗା ନଗର ୩ୟ ଲେନ୍, ଆଙ୍କୁଲି, ବ୍ରହ୍ମପୁର, ଗଞ୍ଜାମ, ଓଡିଶା-୭୬୧୦୦୧ | ଶ୍ରୀ ପ୍ରକାଶ ଚନ୍ଦ୍ର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଆଙ୍କୁଲି, ଏସ୍‌ଆରଓ: ବ୍ରହ୍ମପୁର-୨, ତହସିଲ: ବ୍ରହ୍ମପୁର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଗଞ୍ଜାମ, ସବ୍ ଡିଷ୍ଟ୍ରିକ୍ଟ: ବ୍ରହ୍ମପୁର, ପରିମିତ କ୍ଷେତ୍ର: ଏକର୦.୦୧୯ ଡିସିମିଲି ଏବଂ ସିଟିଏସ୍/ସର୍ଭେ ନଂ./ଖତିଆନ ନଂ.: ୮୬୩/୬୩୪୮, ସର୍ଭେ/ପ୍ଲଟ୍ ନଂ.: ୪୩୧/୧୦୩୩୨, ଏହାର ଚାରିପାର୍ଶ୍ୱରେ ପୂର୍ବ: ରଞ୍ଜନ ନାୟକଙ୍କ ଗୃହ, ପଶ୍ଚିମ: ଗୀତାଞ୍ଜଳି ପ୍ରଧାନଙ୍କ ସମ୍ପତ୍ତି, ଉତ୍ତର: ସନ୍ତୋଷ ପାତ୍ରଙ୍କ ଗୃହ, ଦକ୍ଷିଣ: ରାସ୍ତା | ତା.୧୭.୦୭.୨୦୨୫ରିଖ ସୁଦ୍ଧା ଟ.୨୪,୯୫,୩୪୭.୭୫ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୭.୦୭.୨୦୨୫ / ୦୧.୧୨.୨୦୨୫ (ସାଙ୍କେତିକ) |
| **କଟକ ଶାଖା /** ଋଣଗ୍ରହୀତା: ଶ୍ରୀ ବିଜୟ କୁମାର ସାହୁ, ପିତା: ବିଷ୍ଣୁ ଚରଣ ସାହୁ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ସଞ୍ଜୟ କୁମାର ସାହୁ, ପିତା: ବିଷ୍ଣୁ ଚରଣ ସାହୁ, ୨) ଶ୍ରୀ ବିବେକାନନ୍ଦ ସାହୁ, ପିତା: ବିଷ୍ଣୁ ଚରଣ ସାହୁ, ୩) ଶ୍ରୀ ପରମାନନ୍ଦ ସାହୁ, ପିତା: ଦୟାନନ୍ଦ ସାହୁ, ସମସ୍ତଙ୍କ ଠିକଣା- ସା: ବକ୍ସି ବଜାର, ଗଙ୍ଗା ମନ୍ଦିର ଗଳି, କଟକ ସଦର, କଟକ, ଓଡିଶା-୭୫୩୦୦୧ | ଶ୍ରୀ ବିଜୟ କୁମାର ସାହୁ, ଶ୍ରୀ ସଞ୍ଜୟ କୁମାର ସାହୁ, ଶ୍ରୀ ବିବେକାନନ୍ଦ ସାହୁ ଏବଂ ଶ୍ରୀ ପରମାନନ୍ଦ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର ୟୁନିଟ୍-୧୪ ନୟାସଡକ, ଥାନା: ଲାଲବାଗ, ଥାନା ନଂ.: ୪, ତହସିଲ: କଟକ, ତହସିଲ ନଂ.: ୨୧୪, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: କଟକ, ସିଟିଏସ୍/ସର୍ଭେ/ଖାତା ନଂ.: ୫୧୫, ପ୍ଲଟ୍ ନଂ.: ୫୭୫, ପରିମିତ କ୍ଷେତ୍ର: ଏକର୦.୧୪୭ ଡିସିମିଲି, ପ୍ଲଟ୍ ନଂ.: ୫୭୬, କ୍ଷେତ୍ର: ଏକର୦.୦୦୪ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୧୫୧ ଡିସିମିଲି,** କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ମ୍ୟୁନିସିପାଲିଟି ରୋଡ (ପ୍ଲଟ୍ ନଂ.: ୨୭୬୮), ପଶ୍ଚିମ: ପ୍ଲଟ୍ ନଂ.: ୫୩୭ ଏବଂ ୨୯୦୬, ଉତ୍ତର: ପ୍ଲଟ୍ ନଂ.: ୫୭୪, ଦକ୍ଷିଣ: ପ୍ଲଟ୍ ନଂ.: ୨୯୦୪, ୨୯୦୫, ୨୯୦୬ ଏବଂ ୫୭୭ ସହିତ ଜମିର ସମସ୍ତ ଅଂଶରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର ପରିମିତ କ୍ଷେତ୍ର: ୬୫୭୭.୫୬ ବର୍ଗଫୁଟ (ଏକର୦.୧୫୧ ଡିସିମିଲି) ଏବଂ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର | ତା.୦୬.୦୯.୨୦୨୫ରିଖ ସୁଦ୍ଧା ଟ.୩୧,୩୪,୫୩୯.୩୦ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୬.୦୯.୨୦୨୫ / ୨୯.୧୧.୨୦୨୫ (ସାଙ୍କେତିକ) |
| **କଟକ ଶାଖା /** ଋଣଗ୍ରହୀତା: ମେସର୍ସ ଶ୍ରୀ ଶ୍ୟାମ ଇନ୍‌ଫ୍ରା ଆଲଏକ୍, ସା: ପ୍ଲଟ୍ ନଂ.: ୩୪୪/୨୯୫୩/୩୨୯୮, ଚୌଦ୍ୱାର, ମଙ୍ଗଳା ମନ୍ଦିର ନିକଟ, ଚୌଦ୍ୱାର କଲେଜ ପଛପାର୍ଶ୍ୱ, କଟକ, ଓଡିଶା-୭୫୪୦୭୧, **ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦିପ କୁମାର ଅଗ୍ରୱାଲ,** ପିତା: ଶ୍ରୀ ସୁବାଷ ଚନ୍ଦ୍ର ଅଗ୍ରୱାଲ, ସା: ଗଙ୍ଗା ମନ୍ଦିର, କଟକ ସଦର, କଟକ, ଓଡିଶା-୭୫୩୦୦୧ | ଶ୍ରୀ ସନ୍ଦିପ କୁମାର ଅଗ୍ରୱାଲଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଯେନିପୁର ନରସିଂହପୁର, ପୋ: ଟାଙ୍ଗି-ଚୌଦ୍ୱାର, ଥାନା: ଜଗତପୁର, ତହସିଲ: ଟାଙ୍ଗି-ଚୌଦ୍ୱାର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: କଟକ, ସିଟିଏସ୍/ସର୍ଭେ/ଖାତା ନଂ.: ୬୦୯/୧୦୯୯, ମ୍ୟୁଟେସନ୍ ଖାତା ନଂ.: ୬୦୯/୧୯୧୯, ପ୍ଲଟ୍ ନଂ.: ୧୮୯୯/୩୨୦୪, ପରିମିତ କ୍ଷେତ୍ର: ୨୦୦୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ସମ୍ପତ୍ତି, ପଶ୍ଚିମ: ରାସ୍ତା, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୮୯୬ ସହିତ ଜମିର ସମସ୍ତ ଅଂଶରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର ପରିମିତ କ୍ଷେତ୍ର: ୨୦୦୦ ବର୍ଗଫୁଟ (ଏକର୦.୦୪୬ ଡିସିମିଲି) ଏବଂ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର | ତା.୦୬.୦୯.୨୦୨୫ରିଖ ସୁଦ୍ଧା ଟ.୩୭,୩୫,୮୯୮.୦୬ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୬.୦୯.୨୦୨୫ / ୨୯.୧୧.୨୦୨୫ (ସାଙ୍କେତିକ) |

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୪.୧୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

## ODISHA COAL AND POWER LTD.

Odisha Coal and Power Limited (OCPL)
(A GOVT. OF ODISHA COMPANY)
Zone-A, 4th Floor, Fortune Towers, Chandrasekharpur, Bhubaneswar – 751023, Odisha, Ph. No: 0674-2300654 / 0674-2300664

**NOTICE INVITING TENDER**

Date: 04.12.2025

Sealed bids in prescribed format for the following tenders are invited from reputed Companies/ Firms/Agenciesfor execution of the following work:

| Sl. No. | Name of the Work | Cost of Tender Paper (Inclusive of GST) - Rs. | Last Date of Sale/ Download of Tender Document | Date of Submission/ Opening |
|---|---|---|---|---|
| 1 | Selection of Agency for development of Dairy Farming in Vill-Sarbahal, Block-Hemgir, District Sundargarh. Tender No.: OCPL/MCMP/SER-174/2025 | 1000 | 15.12.2025 | 3.00 P.M./ 3.30 P.M. on 02.01.2026 |
| 2 | Construction of Boundary wall and Toilet Complex at Jhadeswar Temple Hemgir, Sundargarh Odisha. Tender No.: OCPL/MCMP/SER-181/2025 | 1000 | 16.12.2025 | 3.00 P.M./ 3.30 P.M. on 03.01.2026 |

Any further clarifications may please be addressed to the undersigned at the above address or by email to: **Contracts@ocpl.org.in**

**Sd./- Sr. Manager (Commercial & Contracts)**

# ଅଜୟଙ୍କ ପ୍ରଶଂସାରେ ରକୁଲ୍


ରକୁଲ୍-ଅଜୟ

ପ୍ରଥମେ 'ଦେ ଦେ ପ୍ୟାର ଦେ' ଆଉ ପୁଣି ଥରେ ଏହାର ସିକ୍ୱେଲ 'ଦେ ଦେ ପ୍ୟାର ଦେ ୨'ରେ ଅଜୟ ଦେବଗନଙ୍କ ସହ ତାଙ୍କୁ ଦେଖିବାକୁ ମିଳିଛି। ପୁଣି ସିନେମାଦ୍ୱୟ ବକ୍ସ ଅଫିସରେ ଭଲ ବିଜନେସ୍ କରିଛି। ତେବେ ଏହାର ଶୁଟିଂ ସମୟର ସ୍ମୃତିକୁ ରୋମନ୍ଥନ କରି ଅଜୟଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ସେ। ହଁ, ଏହି ନାୟିକା ଜଣକ କିଏ ଜାଣନ୍ତି ? ସେ ହେଲେ ରକୁଲ୍ ପ୍ରୀତ୍ ସିଂ। ଏ ବିଷୟରେ ରକୁଲ୍ କହନ୍ତି, ''ଯେତେବେଳେ 'ଦେ ଦେ ପ୍ୟାର ଦେ ୨'ର ଅଫର ମୋତେ ମିଳିଲା ଆଉ ମୁଁ ଜାଣିବାକୁ ପାଇଲି ଯେ ଏଥିରେ ଅଜୟ ମୋ ନାୟକ ସାଜିବେ ସେତେବେଳେ ମୋତେ ଯେମିତି ଖୋଜିଲା ଚିଜ ମିଳିଯାଇଥିଲା। ଏହାର ଶୁଟିଂ ସମୟରେ ଅଜୟ ମୋତେ ଆକ୍ଟିଂ ବିଷୟରେ ଅନେକ କିଛି ଟିପ୍ସ ଦେଇଥିଲେ। ସବୁଠାରୁ ଖାସ୍ କଥା ହେଲା ଅଜୟଙ୍କ ଆକ୍ଟିଂ ମୋତେ ଭାରି ପ୍ରଭାବିତ କରିଛି। ଆକ୍ଟିଂକୁ ନେଇ ମୋ ମନରେ ଥିବା ଅନେକ ସନ୍ଦେହ ସେ ଦୂର କରିଦେଇଥିଲେ। ମୋ ମନରେ ଏକ ଅବସୋସ ରହିଛି। ତାହା ହେଲା ଅଜୟଙ୍କ ନିର୍ଦ୍ଦେଶନାରେ ଏକ ସିନେମାରେ କାମ କରିବାକୁ।'' ରକୁଲ୍ ସିନା ଏମିତି ଭାବିଛନ୍ତି, ହେଲେ ତାଙ୍କର ଏହି ଆଶା କେବେ ପୂରଣ ହେବ ତାହା ଦେଖିବାକୁ ବାକି ରହିଲା।

# ରହସ୍ୟ ଖୋଲିଲେ ଜ୍ୟାକି



'ହିରୋ'ରୁ ହିରୋ ଜ୍ୟାକି ଶ୍ରଫ। ଏହି ଫିଲ୍ମଟି ତାଙ୍କୁ ରାତାରାତି ନାୟକ ଦୌଡ଼ରେ ସାମିଲ କରିଦେଇଥିଲା। କେବଳ ସେତିକି ନୁହେଁ, ସୁବାସ ଘାଇଙ୍କର ଏହି ଫିଲ୍ମ ବଲିଉଡ୍‌ର ଅନ୍ୟତମ ସ୍ମରଣୀୟ ଫିଲ୍ମ ଭାବରେ ପରିଗଣିତ ହୋଇଥାଏ। ହେଲେ ଅଭିନୟ ପୂର୍ବରୁ ଜ୍ୟାକି ମଡେଲିଂ ସହ ଜଡ଼ିତ ଥିଲେ। ହେଲେ ଏଥିରେ କିପରି ତାଙ୍କୁ ସୁଯୋଗ ମିଳିଲା ତା'ପଛରେ ଏକ ମଜାଦାର କାହାଣୀ ରହିଛି। ଏ ନେଇ ଜ୍ୟାକି କହନ୍ତି, ''ଏକଦା ମୁଁ ଏକ ବସ୍ ଷ୍ଟପ୍‌ରେ ଠିଆ ହୋଇଥାଏ। ସେତିକି ବେଳେ ଜଣେ ଯୁବକ ଆସି ମୋତେ କହିଲେ, 'ତୁମେ ମଡେଲିଂ କରିବ ?' ମୁଁ ପ୍ରଥମେ ଟିକେ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ହେଲେ ସେତବେଳର ସଂଘର୍ଷମୟ ଜୀବନରେ ତାହା ଏକ ଆଶାର କିରଣ ସୃଷ୍ଟି କରିଥିଲା। ଯୁବକଙ୍କ କଥା ମାନି ମୁଁ ମଡେଲିଂ ଦୁନିଆରେ ପାଦ ଦେଇଥିଲି। ଆଉ ତା'ପରେ ଆରମ୍ଭ ହୋଇଥିଲା ଅଭିନୟ। ଯାହାହେଉ ଦର୍ଶକଙ୍କ ଭଲ ପାଇବା ଯୋଗୁ ଆଜି ମଧ୍ୟ ମୁଁ ଅଭିନୟ ଜାରି ରଖିଛି।''

ଜ୍ୟାକି ଏପର୍ଯ୍ୟନ୍ତ ୧୩ଟି ଭାଷାରେ ପ୍ରାୟ ୨୨୦ରୁ ଅଧିକ ସିନେମାରେ ଅଭିନୟ କରିସାରିଲେଣି। ତାଙ୍କର ପ୍ରକୃତ ନାମ ଥିଲା ଜୟକିଶନ କାକୁଭାଇ ଶ୍ରଫ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କର ବାପା ଏହି ନାମକୁ ପରିବର୍ତ୍ତନ କରି ଜ୍ୟାକି ଶ୍ରଫ ରଖିଥିଲେ।

## ରିଲିଜ ଅପେକ୍ଷାରେ...

# ମହାକାଳ


'ମହାକାଳ' ଫିଲ୍ମର ପୋଷ୍ଟର

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ମହାକାଳ'। କାହାଣୀ ଅନୁସାରେ ଏକ ସଂରକ୍ଷିତ ଜଙ୍ଗଲରେ କୌଣସି କାରଣରୁ ନିଆଁ ଲାଗିଯାଏ। ହେଲେ କୁଚକ୍ରୀ ଗୋଷ୍ଠୀ ଏହାର ଦୋଷ ଜଣେ ନିରୀହ ଆଦିବାସୀ ଯୁବକ ଉପରେ ଲଦି ଦିଅନ୍ତି। ଏହା ପଛରେ ଥିବା ପ୍ରକୃତ ଦୋଷୀ କିଏ ? ଜଙ୍ଗଲରେ ନିଆଁ ଲାଗିଥିଲା ନା ଲଗାଇ ଦିଆଯାଇଥିଲା ? ଏଭଳି ରହସ୍ୟର ଉନ୍ମୋଚନ ହୋଇଛି ଏହି ସିନେମାରେ। ଏହାର ମୁଖ୍ୟ ଭୂମିକା (ସମ୍ଭବ)ରେ ଅଭିନୟ କରିଛନ୍ତି ଦେବ୍। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ମୋନାଲି। ଏମାନଙ୍କ ବ୍ୟତୀତ ଅସୀତ ପତି, ବ୍ରଜ ସିଂ, ଡିସ୍କୋ ରେଡ୍ଡି, ମନ୍ମଥ ମିଶ୍ର, ବବଲୁ, ରାଜଶ୍ରୀ, ପ୍ରତୀକ୍ଷା ଏବଂ ଶକ୍ତି ସାଧନା ପ୍ରମୁଖ କଳାକାର। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ନିର୍ଦ୍ଦେଶନା ଭାରସମ୍ଭାଳିଛନ୍ତି ଡିପି। ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ଦେବ୍‌ସ ଏଣ୍ଟରଟେନମେଣ୍ଟ। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୁଡଲି ରଥ। ଏହି ସିନେମା ଚଳିତ ମାସ ୧୨ ତାରିଖରେ ରିଲିଜ ହେବାର ଯୋଜନା ରହିଛି।

# ସେଇ କେଇ ପଦ କଥା...

ପରିଣୀତି ଚୋପ୍ରା ଅଭିନୟ ଦୁନିଆରେ ପ୍ରବେଶ କରିବା ପୂର୍ବରୁ ବଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜନା ସଂସ୍ଥା ଯଶ ରାଜ ଫିଲ୍ମସ (ୱାଇଆର୍‌ଏଫ୍)ରେ କିଛି ଦିନ ପିଆର୍‌ଓ ଭାବରେ କାମ କରିଥିଲେ। କେବଳ ସେତିକି ନୁହେଁ, ସେହି ସମୟରେ ସେ ରାଣୀ ମୁଖାର୍ଜୀଙ୍କ ପର୍ସନାଲ ଆସିସଷ୍ଟାଣ୍ଟ ଭାବରେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଆଉ ସେହି ସମୟରେ କିଛି ସ୍ମରଣୀୟ ସ୍ମୃତିଗୁଡ଼ିକୁ ଏବେ ମନେ ପକାଉଛନ୍ତି ପରିଣୀତି। ଏକଦା ଅଭିନୟକୁ ନେଇ ତାଙ୍କ ସହ ଅନେକ ସମୟ କଥା ହୋଇଥିଲି। ଆଉ ସେହି ସମୟରେ ସେ ମୋତେ ଯେଉଁ କେଇ ପଦ କଥା କହିଥିଲେ ତାହା ଆଜି ବି ତାଙ୍କର ମନେପଡୁଛି। ଏ ବିଷୟରେ ପରିଣୀତି କହନ୍ତି,''ରାଣୀ ମାଡାମଙ୍କ ସହ କଥା ହେବା ସମୟରେ ସେ ପ୍ରଥମେ ମୋତେ କହିଲେ, ତୁମେ କାହିଁକି ଆକ୍ଟିଂ ଲାଇନ୍‌ରେ ଏଣ୍ଟ୍ରି କରୁନ ? ତୁମକୁ ଯେତିକି ଷ୍ଟଡି କରିଛି ତୁମ ଠାରେ ଅଭିନୟ ଦକ୍ଷତା ରହିଛି। ତୁମେ ତାକୁ ଉପଯୋଗ କଲେ ନିଶ୍ଚୟ ଆଗକୁ ଯାଇପାରିବ। ଯେତେବେଳେ ମୋତେ ପ୍ରଥମେ ବଲିଉଡ୍‌ରେ ସୁଯୋଗ ମିଳିଲା ସେତେବେଳର ତାଙ୍କର ସେହି କେଇ ପଦ କଥା ମୋ କାନରେ ବାରମ୍ବାର ପ୍ରତିଧ୍ୱନିତ ହୋଇଥିଲା। ଆଉ ମୋର ପ୍ରଥମ ସିନେମା ମଧ୍ୟ ମୋତେ ବେଶ୍ ମାଇଲେଜ ଦେଇଥିଲା।'' ପରିଣୀତି ୨୦୧୧ରେ ହିନ୍ଦୀ ସିନେମାରେ ପ୍ରଥମେ ଅଭିନୟ କରିବାର ସୁଯୋଗ ପାଇଥିଲେ। ଫିଲ୍ମଟି ଥିଲା 'ଲେଡିଜ୍ ଭର୍ସେସ ରିକି ବହଲ'। ପ୍ରଥମ ସିନେମା ପାଇଁ ତାଙ୍କୁ ଅନେକ ପୁରସ୍କାର ମଧ୍ୟ ମିଳିଥିଲା।



ପରିଣୀତି

# ହାପି ଡେଜ୍‌ରେ ଅଭିନୟ କରି ନ ଥିଲେ...

ତମନ୍ନା ଭାଟିଆ ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ। ଅଭିନୟ ପୂର୍ବରୁ ସେ ମଡେଲିଂ କରୁଥିଲେ। ତା'ପୂର୍ବରୁ ପୃଥ୍ୱୀ ଥିଏଟରରେ ସେ କିଛି ଦିନ ଷ୍ଟେଜ ପ୍ରଡକ୍ସନ ଦାୟିତ୍ୱ ତୁଲାଇଥିଲେ। ମ୍ୟୁଜିକ ଭିଡିଓରେ ଅଭିନୟ କରିବା ପରେ ୨୦୦୩ରେ ତାମିଲ ଫିଲ୍ମ 'ଇନ୍ନାକୁ ୨୦ ଉନ୍ନାକୁ ୧୮'ରୁ ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। କିନ୍ତୁ ସଫଳତା ପାଇବାକୁ ତାଙ୍କୁ ଆହୁରି ଚାରି ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ୨୦୦୭ରେ ତେଲୁଗୁ ଫିଲ୍ମ 'ହାପି ଡେଜ୍' ତମନ୍ନାଙ୍କ ଭାଗ୍ୟ ବଦଳାଇ ଦେଇଥିଲା। ଏହି ଫିଲ୍ମଟି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା ଏବଂ ତା'ପରେ ତାଙ୍କୁ ଅଫର ପରେ ଅଫର ମିଳିବାକୁ ଲାଗିଲା। ଏ ବିଷୟରେ ତମନ୍ନା କହନ୍ତି, ''ଯେତେବେଳେ ମୋତେ 'ହାପି ଡେଜ୍' ଅଫର ମିଳିଲା ସେତେବେଳେ ତାହାକୁ ଗ୍ରହଣ କରିବି କି ନାହିଁ ତାକୁ ନେଇ ଟିକେ ଦ୍ୱନ୍ଦ୍ୱରେ ପଡିଥିଲି। କିନ୍ତୁ ପରବର୍ତ୍ତୀ ସମୟରେ ମନକୁ ସ୍ଥିର କରି ଏଥିରେ ଅଭିନୟ କରିବାକୁ ସମ୍ମତି ଜଣାଇଥିଲି। ହେଲେ ଫିଲ୍ମଟି ଯେ ଏପରି ଦର୍ଶକାଦୃତ ହେବ ତାହା କେବେ କଳ୍ପନା କରି ନ ଥିଲି। ମୋଟ ଉପରେ କହିଲେ ଯଦି ଏହି ସୁଯୋଗଟିକୁ ମୁଁ ହାତଛଡ଼ା କରିଥାଆନ୍ତି, ତେବେ ହୁଏତ ମୋତେ ନାୟିକା ଦୌଡରେ ସାମିଲ ହେବାକୁ ଆଉ କିଛି ବର୍ଷ ସଂଘର୍ଷ କରିବାକୁ ପଡ଼ିଥାଆନ୍ତା।'' କିନ୍ତୁ ଏହା ପୂର୍ବରୁ ତମନ୍ନା ବଲିଉଡ୍‌ରେ ମଧ୍ୟ ଅଭିନୟ କରସାରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଚାନ୍ଦ୍ ସା ରୋଶନ ଚେହେରା'। ତମନ୍ନା ଏପର୍ଯ୍ୟନ୍ତ ଅନେକ ତାମିଲ ଏବଂ ତେଲୁଗୁ ସିନେମାରେ ଅଭିନୟ କରିସାରିଲେଣି।


ତମନ୍ନା

# ଯାହା ଭାବିଥିଲେ ବିଶ୍ୱରୂପ


'ସପନର ଆର ପାରି ଗାଁ' ଫିଲ୍ମରେ ବିଶ୍ୱରୂପ-ଶୁଭଲକ୍ଷ୍ମୀ

ବିଶ୍ୱରୂପ ମିଶ୍ର ଯାହା ଭାବିଥିଲେ ତାହା ନିକଟରେ ପୂରଣ ହୋଇଛି। ଆଉ ନିଜ ଆକ୍ଟିଂ କ୍ୟାରିୟରରେ ଏଭଳି ଏକ ଭିନ୍ନଧରଣର ଭୂମିକାଟିଏ ପାଇବା ପରେ ତାଙ୍କ ଖୁସି କହିଲେ ନ ସରେ। କଥା କ'ଣ କି ସେ ଏବେ ନିର୍ମାଣାଧୀନ ଓଡ଼ିଆ ସିନେମା 'ସପନର ଆର ପାରି ଗାଁ'ର ନାୟକ ସାଜିଛନ୍ତି। ଆମ ରାଜ୍ୟର ହଜିଯାଉଥିବା ଏକ ପରମ୍ପରାକୁ ନେଇ ଉକ୍ତ ଚିତ୍ରର କାହାଣୀ ଗତିଶୀଳ। ଏ ବିନୋଦିନୀ କ୍ରିଏସନ୍ସ ଡ୍ରିମ୍‌ସ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ସସ୍ମିତା ପାଢ଼ୀ। ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ଓମ୍ ପ୍ରକାଶ ରାଉତରାୟ। 'ବିଶ୍ୱରୂପ ବର୍ନ ଟୁ ଫାଇଟ' ଏବଂ ଐତିହାସିକ ସିନେମା 'ଜୟୀ ରାଜଗୁରୁ' ପରେ ଏହି ଫିଲ୍ମକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ବିଶ୍ୱରୂପ। ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶାନ୍ତନୁ ନାୟକ। ସଂଳାପ ଲେଖିଛନ୍ତି ଜିତେନ୍ଦ୍ର ବରାଳ। ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ,କୁଳଦୀପ ପଟ୍ଟନାୟକ, ଅନ୍ତରା ଚକ୍ରବର୍ତ୍ତୀ ଏବଂ ଶାନ୍ତନୁ ନାୟକ। ଏଥିରେ ବିଶ୍ୱରୂପଙ୍କ ନାୟିକା ସାଜିଛନ୍ତି ଶୁଭଲକ୍ଷ୍ମୀ ରାଉତରାୟ। ଶୁଭଲକ୍ଷ୍ମୀ ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ଅଭିନୟରେ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିଛନ୍ତି। ଏମାନଙ୍କ ବ୍ୟତୀତ ଇଲୁ ବାନାର୍ଜୀ, ଧରିତ୍ରୀ ଖଣ୍ଡୁଆଳ, ଚନ୍ଦନ ରାଉତରାୟ ପ୍ରମୁଖ ଅଭିନୟ କରିଛନ୍ତି। ଏହାର ପ୍ରଥମ ରାଉଣ୍ଡ ଶୁଟିଂ ଶେଷ ହୋଇଛି ଏବଂ ପରବର୍ତ୍ତୀ ସିଡ୍ୟୁଲ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ରହସ୍ୟ ଖୋଲିବ ମିଡ୍ ନାଇଟ୍


'ମିଡ୍ ନାଇଟ୍' ଫିଲ୍ମରେ (ବାମରୁ) ବୀରେନ, ମନୁ, ଅକ୍ଷୟ

ଏକ ରହସ୍ୟ ରୋମାଞ୍ଚପୂର୍ଣ୍ଣ କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ମିଡ୍ ନାଇଟ୍'। କାହାଣୀ ଅନୁସାରେ ତିନି ଜଣ ବାନ୍ଧବୀ ନୂଆ ବର୍ଷ ସେଲିବ୍ରେଟ କରିବାକୁ ଚନ୍ଦ୍ରାଭାଗା ଯାଉଥାଆନ୍ତି। ହେଲେ ହଠାତ୍ ଗାଡିଟି ଖରାପ ହୋଇଯାଏ, ଆଉ ଉପାୟଶୂନ୍ୟ ହୋଇ ସେମାନେ 'ମିଡ୍ ନାଇଟ୍' ନାମକ ଏକ ହୋଟେଲରେ ରହନ୍ତି। ଆଉ ତା'ପରେ କ'ଣ ଘଟୁଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଉକ୍ତ ସିନେମାର ପ୍ରଯୋଜନା କରିଛନ୍ତି ଅଭିନେତା ମନୁ ଦ୍ୱିବେଦୀ। ଖାସ୍ କଥା ହେଲା କିଛି ବର୍ଷର ଗ୍ୟାପ୍ ପରେ ପୁଣି ଥରେ ବଡ ପରଦାକୁ ଫେରୁଛନ୍ତି ସ୍ୱର ସଂଯୋଜକ ପ୍ରଶାନ୍ତ ପାଢ଼ୀ। କେବଳ ସେତିକି ନୁହେଁ ଏହାର ଗୀତଗୁଡିକ ଚଳଚ୍ଚିତ୍ରର ଅନ୍ୟତମ ଆକର୍ଷଣ ହେବ ବୋଲି କହନ୍ତି ସେ। ମନୁ ଦ୍ୱିବେଦୀ ଫିଲ୍ମସ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ମନୁ ଦ୍ୱିବେଦୀ। ସହକାରୀ ନିର୍ଦ୍ଦେଶକ ଭାର ସମ୍ଭାଳିଛନ୍ତି ସୁରେଶ ଦାଶ। ମନୁ ଦ୍ୱିବେଦୀ, ବୀରେନ ମିଶ୍ର, ଅକ୍ଷୟ ବସ୍ତିଆ, ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଡାଏନା, ସୁଇଟି, ଆଲିୟା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।

# ମୃତଦେହକୁ କାନ୍ଧଦେଲେନି ଜାତିଭାଇ

ବଣ୍ଡା,୩।୧୨(ପରିକ୍ଷିତ ସାହୁ)

ଅନ୍ୟ ଜାତିରେ ବିବାହ କରିଥିବାରୁ ସାମାଜିକ ବାସନ୍ଦ କରିଥିଲା ଜାତି ସମାଜ। ଏପରି କି ବାସନ୍ଦର ୩୦ ବର୍ଷ ପରେ ବି ଏହି କଟକଣା ଜାରି ରହିଥିବାରୁ ମୃତ୍ୟୁ ପରେ କାନ୍ଧ ଦେବାକୁ ଆସିଲେନାହିଁ ଜାତିଭାଇ। ଦୀର୍ଘ ୩୦ ଘଣ୍ଟା ମୃତଦେହ ପଡ଼ିରହିବା ପରେ ଖବରପାଇ ବୁଧବାର ପୋଲିସ ଓ ପଞ୍ଚାୟତ ପ୍ରଶାସନ ପକ୍ଷରୁ ସତ୍କାରର ବ୍ୟବସ୍ଥା କରିଥିଲା। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମଇଦୁରା ପଞ୍ଚାୟତ ରାମପୁର ଗ୍ରାମରେ ଘଟିଥିବା ଏହି ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଆଠମଲ୍ଲିକ ବ୍ଲକ ମଇଦୁରା ପଞ୍ଚାୟତ ରାମପୁର ଗ୍ରାମର ପଣ୍ଡେଇ ଭୋଇ (୬୪) ୩୦ ବର୍ଷ ତଳେ ଅନ୍ୟଜାତିର ରାଣୀ ନାୟକଙ୍କୁ ବିବାହ କରିଥିଲେ। ଏଥିଯୋଗୁ ପଣ୍ଡେଇଙ୍କୁ ତାଙ୍କ ଜାତି ସମାଜ ପକ୍ଷରୁ ବାସନ୍ଦ କରାଯାଇଥିଲା। ଫଳରେ ସେ ଜାତି ସମାଜର କୌଣସି କାର୍ଯ୍ୟରେ ଯୋଗଦେଇପାରୁ ନ ଥିଲେ। ତାଙ୍କର କୌଣସି ସନ୍ତାନ ନ ଥିବା ବେଳେ ସେ ଓ ତାଙ୍କ ସ୍ତ୍ରୀ ସମାଜ କାହା ସହିତ ମିଶୁ ନ ଥିଲେ। ପଣ୍ଡେଇ କିଛି ବର୍ଷ ହେବ କିଡ୍‌ନୀ ରୋଗରେ ପୀଡ଼ିତ ଥିବାବେଳେ ମଙ୍ଗଳବାର ସକାଳ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁ ସମ୍ପର୍କରେ ସ୍ତ୍ରୀ ରାଣୀ ଜାତି ସମାଜର ଲୋକଙ୍କୁ ଅବଗତ କରାଇଥିଲେ। ହେଲେ ଜାତି ସମାଜର କେତେଜଣ ବ୍ୟକ୍ତି ଆସି ପଣ୍ଡେଇଙ୍କ ମୃତଦେହକୁ ଦେଖିଯାଇଥିଲେ ହେଁ କେହି କାନ୍ଧ ଦେଇ ନ ଥିଲେ। ଫଳରେ ରାତିତମାମ ପଣ୍ଡେଇଙ୍କ ମୃତଦେହ ଘରେ ପଡ଼ି ରହିଥିଲା। ବୁଧବାର ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଏ ନେଇ ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନକୁ ଅବଗତ କରିଥିଲେ। ପରେ ଆଠମଲ୍ଲିକ ପ୍ରଶାସନର ନିର୍ଦ୍ଦେଶକ୍ରମେ ଠାକୁରଗଡ଼ ପୋଲିସ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପରିଡ଼ାଙ୍କ ଉପସ୍ଥିତିରେ ଅପରାହ୍ନ ୪ଟାରେ ପଣ୍ଡେଇଙ୍କ ମୃତଦେହ ସତ୍କାର ବ୍ୟବସ୍ଥା କରାଯାଇଥିଲା। ଏଥିସହ ପଣ୍ଡେଇଙ୍କ ସ୍ତ୍ରୀଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ନିର୍ବାହୀ ଅଧିକାରୀ ପ୍ରଦାନ କରିଥିଲେ। ଘଟଣା ସମ୍ପର୍କରେ ଆଠମଲ୍ଲିକ ଉପଜିଲାପାଳ ଉପେନ୍ଦ୍ର ଲୁହା କହିଛନ୍ତି, ମୃତଦେହ କିପରି ଦାହ କରାଯିବ ସେ ନେଇ ଠାକୁରଗଡ଼ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିଲା। ଠାକୁରଗଡ଼ ଥାନା ଆଇଆଇସି ଶଶି ଭୂଷଣ ବେହେରା କହିଛନ୍ତି, ପୋଲିସ ଓ ପଞ୍ଚାୟତ ପକ୍ଷରୁ ମୃତଦେହ ସତ୍କାର ପାଇଁ ପଦକ୍ଷେପ ନିଆଯାଇଛି।



ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ସ୍ତ୍ରୀଙ୍କୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି।

■ ଅନ୍ୟ ଜାତିରେ ବିବାହ କରିଥିବାରୁ ବାସନ୍ଦ ହୋଇଥିଲେ

■ ୩୦ ଘଣ୍ଟା ପରେ ସତ୍କାର କଲା ପୋଲିସ, ପଞ୍ଚାୟତ ପ୍ରଶାସନ

# ନବଜାତ ଶିଶୁକୁ କୁମାରୀ ମା'ଙ୍କ ହତ୍ୟା ଉଦ୍ୟମ

## କଲମପୁର ଥାନା ଅଞ୍ଚଳରେ ଆଲୋଡ଼ନ

ଭବାନୀପାଟଣା/କଲମପୁର, ୩।୧୨ (ଉତ୍ତମ କୁମାର ଦାଶ/ଗଣେଶ ରାମ ବାଗ)

କଳାହାଣ୍ଡି ଜିଲା କଲମପୁର ଥାନା ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ କୁମାରୀ ମା' ନିଜ ନବଜାତ ଶିଶୁ ପୁତ୍ରକୁ ହତ୍ୟା ଉଦ୍ୟମ କରିଛନ୍ତି। ଏହି ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ସୂଚନାକ୍ରମେ ସକାଳେ ଅବିବାହିତ ଯୁବତୀଜଣକ ଶିଶୁପୁତ୍ର ଜନ୍ମ କରିବା ପରେ ବୁଦ୍ଧିଶୂନ୍ୟ ହୋଇଯାଇଥିଲେ। ପରେ ସେ ନିରୁପାୟ ହୋଇ ନବଜାତକକୁ ଫିଙ୍ଗି ମାରିବାକୁ ଚେଷ୍ଟା କରିଥିଲେ। ପଡ଼ୋଶୀଙ୍କଠାରୁ ସୂଚନା ପାଇ ବଡ଼କୁଟ୍ରୁ ସରପଞ୍ଚ ଗଣେଶ କୁମାର ପଣ୍ଡା ଓ ଆଶା କର୍ମୀ ଘଟଣାସ୍ଥଳରେ ପହଞ୍ଚି ନବଜାତ ଶିଶୁକୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ଉଭୟ ମା' ଓ ଶିଶୁ ସୁସ୍ଥ ଅଛନ୍ତି। ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାଶିଷ ସ୍ୱାଇଁ ସମସ୍ତ ଘଟଣା ଜାଣିବା ପରେ ତୁରନ୍ତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିର୍ବାସିନୀ ଦେଇ ଏବଂ ଶିଶୁ ସୁରକ୍ଷା ସମିତିକୁ ସୂଚନା ଦେଇଥିଲେ। 'ଏହାସହ ମା'' ପାଖରେ ଶିଶୁ ଅସୁରକ୍ଷିତ ଥିବା ଜଣାଇଥିଲେ। ଶିଶୁ ସୁରକ୍ଷା ସମିତି ଉଭୟ ମା' ଓ ଶିଶୁଙ୍କୁ ଶିଶୁ ସୁରକ୍ଷା ସମିତିକୁ ପଠାଇବା ପାଇଁ ଡାକ୍ତର ସ୍ୱାଇଁଙ୍କୁ ଅନୁରୋଧ କରିଥିଲେ। ଅନ୍ୟପଟେ କୁମାରୀ ମା'ଙ୍କ କେହି ସମ୍ପର୍କୀୟ ନ ଥିବାବେଳେ ପଡୋଶୀ ଜଣେ ମହିଳା ଶିଶୁକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିବା ସରପଞ୍ଚ ପଣ୍ଡା ସୂଚନା ଦେଇଛନ୍ତି।

# ଆତ୍ମନିର୍ଭରଶୀଳତାକୁ ଗୁରୁତ୍ୱ

## ଆଜି ଭାରତୀୟ ନୌସେନା ଦିବସ



ଭାରତୀୟ ନୌସେନାର ସାହସ, ଶୃଙ୍ଖଳା ଏବଂ ଶକ୍ତିକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଡିସେମ୍ବର ୪ରେ 'ଭାରତୀୟ ନୌସେନା ଦିବସ' ପାଳନ ହୋଇଆସୁଛି। ଏହା ସାମୁଦ୍ରିକ ସୀମାକୁ ସୁରକ୍ଷିତ ରଖିବା, ସାମୁଦ୍ରିକ ବାଣିଜ୍ୟ ମାର୍ଗକୁ ସୁରକ୍ଷା ଦେବା ଏବଂ ଦକ୍ଷତାର ସହ ସଙ୍କଟର ମୁକାବିଲା କରିବାରେ ଭାରତୀୟ ନୌସେନାର ଭୂମିକାକୁ ସମ୍ମାନକରେ। ଏହି ଦିବସ ଭାରତୀୟ ନୌସେନାର ବଢ଼ୁଥିବା କ୍ଷମତା, ଆତ୍ମନିର୍ଭରଶୀଳତା,ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଉପରେ ଅଧିକ ଗୁରୁତ୍ୱ ଦେଇ ଭାରତ ମହାସାଗରରେ ଏକ ଶକ୍ତିଶାଳୀ ନୌବାଣିଜ୍ୟ ଶକ୍ତି ହେବାର ପ୍ରତିବଦ୍ଧତାକୁ ପ୍ରତିଭାତ କରେ। ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଡିସେମ୍ବର ୪ରେ ହୋଇଥିବା ଅପରେସନ 'ଟ୍ରାଇଡେଣ୍ଟ'ର ସ୍ମୃତିଚାରଣ ଭାରତୀୟ ନୌସେନା ଦିବସର ମୂଳ ଭିତ୍ତିଭୂମି। ତେବେ ଏହି ଅଭିଯାନରେ ଭାରତୀୟ ନୌସେନା ପାକିସ୍ତାନର କରାଚୀ ବନ୍ଦର ଉପରେ ଏକ ନିର୍ଣ୍ଣାୟକ ଆକ୍ରମଣ କରିଥିଲା। ଭାରତୀୟ ଜାହାଜଗୁଡ଼ିକ ପାକିସ୍ତାନୀ ଇନ୍ଧନ ଡିପୋ, ଯୋଗାଣ ଜାହାଜ ଏବଂ ଉପକୂଳ ପ୍ରତିଷ୍ଠାନଗୁଡ଼ିକୁ ନଷ୍ଟ କରିଦେଇଥିଲେ, ଯାହା ପାକିସ୍ତାନର ନୌସେନା କ୍ଷମତାକୁ ଯଥେଷ୍ଟ ଦୁର୍ବଳ କରିଦେଇଥିଲା। ଆଇଏନ୍‌ଏସ୍ ବିକ୍ରାନ୍ତରୁ ବିମାନ ଅଭିଯାନ ଏକକାଳୀନ ଚିଟାଗଙ୍ଗ ଏବଂ ଖୁଲ୍‌ନାରେ ଶତ୍ରୁ ବିମାନ କ୍ଷେତ୍ରଗୁଡ଼ିକୁ ଟାର୍ଗେଟ କରିଥିଲା, ଯାହା ୧୯୭୧ ମସିହାର ଯୁଦ୍ଧରେ ଭାରତର ବିଜୟରେ ଅବଦାନ ରଖିଥିଲା। ଚଳିତବର୍ଷ ଦିବସ ଲାଗି ବିଷୟବସ୍ତୁ ରହିଛି 'ଯୁଦ୍ଧ ପାଇଁ ପ୍ରସ୍ତୁତ, ସମନ୍ୱିତ ଏବଂ ଆତ୍ମନିର୍ଭରଶୀଳ'। ବିଷୟବସ୍ତୁଟି ଯୁଦ୍ଧ ପାଇଁ ପ୍ରସ୍ତୁତ, ସମନ୍ୱିତ ଏବଂ ଆତ୍ମନିର୍ଭରଶୀଳ ପଥକୁ ମାର୍ଗଦର୍ଶନ ଦେବା ଉପରେ ଆଲୋକପାତ କରେ।


## OFFICE OF THE CCSO-cum-DISTRICT MANAGER, ODISHA STATE CIVIL SUPPLIES CORPORATION LIMITED, KORAPUT, JEYPORE

No.2370// Dated 01.12.2025

### QUOTATION/TENDER CALL NOTICE

No.CAD-2562:Sealed Quotation/Tenders are invited from the interested Travel Agencies/Tour Operators or Private Individuals for providing One (1) No. of BS-VI emission compliant vehicle having sitting capacity not more than Five (5) including driver for office use and One (1) No. of BS-VI emission compliant vehicle having sitting capacity not more than Seven (7) including driver, which shall conform to the terms and conditions at Annexure-A for Supervision of Paddy Procurement use for the KMS-2025-26 for the official use at the Office of CCSO-cum-District Manager, OSCSC Limited, Jeypore, Koraput on monthly rent basis. The application form of Quotation/Tender containing General bid information & Terms and Conditions for hiring vehicles etc. will be available in the Offfce of CCSO-cum-District Manager, OSCSC Ltd., Jeypore, Koraput from 03.12.2025 to 09.12.2025 till 11.00 AM during Office Hours (Except Govt Holidays). The Quotation completed in all respect should reach the undersigned on or before 09.12.2025 by 4.00 PM and shall be opened on 10.12.2025 at 11.30 AM in presence of the District Level Tender Committee members and bidders or their authorized representatives in the office Chamber of ADM (General), Koraput.

The interested bidders who have valid GST registration shall submit their tenders in a sealed envelope duly super-scribing on the top of envelope i.e. **"Tender for Hiring Vehicles for Office Use"** or **"Tender for Hiring of Vehicle for Supervision of Paddy Procurement Use"** along with **Tender No. and Date.**

**Sd./- CCSO-cum-District Manager**
**OSCSC Ltd., Jeypore (K)**

OIPR-07038/11/0004/2526

## GOVERNMENT OF ODISHA No. A-1037
## DEPARTMENT OF WATER RESOURCES
## OFFICE OF THE ENGINEER-IN-CHIEF, WATER RESOURCES
SECHA SADAN, BHUBANESWAR
Email Address: cemech.eicwr.od@gmail.com

### e-Procurement Notice - Bid Identification No. - CEM/MDC-25/2025-26

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of Executors | : SSI Units registered under DIC/NSIC/MSME for Irrigation Shutters/Hydro Mechanical Gates |
| 4. | Bid Identification No. | : CEM/MDC - 25/2025-26 |
| 5. | Estimated Cost | : Rs.52,20,649.00 |
| 6. | Period of Completion | : 03 (Three) Calendar Months |
| 7. | Date & time of availability of bid documents in the portal | : From Dt.04.12.2025 (10.00 A.M.) to Dt.16.12.2025 (5.30 P.M.) |
| 8. | Last date/time for receipt of bid in the portal | : Dt.16.12.2025 (upto 5.30 P.M.) |
| 9. | Date and place of opening of Technical Bid | : Dt.17.12.2025 (12.00 Noon onwards in the O/o. the undersigned) |
| 10. | Date and place of opening of Financial Bid | : To be intimated to the qualified bidders after evaluation of Technical Bid |
| 11. | Name of the Officer Inviting Bid | : Chief Engineer, Mechanical, O/o. the E.I.C., Water Resources, Odisha, Bhubaneswar |

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/cancellation notice shall be uploaded in the aforesaid website only.

**Sd./- Chief Engineer, Mechanical**
OIPR-32520/11/0092/2526 **O/o. Engineer-in-Chief, Secha Sadan, Bhubaneswar**

## ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ
(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ), ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ – ୧, ଭୁବନେଶ୍ୱର–୭୫୧୦୦୯

### ଆଦିବାସୀ ପ୍ରତିଭା ସମ୍ମାନ – ୨୦୨୬

No. V-20: ଏତଦ୍ୱାରା ଘୋଷଣା କରାଯାଉଅଛି କି ବିଗତ ବର୍ଷମାନଙ୍କ ପରି ନୃତ୍ୟ, ସଙ୍ଗୀତ, ସାହିତ୍ୟ, ଚିତ୍ରକଳା, ଚାରୁକଳା, ସମାଜସେବା, ଦେଶଜ ଔଷଧ ବିଦ୍ୟା, କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଜନଜାତି ପ୍ରତିଭାମାନଙ୍କୁ ଆଗାମୀ ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବରେ ସମ୍ମାନିତ କରାଯିବ। ଜନଜାତି ପ୍ରତିଭାଙ୍କୁ ଏଥିରେ ଅଂଶଗ୍ରହଣ କରିବାର ସୁଯୋଗ ଦେବାଲାଗି ଆବେଦନ କରିବାର ଧାର୍ଯ୍ୟ ତାରିଖ ୩୦ ନଭେମ୍ବର, ୨୦୨୫ରୁ ଆଗାମୀ ତା୨୦ ଡିସେମ୍ବର, ୨୦୨୫ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କରାଗଲା। ଏଣୁ ଏହି ସମ୍ମାନ ନିମନ୍ତେ ଉପରୋକ୍ତ କ୍ଷେତ୍ରରେ ବିଶେଷ ପାରଦର୍ଶିତା ହାସଲ କରିଥିବା ଜନଜାତି ବର୍ଗର ବ୍ୟକ୍ତି ବିଶେଷଙ୍କୁ ନିମ୍ନ ଠିକଣାରେ ଆବେଦନ କରିବାକୁ ଅନୁରୋଧ କରାଯାଉଅଛି।

ସମ୍ପୂର୍ଣ୍ଣ ବିଜ୍ଞାପନ ଓ ଆବେଦନ ପତ୍ର ଡାଉନ୍‌ଲୋଡ୍ କରିବା ନିମନ୍ତେ ୱେବ୍‌ସାଇଟ୍ **www.atlcodisha.org, www.scstrti.in** ଅଥବା **www.stsc.odisha.gov.in** ଦେଖନ୍ତୁ।

OIPR-26011/11/0017/2526 ସ୍ୱା./– ସଦସ୍ୟ ସଚିବ

## OFFICE OF THE DIVISIONAL FOREST OFFICER ANGUL KENDU LEAVES DIVISION, ANGUL
At/Po-Hakimpada, Dist-Angul, Pin-759143, Phone No.06764-234157
Email- dfoklangl@gmail.com
No.278/1F (Acct.) Dt.29.11.2025

No.MM-328

### NOTICE INVITING TENDER
**Bid Identification No.DFO-ANGUL-KL-01 Online/2025-26**

**The Divisional Forest Officer, Angul KL Division on behalf of Governor of Odisha invites percentage rate bids in Single Cover System in ONLINE MODE.**

| | | | |
|---|---|---|---|
| 1. | Nature of Works | : | Construction of Forester Quarters |
| 2. | No. of Works | : | 02 (Two) |
| 3. | Bid Cost | : | 6,000/- |
| 4. | Class of Contractor | : | "C" Class & "D" Class |
| 5. | Date & Time of availability of the bid documents in portal | : | From 10.00 AM of Date 04.12.2025 to 05.00 PM of Date 18.12.2025 |
| 6. | Last date & time of receipt of bids in portal | : | Upto 5.00 P.M. of Date 18.12.2025 |
| 7. | Date of Opening of Bid | : | At 11.30 AM of Date 19.12.2025 |
| 8. | The bidders have to participate in ONLINE bidding only. Further details can be sen from the website: https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website only. | | |

**Sd./- Divisional Forest Officer**
**Angul (KL) Division**

OIPR-08152/11/0001/2526

## OFFICE OF THE SUPERINTENDING ENGINEER, CUTTACK (R&B) DIVISION NO.I: CUTTACK
E-Mail id:eepwdcuttack@gmail.com, Tel/Fax.No.(0671)-2304128
GOVERNMENT OF ODISHA ('e' Procurement Notice)

### 2nd Corrigendum to Bid Identification No.S.E.CTC (R&B)-51 of 2025-26

No.B-795: The Bid availability period and date of opening of the tenders have been modified due to unavoidable circumstances. The modified dates are as follows:-

| Sl. No. | Bid Identification No. | Bid Availability period as per 1st Corrigendum Notice | Revised Bid Availability period as per 2nd Corrigendum Notice | Bid Opening Date as per 1st Corrigendum Notice | Revised Opening Date as per 2nd Corrigendum Notice |
|---|---|---|---|---|---|
| 1 | S.E. CTC (R&B)-51 of 2025-26 | 02/12/2025 to 5.00 PM of 16.12.2025 | 12/12/2025 to 5.00 PM of 26/12/2025 | 17/12/2025 at 11.00 AM | 29/12/2025 at 11.00 AM |

All other terms and conditions remain unchanged. Further details can be seen from the website http://www.tendersodisha.gov.in.

**Sd./- Superintending Engineer**
**Cuttack (R&B) Division No.I, Cuttack**

OIPR-34091/11/0110/2526

## GOVT. OF ODISHA, DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER, PURI IRRIGATION DIVISION, PURI
E-Mail I.D.: eepuri_eicwr.od@nic.in & eepuriirrigation@yahoo.com
No.3853(we)/ Dated, Puri, the 29.11.2025
"e" Procurement Notice No.PID-04 of 2025-26 (Double Cover)
Bid Identification No.PID-141 of 2025-26 to PID-150 of 2025-26

No.A-1039:

| | | | |
|---|---|---|---|
| 2 | Total No. of Package | : | 10 Nos. (Double Cover) |
| 3 | Tender Cost | : | 74.92 Lakhs to 83.68 Lakhs |
| 4. | EMD | : | As per Column No.6 (Online Payment Mode) |
| 5. | Class of Contractor | : | "B" Class |
| 6. | Cost of tender Paper | : | Rs.10000/- (Online Payment Mode) respectively shown as per Column No.5 |
| 7. | Period of Completion | : | Five Calendar Months |
| 8. | Technical Bid Opening | : | Dt.16.12.2025 at 11.30 AM |
| 9. | Financial Bid Opening | : | To be uploaded in Portal after evaluation of Technical Bids (Cover-I) |
| 10. | Transparent Lottery among L1 Bidders | : | Dt.30.12.2025 at 11.30 AM onwards |

| Procurement Officer | Bid Identification No. | Availability of tender for online bidding | | Last date & time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Puri Irrigation Division, Puri | PID-141 to PID-150 of 2025-26 | From 03.12.2025 10.30 AM | Upto 15.12.2025 5.30 PM | Upto 15.12.2025 upto 5.30 PM | Technical Bid (Cover-I) 16.12.2025 at 11.30 AM O/o SE, Puri Irr.Division, Puri |

Further detail conditions can be seen from the Govt. website http://www.tendersorissa.gov.in. All Corrigendum/Cancellation of tender anything regarding tender will be shown in Govt. website only

OIPR-32011/11/0013/2526 **Sd./- Superintending Engineer, Puri Irrigation Division, Puri**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, BOLANGIR
No. O-1623
E-Mail ID: eerw_blgr@yahoo.co.in

### e-Procurement Notice
**IFB IDENTIFICATION NO.EEBLGR-Online-19/2025-26**

| | | |
|---|---|---|
| 1. | Name of Work | : Building Work |
| 2. | Total No. of Works | : 01 (One) No. |
| 3. | Approximate Estimated Cost | : Rs.49.76 Lakh |
| 4. | time for Completion | : 02 (Two) Calendar Months |
| 5. | Mode of submission of tender | : Tender should be submitted online in **www.tendersodisha.gov.in** |
| 6. | Other details are as follow | : As per TCN No. EEBLGR-Online-19/2025-26 |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Division, Bolangir | EEBLGR - Online - 19/ 2025-26 | 04.12.2025 at 11.00 A.M. | 11.12.2025 upto 5.00 P.M. | 10.12.2025 upto 1.00 P.M. | 12.12.2025 at 11.00 A.M. |

- Further details can be seen from the website **www.tendersodisha.gov.in**.
- Any Corrigendum/Addendum will be displayed in the above e tender website only.

OIPR-25068/11/0052/2526 **Sd./- Executive Engineer, R.W. Division, Bolangir**

## GOVERNMENT OF ODISHA No. O-1616
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR

### e-Procurement Notice

| | | |
|---|---|---|
| 1. | Name of Work | : Construction of Roads in the district of Bolangir under the Scheme of MMSY-TRIP for the year 2025-26 |
| 2. | No. of Work | : 5 (Five) Works |
| 3. | Time for Completion varies from | : 9 (Nine) to 12 (Twelve) Calendar Months |
| 4. | Approximate estimated cost varies from | : Rs.299.46 lakhs to Rs.719.02 lakhs |
| 5. | Mode of submission of tender | : Tender should be submitted online in **www.tendersodisha.gov.in** |
| 6. | Other details are as follow | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-34/ 2025-26 | 03.12.2025 at 11.00 A.M. | 23.12.2025 upto 5.00 P.M. | 22.12.2025 upto 5.00 P.M. | 24.12.2025 at 11.00 A.M. | The date will be intimated later on |

- Further details can be seen from the website **www.tendersodisha.gov.in**.
- Any Corrigendum/Addendum will be displayed in the above e tender website only.

OIPR-25118/11/0080/2526 **Sd./- Chief Construction Engineer, R.W. Circle, Bolangir**

## GOVERNMENT OF ODISHA
E-mail: eerw_sunabeda@yahoo.co.in
## OFFICE OF THE SUPERINTENDING ENGINEER, RURAL WORKS DIVISION, SUNABEDA
Letter No. 4925 Date: 02.12.2025

### 2nd Corrigendum

No. O-1673: In continuation to this office Bid Identification No. Online Tender/06/RWD-SBD/2025-26 invited vide this office Letter No. 4504 Dtd.14.11.2025, partial modification of TCN has been made of all the works as follows:

| Sl. No. | Block | Name of the Work | Approx. Value of Work (In Rs. Lakhs) | Period of Completion | Class of Contractor | Bid Security (In Rs.) | Cost of bid document (In Rs.) |
|---|---|---|---|---|---|---|---|
| 1 | | 2 | 3 | 4 | 5 | 6 | 7 |
| **Improvement under scheme CWA for the year 2024-25** | | | | | | | |
| 5 | Semiliguda | Improvement to NH-43 (26) to Kadamguda (L079-NH-43 to Nuaguda( (Kadamguda, Ranikona) Road under CWA for the year 2024-25 | 25.42 | 02 Months | B & C | Rs.25,500 only | Rs.6,000 only |
| 6 | Semiliguda | Improvement to Malimarla to Uppergelaguda Road under CWA for the year 2024-25 | 12.71 | 02 Months | C & D | Rs.12,800 only | Rs.6,000 only |
| 7 | Semiliguda | Improvement to Sundhiput to Barakutuni Road under CWA for the year 2024-25 | 8.44 | 02 Months | C & D | Rs.8,500 only | Rs.4,000 only |
| 8 | Nandapur | Improvement to PWD Road to Bijapur (Semla) Road under CWA for the year 2024-25 | 8.47 | 02 Months | C & D | Rs.8,500 only | Rs.4,000 only |
| 9 | Nandapur | Improvement to Kadamguda to Badatankua Road under CWA for the year 2024-25 | 16.95 | 02 Months | C & D | Rs.17,000 only | Rs.6,000 only |
| 10 | Pottangi | Improvement to NH-43 to Tangini Road under CWA for the year 2024-25 | 12.71 | 02 Months | C & D | Rs.12,800 only | Rs.6,000 only |
| 11 | Laxmipur | Improvement to PWD Road - Maliguda Road under CWA for the year 2024-25 | 12.71 | 02 Months | C & D | Rs.12,800 only | Rs.6,000 only |
| 12 | Laxmipur | Improvement to Lachhamani PWD Road to Badanerka Road under CWA for the year 2024-25 | 21.19 | 02 Months | B & C | Rs.21,200 only | Rs.6,000 only |
| 13 | Bandhugaon | Improvement to Kotaguda to Patringi Road under CWA for the year 2024-25 | 12.71 | 02 Months | C & D | Rs.12,800 only | Rs.6,000 only |
| 14 | Lamtaput | Improvement to PWD Road to Pipalput via Jalahanjar Tukum Road under CWA for the year 2024-25 | 8.47 | 02 Months | C & D | Rs.8,500 only | Rs.4,000 only |
| 15 | Lamtaput | Improvement to R.D. road (Kamel) to Audipada Road under CWA for the year 2024-25 | 8.47 | 02 Months | C & D | Rs.8,500 only | Rs.4,000 only |
| 16 | Lamtaput | Improvement to Godihanjar (R.D. Road) to Raipada Road under CWA for the year 2024-25 | 8.48 | 02 Months | C & D | Rs.8,500 only | Rs.4,000 only |

All other terms and conditions will remain unaltered.

OIPR-25059/11/0026/2526 Sd./- Superintending Engineer, RW Division, Sunabeda


## ODISHA PUBLIC SERVICE COMMISSION, CUTTACK

### NOTICE

No.8311/PSC, Dt.02.12.2025
1E-10-2025/26 (DR-III)

### Recruitment to the post of Post Graduate Teacher in Discipline- ECONOMICS (Advertisement No.25 of 2023-24)

**No.D-268:**In continuation to this Office Notice No. 5356/PSC, dtd. 25.07.2025, it is for information of all 'shortlisted candidates' that the Document Verification and Interview/ Personality Test for recruitment to the post of Post Graduate Teacher in Economics Discipline, pursuant to Advertisement No. 25 of 2023-24 will be held from 15.12.2025 to 20.12.2025 in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | Roll No. of Candidates |
|---|---|---|---|
| 15.12.2025 | 08.30 AM | 10.30 A.M. | 101430, 101431, 101432, 101433, 101436, 101439, 101441 101445, 101446, 101448, 101453, 101466, 101469, 101471, 101473, 101476, 101477, 101478, 101479, 101483, 101485, 101487, 101489, 101490, 101506, 101514, 101518, 101535, 101540, 101541, 101563, 101566, 101568, 101579, 101584, 101587, 101588, 101592, 101600, 101611, 101612, 101614, 101615 & 101618 = **44 Candidates** |
| | 12.30 PM | 02.30 P.M. | 101641, 101642, 101643, 101645, 101650, 101651, 101652, 101653, 101655, 101658, 101662, 101663, 101670, 101676, 200726, 200727, 200728, 200733, 200737, 200743, 200759, 200769, 200774, 200776, 200780, 200783, 200784 & 200786 **= 28 Candidates** |
| 16.12.2025 | 08.30 AM | 10.30 A.M. | 200787; 200790; 200810, 200811; 200812, 200817, 200820; 200832, 200835, 200840, 200849, 200853, 302550, 302551, 302553, 302556, 302560, 302563, 302564, 302570, 302572, 302580, 302582, 302590, 302592, 302595, 302598, 302603;'302604, 302609, 302610, 302611, 302612, 302616, 302619, 302620, 302621, 302626; 302628, 302639, 302642, 302644, 302647 & 302648 **=44 Candidates** |
| | 12.30 PM | 02.30 P.M. | 302654, 302658, 302660, 302668, 302670, 302671, 302674, 302675, 302678, 302681, 302682, 302686, 302695, 302698, 302700, 302701, 302702, 302703, 302707, 302708, 302711, 302712, 302714, 302722, 302723, 302724, 302725 & 302729 **= 28 Candidates** |
| 17.12.2025 | 08.30 AM | 10.30 A.M. | 302734, 302740, 302747, 302759, 302769, 302771, 302773, 302775, 302776, 302777, 302778, 302780, 302783, 302784, 302788, 302790, 302800, 302801, 302802, 302810, 302813, 302815, 302817, 302823, 302825, 302829, 302831, 302841, 302842, 302845, 302846, 302847, 302851, 302859, 302863, 302864, 302868, 302877, 302884, 302891, 302893, 302895, 302899 & 302900 **= 44 Candidates** |
| | 12.30 PM | 02.30 P.M. | 302904, 302905, 302906, 302907, 302909, 302912, 302930, 302931, 302933, 302936, 400904, 400905, 400906, 400908, 400910, 400912, 400913, 400915, 400918, 400921, 400922, 400926, 400930, 400936, 400943, 400944, 400947 & 400959 **= 28 Candidates** |
| 18.12.2025 | 08.30 AM | 10.30 P.M. | 400967 400968, 400975, 400983 400986, 400995, 401000, 401011, 401014, 401016, 401024, 401031, 401034, 401038, 401049, 401050', 401051, 401052, 401053, 401054, 401055, 401056, 401058, 401059, 401060, 401061, 401063, 401066, 401068, 401071, 401073, 401075 & 401084 **= 33 Candidates** |
| | 12.30 PM | 02.30 P.M. | 401090, 401092, 501140, 501142, 501143, 501144, 501149, 501152, 501153, 501156, 501159, 501161, 501163, 501169, 501174, 501176, 501178, 501180, 501186, 501189 & 501200 **= 21 Candidates** |
| 19.12.2025 | 08.30 AM | 10.30 A.M. | 501201, 501202, 501203, 501206, 501212, 501216, 501219, 501220, 501221, 501224, 501225, 501229, 501233, 501237, 501238, 501239, 501241, 501242, 501243, 501246, 501249, 501250, 501252, 501255, 501260, 501262, 501263, 501264, 501266, 501268, 501275, 501278 & 501280 **=33 Candidates** |
| | 12.30 PM | 02.30 P.M. | 501284 501287, 501296, 501302, 501305, 501312, 501319, 501320, 501321, 501325, 501327, 501330, 501332, 501338, 501340, 501343, 501344, 501345, 501346, 501350 & 501351 **= 21 Candidates** |
| 20.12.2025 | 08.30 AM | 10.30 A.M. | 501358, 501362, 501365, 501369, 501370, 501373, 501374, 501377, 501378, 501382, 501383, 501387, 501388, 501389, 501391, 501394, 501397, 501398, 501402, 501407, 501411, 501412, 501413, 501414, 501415, 501416 & 590009 **= 27 Candidates** |

N.B. - The candidates are advised to report at the Office of the Commission **30 minutes before** the commencement of Document Verification in each 'time slot' allotted in the 'Scheduled Programme'

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No** at the **Top Right-hand Corner**. (Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opsce-chayan.in)
2. Four **(04)** 'passport size photographs' (Unsigned & Unattested) which have been uploaded with application form.
3. **Matriculation Certificate** in support of declaration of age.
4. **Bachelor's Degree** Certificate.
5. **Post-Graduation Certificate/ Master's Degree** Certificate in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable, (which has been **uploaded** with online Application Form)
10. **Odia Test Pass** Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**), wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an Affidavit undertaking that he/she has not been appointed against any 'civil post' after retirement from military service, wherever applicable.
13. Identity Card for **Sports Persons** issued by the Director of Sports Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC).
17. Candidate Information Form (GIF)/ Biodata form duly filled in & affixed with 'passport size photograph' (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date on the same.**

OIPR-12002/11/0334/2526 **Sd./- Secretary**

# Classified Everyday

**0674-2580101, 9692975378**



## REAL ESTATE

**SALE**

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735




All types of physiotherapy Contact number 9556924059/ 7656969134. D-2686

The massage felt totally professional! & comfortable at all times-7978109255. D-221

## AFFIDAVIT

Chandra Kala Nayak, W/o. Prabhat Kumar Rout, resident of At- Manaidiha, P.O.- Achyutpur, P.S.- Rajkanika, Dist.- Kendrapara, Odisha declare by this affidavit No.-72, dated- 26.11.25 sworn before the Executive Magistrate, Bhubaneswar. That, now onwards I shall be known as Preeti Priyadarsani Rout, the names are one and same person for all future Purpose. D-2747

By virtue of an affidavit sworn before Notary Public, Bhubaneswar dated 03.12.2025, I, Sushri Souvikta Sahoo, D/o. Bhagaban Sahoo, Permanent resident of Village- Sankhachila, Naudpur, P.O.- Sankhachila, P.S.- Panikoili, Dist.- Jajpur, Odisha, 755015, Aadhaar No.- xxxx xxxx 6364 declare that I have changed my name from Souvikta Sahoo to Sushri Souvikta Sahoo. Henceforth, I shall be known as Sushri Souvikta Sahoo for all purposes.
Sushri Souvikta Sahoo D-2748

I Mugandha Naik, D/o.- Jaleswar Naik, At/P.O./ P.S.- Jharpokhoria, Dist.- Mayurbhanj, PIN- 757086 have change name to Sugandha Naik virtue of affidavit Dtd. 27.11.25 sworn before Executive Magistrate, Baripada, Mayurbhanj. D-2751

By virtue of an affidavit sworn before Executive Magistrate, Bonth, dated- 28.11.2025, I, Sasmita Jena, W/o.- Ajay Kumar Jena, Resident of Vill./P.O.- Chhayalsingh, P.S.- Bonth, Dist.- Bhadrak, PIN- 756114, Odisha declare that I have changed the name of my daughter from Adarsha Jena to Adyasha Jena. Henceforth, she shall be known as Adyasha Jena for all purposes.
Sasmita Jena D-2749

1) That the deponent's actual name is Biswanath Duan son of Bhagirathi Duan and date of birth is 24.12.2005 which has mentioned in the HSC Pass Certificate. 2) That in the Aadhaar Card bearing No. xxxx xxxx 0320 the name of the deponent has been written as Biswa Duan instead of Biswanath Duan, 3) That both the names Biswa Duan and Biswanath Duan belongs to one and same person. i.e the deponent. D-2750

By virtue of an affidavit sworn before Executive Magistrate, Bhubaneswar, dated- 26.08.2025, I, Chumuki Gantayat, Resident of Saranauti, P.O.- Ekalpur, P.S.- Badagada, Dist.- Ganjam, Odisha, PIN- 761109 declare that I have changed the name of my daughter from Labuli Gantayat to Lovely Gantayat. Henceforth, she shall be known as Lovely Gantayat for all purposes.
Chumuki Gantayat D-2752

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## LEGAL NOTICE

ଶ୍ରୀଯୁକ୍ତ ଅତିରିକ୍ତ ଆୟୁକ୍ତ ପ୍ରବୀର କୁମାର ନାୟକ, ଓ.ଏ.ଏସ୍. (ଏସ୍.ଏ.ଜି.) ରିଭିଜନାଲ କୋର୍ଟ ନଂ. ୩, ଭୁବନେଶ୍ୱର, ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

ଓ.ଏସ୍.ଏସ୍. କେସ୍ ନଂ- ୬୦୫/୨୦୨୪

ଶେଷଦେବ ରାଉତ ... ବାଦୀ

ବନାମ

ପୂର୍ଣ୍ଣଚନ୍ଦ୍ର ସାହୁ ....... ପ୍ରତିବାଦୀ

ନୋଟିସ ଅର୍ଡର-୫, ରୁଲ-୨୦, ସି.ପି.ସି. ମୁତାବକ

ପ୍ରାପ୍ତେଷୁ,

ପୂର୍ଣ୍ଣଚନ୍ଦ୍ର ସାହୁ, ପିତା- ଲକ୍ଷ୍ମଣ ସାହୁ, ଜାତି- ତେଲି, ଗ୍ରାମ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଭୁବନେଶ୍ୱର- ୭୫୧୦୨୪।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ରିଭିଜନ୍ ପିଟିସନ କେସ୍ ମାନ୍ୟବର ଅଦାଲତଙ୍କ ଇଜିଲାସରେ ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି କରାଯାଇଥିଲେ ମଧ୍ୟ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଓ.ଏସ୍.ଏସ୍. କେସ୍ ଶୁଣାଣି ଉପରୋକ୍ତ କାର୍ଯ୍ୟାଳୟରେ ଆସନ୍ତା ତା.୩୦।୧୨।୨୫ରିଖ ଦିବା ଘ.୩.୩୦ଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ମୌଜା- ପଥରଗାଡ଼ିଆ।

ହାଲ୍: ହାଲ୍ ଖାତା ନଂ.-୯୦୫, ହାଲ୍ ପ୍ଲଟ୍ ନଂ.- ୯୧୧ (ପି), ରକବା- ଏ.୦.୯୦.ଡି., ସ୍ୱତ୍ୱ- ସ୍ଥିତିବାନ୍, କିସମ- ଶାରଦ ଜଳସେଚିତ, ସାବକ ଖାତା ନଂ.- ୧୮୭, ସାବକ ପ୍ଲଟ୍ ନଂ.- ୪୮୨ (ପି), ରକବା- ଏ.୦.୧୦୫, ସ୍ୱତ୍ୱ- ସ୍ଥିତିବାନ୍, କିସମ- ଶାରଦ ଜଳସେଚିତ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନିଜେ, ନିଜର ଉତ୍ତରାଧିକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଭୁବନେଶ୍ୱର
ତା.୨୬।୧୧।୨୦୨୫

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
କୋର୍ଟ ଅଫିସର
ଧ-୨୭୫୫

---

In the Court of Civil Judge Jr. Division, Chandbali
C.S.- 79/2018

Shantilata Sahu & others ..........plaintiff

Vrs.

Sabitri Sahu & others ............Defendants

ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୫ ରୁଲ୍ ୨୦ ମୁତାବକ ବିଜ୍ଞାପନ

To
D.2- Rajkishore Sahu aged about 28 years, S/o.- Binod Sahu, At- Saonpur, P.O.- Panchapada, P.S.- Chandbali, Dist.- Bhadrak.

ଏତଦ୍ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ଅତ୍ର ମୋକଦ୍ଦମାରେ O.S. No.79/18 ନମ୍ବରରେ ନଂ.୨ମ୍ବର ବିବାଦୀ ଅଟନ୍ତି। ଅତ୍ର ମୋକଦ୍ଦମାରେ ବାଦୀ ବଣ୍ଟନ ମୋକଦ୍ଦମା ଆଗତ କରିଅଛନ୍ତି। ବାରମ୍ବାର ନୋଟିସ୍ ସତ୍ତ୍ୱେ ଆପଣ ଜାଣିଶୁଣି ନୋଟିସ୍ ଗ୍ରହଣ କରୁନଥିବାରୁ ଅତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଆପଣ ଅତ୍ର ମୋକଦ୍ଦମାର ଧାର୍ଯ୍ୟ ତା.29.01.26ରିଖ ଦିବା ୧୦.୩୦ ଘଟିକା ସମୟରେ କୋର୍ଟରେ ଉପସ୍ଥିତ ହୋଇ ଆପଣଙ୍କ ପକ୍ଷ ରଖିବେ। ନଚେତ୍ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ତଫସିଲ ବୃତ୍ତି

କଲେକ୍ଟର ଭଦ୍ରକ, ସବରେଜିଷ୍ଟ୍ରାର ଓ ତହସିଲ- ଚାନ୍ଦବାଲି, ମୌଜା- ସଁଅପୁର, Con Khata No.- 216, Plot No.- 774 A0.08dec. which corresponds to MS Khata No.- 668 ଅଦ୍ୟ ତା.01.12.25ରିଖ ଅଦାଲତଙ୍କ ସହି ମୋହର ଓ ସ୍ୱାକ୍ଷର କ୍ରମେ ଦିଆଗଲା।

ସ୍ୱା/- ସିଭିଲ ଜଜ୍ ଜୁନିଅର ଡ଼ିଭିଜନ
ଚାନ୍ଦବାଲି
ଧ-୨୭୫୮

---

Letter no. 2081,Dtd.- 03.12.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ., ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,

ଓ.ଏସ୍.ଏସ୍. କେସ୍ ନମ୍ବର- ୭୩୭/୨୦୧୫

(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଦେବ କୁମାର କୁଣ୍ଡୁ ........ବାଦୀ

ବନାମ

ଓଡ଼ିଶା ରାଜ୍ୟ ସରକାର ଓ ଅନ୍ୟମାନେ ...ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ନଂ.୬. ସୁକାନ୍ତି ପଣ୍ଡା, ସ୍ୱାମୀ- ରାମକୃଷ୍ଣ ପଣ୍ଡା, ଗ୍ରାମ/ପୋଷ୍ଟ/ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ବର୍ତ୍ତମାନ ପ୍ଲଟ୍ ନମ୍ବର-୪୩୬ (ବାଉହାରା), ଚକେଇସିଆଣି, ପୋଷ୍ଟ- ରସୁଲଗଡ଼, ଭୁବନେଶ୍ୱର, ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୧୨।୦୧।୨୬ ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ନୂତନ ରାଜଧାନୀ ନମ୍ବର- ୨୫, ମୌଜା- ଗାଡକଣ।

ସାବକ ଖାତା ନମ୍ବର- ୮୧୦, ପ୍ଲଟ୍ ନମ୍ବର- ୧୪୫୭, ରକବା ଏ୦.୩୨୦ଡେସିମିଲରୁ ଏ୦.୦୬୦ଡେସିମିଲ, ହାଲ୍ ଖାତା ନମ୍ବର- ୩୧୩୨, ପ୍ଲଟ୍ ନମ୍ବର-୪୨୮୨, ରକବା-ଏ୦.୩୨୦ଡେସିମିଲ ରୁ ଏ୦.୦୬୦ଡେସିମିଲ, କିସମ- ଶାରଦ ଅଣଜଳସେଚିତ ଦୁଇ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୭୫୭

---

Letter No.- 2075, Dtd.- 02.12.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଶ୍ରୀ ପ୍ରଦୀପ କୁମାର ନାୟକ, (ଭା.ପ୍ର.ସେ.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଓ.ଏସ୍.ଏସ୍. କେସ୍ ନମ୍ବର- ୧୨୩୯/୨୦୨୩

(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ନରେଶ କୁମାର ଲେଙ୍କା .....................ବାଦୀ

ବନାମ

ଧୋବେଇ ସାହୁ ଓ ଅନ୍ୟମାନେ ................ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ନଂ.୨. ଶୋଭା ସାହୁ, ପିତା- ଲକ୍ଷ୍ମଣ ସାହୁ, ୩. ଆରତ ସାହୁ, ପିତା- ମାଧବ ସାହୁ , ୬. ରଙ୍ଗ ସାହୁ, ୭. ବେଙ୍ଗ ସାହୁ, ୮. ଲତା ସାହୁ, ପ୍ରତିବାଦୀ ନଂ. ୬,୭,୮ ପିତା- କୁଳମଣି ସାହୁ, ୯. କୁମା ସାହୁ, ସ୍ୱାମୀ- କୁଳମଣି ସାହୁ, ୧୦(କ). ଗୋବିନ୍ଦ ସାହୁ,୧୦ (ଖ).କାଳନ୍ଦୀ ସାହୁ, ୧୦(ଗ). ପଞ୍ଚାନନ ସାହୁ, ୧୦(ଚ). କାଞ୍ଚନ ସାହୁ, ୧୦(ଛ). ଜୟନ୍ତ ସାହୁ, ୧୦(ଜ). କଳ୍ପନା ସାହୁ, ୧୦(ଝ). ସ୍ୱପ୍ନା ସାହୁ, ୧୦(ଞ). ରଶ୍ମିରେଖା ସାହୁ, ୧୦(ଟ). ଅର୍ଚ୍ଚନା@ଅଚନା ସାହୁ, ସମସ୍ତେ ସ୍ୱର୍ଗତ ଗୁଣ୍ଡୁଚି ସାହୁର ପୁଅ, ଝିଅ, ବୋହୂ, ନାତି ଏବଂ ନାତୁଣୀ, ୧୧. ଧୂଳି ସାହୁ, ପିତା- ଯୋଗୀ ସାହୁ, ୧୨. ଶଶି ସାହୁ, ପିତା- ଯୋଗୀ ସାହୁ, ୧୪. ତାଇ ସାହୁ, ସ୍ୱାମୀ- ଦିଜାବର ସାହୁ, ପ୍ରତିବାଦୀମାନଙ୍କ ଠିକଣା ଗ୍ରାମ- ଗାଡକଣ, ପୋଷ୍ଟ- ମଞ୍ଚେଶ୍ୱର ରେଳବାଇ କଲୋନି, ଥାନା- ମଞ୍ଚେଶ୍ୱର, ଜିଲ୍ଲା ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ ରେ ଦାଖଲ କରିଛନ୍ତି । ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି । ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୦୫.୦୧.୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା-ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା-ମଞ୍ଚେଶ୍ୱର, ମୌଜା- ଗାଡକଣ। ସାବକ: ଖାତା ନମ୍ବର- ୪୯୮, ପ୍ଲଟ ନମ୍ବର- ୧୦୧, ରକବା- ଏ୦.୩୭୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍- ଖାତା ନମ୍ବର- ୮୯୭, ପ୍ଲଟ୍ ନମ୍ବର- ୩୦୮୪, ରକବା- ଏ୦.୦୩୯ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ପ୍ଲଟ୍ ନମ୍ବର- ୩୦୮୫, ରକବା- ଏ୦.୦୩୪ ଡେସିମିଲ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୭୫୪

---

ମାନ୍ୟବର ଅତିରିକ୍ତ କମିଶନର ନଂ. ୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର

ଓ.ଏସ୍.ଏସ୍. କେସ୍ ନଂ.- ୯୦୪/୨୦୨୩

ଝରଣା ନାୟକ ..ବାଦୀ

ବନାମ

ପଠାଣି ପରିଡ଼ା ଏବଂ ଅନ୍ୟମାନେ ..ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର- ୫ ରୁଲ୍-୨୦ ମୁତାବକ

୧. ପଠାଣୀ ପରିଡ଼ା, ୨. ବେଣୁ ପରିଡ଼ା, ୩. ବିପିନି ପରିଡ଼ା, ୪. ବନ ବିହାରୀ ପରିଡ଼ା, ସମସ୍ତଙ୍କର ପିତା ସ୍ୱର୍ଗତ କୃପାସିନ୍ଧୁ ପରିଡ଼ା, ୫. ରାଜନୀ ଦେଈ, ପିତା ସ୍ୱର୍ଗତ ଅଧିକାରୀ ସ୍ୱାଇଁ, ୬. ଫୁଲ ବେୱା, ସ୍ୱାମୀ ସ୍ୱର୍ଗତ ଦୈତାରି ସ୍ୱାଇଁ, ୮. ମହେନ୍ଦ୍ର ସ୍ୱାଇଁ ପିତା ସ୍ୱର୍ଗତ ଦୈତାରି ସ୍ୱାଇଁ ସମସ୍ତଙ୍କର ସା-ଜଗନ୍ନାଥ ପ୍ରସାଦ, ପୋ/ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଉପରୋକ୍ତ ରିଭିଜନ୍ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି । ଯେହେତୁ ପ୍ରତିବାଦୀ ନଂ. ୧, ୨, ୩, ୫, ୬ ଏବଂ ୮ ନୋଟିସ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ. ୪ ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ସେମାନଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ, ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟ ଠାରେ ଆସନ୍ତା ତା. ୧୧.୧୨.୨୫ ଦିବା ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି । ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲିଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଅନ୍ଧାରୁଆ, ତହସିଲ- ଭୁବନେଶ୍ୱର, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା

ସାବକ ଖାତା ନଂ.- ୨୬୯, ସାବକ ପ୍ଲଟ ନଂ.- ୨୧, ସବ-ପ୍ଲଟ ନଂ.୨୩, ଏରିଆ- ଏ.୦.୦୫୫ଡି., ହାଲ୍ ଖାତା ନଂ.- ୮୬୬, ହାଲ୍ ପ୍ଲଟ୍ ନଂ.- ୧୩୯, ଏରିଆ- ଏ୦.୦୪୯ଡି., ହାଲ୍ ପ୍ଲଟ୍ ନଂ.-୧୪୦, ଏରିଆ- ଏ୦.୦୦୬ଡି।

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.୩ଙ୍କ ଆଦେଶକ୍ରମେ
ସ୍ୱା/- କୋର୍ଟ ଅଧିକାରୀ
ଧ-୨୭୫୬

---

ମାନ୍ୟବର ଅତିରିକ୍ତ କମିଶନର ନଂ. ୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ ଡିପାର୍ଟମେନ୍ଟ ବିଲ୍ଡିଂଙ୍ଗ ଭୁବନେଶ୍ୱର

ଓ. ଏସ. ଏସ. କେସ୍ ନଂ- ୯୦୩ /୨୦୨୩

କୁଞ୍ଜ ବିହାରୀ ଦାସ ........ବାଦୀ.

ବନାମ

ହର୍ଷ@ହର୍ଷମଣି ଦେଈ ଏବଂ ଅନ୍ୟମାନେ ..... ....ପ୍ରତିବାଦୀ.

ନୋଟିସ ସି.ପି.ସି. ଅର୍ଡର-୫ ରୁଲ- ୨୦ ମୁତାବକ

୧. ହର୍ଷ@ହର୍ଷମଣି ଦେଈ, ସ୍ୱାମୀ ସ୍ୱର୍ଗତ ଜଗନ୍ନାଥ ସାମନ୍ତରାୟ, ପିତା ସ୍ୱର୍ଗତ ପୁରୁଷୋତ୍ତମ ବେହେରା, ଠିକଣା: ସା/ପୋ/ଥାନା- ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୨. ଦାଶରଥି ବେହେରା, ପିତା ସ୍ୱର୍ଗତ ହରି ବେହେରା, ୪. ନୀଳମଣି ବେହେରା, ୫. ନୃସିଂହ ଚରଣ ବେହେରା, ୪ ଓ ୫ ପିତା ସ୍ୱର୍ଗତ ବସନ୍ତ ବେହେରା, ୬. ବିଦ୍ୟୁଲତା ବେହେରା, ପିତା ସ୍ୱର୍ଗତ ବସନ୍ତ ବେହେରା, ୭. ସୁଲୋଚନା ବେହେରା, ସାମୀ ସ୍ୱର୍ଗତ ଧର୍ଜ୍ୟଧର@ଜଖା ବେହେରା, ୮. ବିଷ୍ଣୁ ବେହେରା, ୯. ରବିନ୍ଦ୍ର ବେହେରା, ୧୦. ମନୋଜ କୁମାର ବେହେରା, ୮ ରୁ ୧୦ ପିତା ସ୍ୱର୍ଗତ ଧର୍ଜ୍ୟଧର@ଜଖା ବେହେରା, ୧୮. ଗୋବିନ୍ଦ ବେହେରା, ୧୯. ଗୁଣନିଧି ବେହେରା, ୨୦. ଉଲ୍ଲାସ ବେହେରା, ୧୮ ରୁ ୨୦ ପିତା ସ୍ୱର୍ଗତ ଲିଙ୍ଗରାଜ ବେହେରା, ୨୧. ଖୁଲଣା ବେହେରା, ୨୨. ଝୁଲଣା ବେହେରା, ୨୧ ଓ ୨୨ ପିତା ସ୍ୱର୍ଗତ ଲିଙ୍ଗରାଜ ବେହେରା, ୨୩. ଫୁଲ ବେହେରା, ସ୍ୱାମୀ ସ୍ୱର୍ଗତ ଲିଙ୍ଗରାଜ ବେହେରା, ୨୬, ପ୍ରିତିମୟୀ ବାଳା, ସ୍ୱାମୀ ସ୍ୱର୍ଗତ ନିକୁଞ୍ଜ ବାଳା, ଗାଁ - ନାହାଙ୍ଗା, ପୋ- ରାମଚନ୍ଦ୍ରପୁର, ଜିଲ୍ଲା- କେନ୍ଦୁଝର, ୨୭. ସୁରେଶ ଚନ୍ଦ୍ର ବିଶ୍ୱାଳ, ବାପା- କୁମରବର ବିଶ୍ୱାଳ, ସା/ପୋ- ପଟକୁରା, ଜିଲ୍ଲା- କଟକ, ୨୯. ରୁଦ୍ରପ୍ରସାଦ ପଟ୍ଟନାୟକ, ବାପା- ଶ୍ରୀକାନ୍ତ ପଟ୍ଟନାୟକ, ଠିକଣା: ଫ୍ରେଞ୍ଚ କଲୋନୀ, ମଙ୍ଗଳାବାଗ, କଟକ, ୩୦. ପ୍ରିୟାଂଶୁ ଜେନା, ବାପା- ଭାସ୍କର ଜେନା, ସା/ପୋ- ମାହାଙ୍ଗା, ଥାନା- ରାମଚନ୍ଦ୍ରପୁର, ଜିଲ୍ଲା- କେନ୍ଦୁଝର, ୩୧. ପାର୍ଥ ସାରଥି ଜେନା, ବାପା- ପଞ୍ଚାନନ ଜେନା, ସା/ପୋ- ଗଜେନ୍ଦ୍ରପୁର, ଜିଲ୍ଲା- ଯାଜପୁର।

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫(ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି । ଯେହେତୁ ପ୍ରତିବାଦୀ ନଂ.୨ ପ୍ରତିବାଦୀ ନଂ.୧,୨,୪,୫,୬,୭,୮,୯,୧୦,୧୮,୧୯,୨୦,୨୧,୨୨,୨୩,୨୬,୨୭,୨୮,୨୯,୩୦ ଏବଂ ୩୧ ଙ୍କୁ ନୋଟିସ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ସେମାନଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ନଂ.୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ ଡିପାର୍ଟମେଣ୍ଟ, ବିଲ୍ଡିଂ ଭୁବନେଶ୍ୱର କର୍ଯାଳୟ ଠାରେ ଆସନ୍ତା ତା.୧୧.୧୨.୨୫ରିଖ ଦିବା ୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି । ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲିଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ତଫସିଲି ସମ୍ପତ୍ତିର ବିବରଣୀ

ମୌଜା-ଭାଲୁଙ୍କା, ତହସିଲ-ଭୁବନେଶ୍ୱର, ଥାନା-ଚନ୍ଦକା, ଜିଲା-ଖୋର୍ଦ୍ଧା

ସାବକ ଖାତା ନଂ.- ୩୪, ସାବକ ପ୍ଲଟ୍ ନଂ.- ୧୬୨, ସବ-ପ୍ଲଟ୍ ନଂ.୬୧୭, ଏରିଆ- ଏ.୦.୦୪୫ଡି., ହାଲ ଖାତା ନଂ- ୨୮୪, ହାଲ ପ୍ଲଟ୍ ନଂ- ୧୪୯, ଏରିଆ- ଏ.୦.୦୪୫ଡି.।

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ.୩ଙ୍କ ଆଦେଶ କ୍ରମେ
ସ୍ୱା/- ଲକ୍ଷ୍ମୀଧର ନାୟକ
(କୋର୍ଟ ଅଧିକାରୀ)
ଧ-୨୭୫୩

---

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରେଳ ପ୍ରକଳ୍ପ ପାଇଁ ବର୍ଷକରେ ଓଡ଼ିଶାକୁ ୧୦,୫୯୯ କୋଟି

**ଭୁବନେଶ୍ୱର,୩।୧୨(ଅନୁରାଧା ମହାରଣା)**

ଭାରତୀୟ ରେଳ ପକ୍ଷରୁ ଓଡ଼ିଶାରେ ରେଳସେବାର ଉନ୍ନତୀକରଣ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଲାଗି ୨୦୨୫-୨୬ ଆର୍ଥିକ ବର୍ଷରେ ୧୦,୫୯୯ କୋଟି ଟଙ୍କା ଅନୁମୋଦନ ହୋଇଛି। ଏହା ୨୦୦୯ରୁ ୨୦୧୪ ମଧ୍ୟରେ ମିଳିଥିବା ମୋଟ ଆର୍ଥିକ ଅନୁଦାନ ୮୩୮ କୋଟିର ପ୍ରାୟ ୧୩ଗୁଣ ବୋଲି ଭାରତୀୟ ରେଳ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ୨୦୦୯ରୁ୨୦୧୪ ମଧ୍ୟରେ ୫୩.୪ କିଲୋମିଟର ରେଳଲାଇନ ବିଛାଯାଇଥିବାବେଳେ ୨୦୧୪-୨୫ ମଧ୍ୟରେ ୩.୫ ଗୁଣ ଅଧିକ ଅର୍ଥାତ୍ ୨,୧୫୦ କିଲୋମିଟର ରେଳଲାଇନ ବିଛାଯାଇଛି। ନୂଆ ଲାଇନ୍ ନିର୍ମାଣର ୧୯ଟି ପ୍ରକଳ୍ପ ପାଇଁ ୬,୨୭୦ କୋଟି ଟଙ୍କା, ଦୋହରୀକରଣ ଏବଂ ମଲ୍ଟିଟ୍ରାକିଂର ୩୦ଟି ପ୍ରକଳ୍ପ ପାଇଁ ୨୧,୭୭୩ କୋଟି ଟଙ୍କା ଅନୁମୋଦନ ହୋଇଛି। ଅର୍ଥାତ୍ ମୋଟ ୪୯ଟି ପ୍ରକଳ୍ପ ପାଇଁ ୨୮,୦୪୩ ଟଙ୍କା ମିଳିଛି।

୧,୩୧୭ କୋଟି ବ୍ୟୟରେ ଦୈତାରି-ବାଂଶପାଣି ନ୍ୟୁ ଲାଇନ ଓ ଯଖପୁରା ହରିଦାସପୁର ତୃତୀୟ ଲାଇନ ଓ ୧,୫୯୮ କୋଟି ବ୍ୟୟରେ ଝାରସୁଗୁଡ଼ା- ସରଡେଗା ନ୍ୟୁ ଲାଇନ କାର୍ଯ୍ୟ ସମାପ୍ତ ହୋଇଛି । କାର୍ଯ୍ୟ ସରିଥିବା ଅନ୍ୟ ପ୍ରକଳ୍ପଗୁଡ଼ିକ ମଧ୍ୟରେ ୨,୩୯୭ କୋଟିର ହରିଦାସପୁର-ପାରାଦୀପ ନ୍ୟୁ ଲାଇନ୍, ୨୮୩୪ କୋଟିର ଅନୁଗୋଳ -ସୁକିନ୍ଦା ନ୍ୟୁ ଲାଇନ୍, ୧୨୨୭ କୋଟିର ଚମ୍ପା-ଝାରସୁଗୁଡ଼ା ତୃତୀୟ ଲାଇନ୍, ୨୬୨୨ କୋଟିର ସମ୍ବଲପୁର-ଟିଟିଲାଗଡ଼ ଦୋହରୀକରଣ, ୧୩୧୩ କୋଟିର ରାଉରକେଲା ତୃତୀୟ ଲାଇନ୍, ୧୮୨୭ କୋଟିର ବାଂଶପାଣି- ଦୈତାରି, ଟମକା-ଜଖପୁରା ଦୋହରୀକରଣ କାର୍ଯ୍ୟ, ୧୫୩୯ କୋଟିର ସମ୍ବଲପୁର - ତାଳଚେର ଦୋହରୀକରଣ କାର୍ଯ୍ୟ , ୧୧୭୧ କୋଟିର ରାୟପୁର-ଟିଟିଲାଗଡ଼ ଦୋହାରୀକରଣ କାର୍ଯ୍ୟ ଏବଂ ୩୨୦୦ କୋଟିର ଝାରସୁଗୁଡ଼ା - ସରଡେଗା ଦୋହରୀକରଣ କାର୍ଯ୍ୟ ସମାପ୍ତ ହୋଇଛି।

ଅନ୍ୟପକ୍ଷେ ୪୯,୬୭୯ କୋଟିର ୨୧ଟି ରେଳ ପ୍ରକଳ୍ପ କାର୍ଯ୍ୟ ଓଡ଼ିଶାରେ ଜାରି ରହିଛି। ୨୦୨୨-୨୩, ୨୦୨୩-୨୪,୨୦୨୪-୨୫ଓ ୨୦୨୫-୨୬ ଆର୍ଥିକ ବର୍ଷରେ ୩୦ ନୂଆ ଲାଇନ୍ ଓ ୪୬ଟି ଦୋହରୀକରଣ ପାଇଁ ୭୬ଟି କାର୍ଯ୍ୟ କରାଯାଇଛି। ୪,୮୪୩ କିଲୋମିଟର ଦୀର୍ଘ ରେଳ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି।

# ହାଇଟେକ୍ ଡେଣ୍ଟାଲ କଲେଜରେ ନବାଗତଙ୍କୁ ସ୍ୱାଗତ




**ଭୁବନେଶ୍ୱର,୩।୧୨(ଅନୁରାଧା ମହାରଣା)**

ହାଇଟେକ୍ ଡେଣ୍ଟାଲ କଲେଜ ଓ ହସ୍ପିଟାଲ ଭୁବନେଶ୍ୱରର ନବାଗତ ବିଦ୍ୟାର୍ଥୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଏସ୍‌ସିବି ଡେଣ୍ଟାଲ କଲେଜ ଓ ହସ୍ପିଟାଲର ଅଧ୍ୟକ୍ଷ ପ୍ରଫେସର ଡ. ପ୍ରଭାସ କୁମାର ମହାନ୍ତି ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ହାଇଟେକ୍‌ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ପାଠ ପଢିବା ସହ ସମାଜର ମଙ୍ଗଳ ନିମନ୍ତେ କାମ କରିବାକୁ ଆହ୍ୱାନ ଦେଇଥିଲେ। ହାଇଟେକ୍ ଗ୍ରୁପ୍‌ର ସିଇଓ ତଥା ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଦନ୍ତ ଚିକିତ୍ସକମାନେ ଆଗାମୀ ଦିନରେ ସମାଜର ଏକ ସ୍ୱତନ୍ତ୍ର ଭୂମିକା ନିର୍ବାହ କରନ୍ତୁ ବୋଲି କହିଥିବାବେଳେ ହାଇଟେକ୍ ଡେଣ୍ଟାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଡ. ସଂଗ୍ରାମ ପାତ୍ର, ଭାଇସ୍ ପ୍ରିନ୍ସିପାଲ ଡ. ସୁବାସ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଡ. ଶୁଭ ସୌମ୍ୟ ଡ୍ୟାନି ପରିଚାଳନା କରିଥିଲେ।

# ଏଣିକି ଓଟିପି ଆଧାରିତ ତତ୍କାଳ ଟିକେଟ

**ଭୁବନେଶ୍ୱର,୩।୧୨ (ଅନୁରାଧା ମହାରଣା)**

ଭାରତୀୟ ରେଳପଥ ତତ୍କାଳ ଟିକେଟ ବ୍ୟବସ୍ଥାକୁ ଆହୁରି ସୁରକ୍ଷିତ ଓ ସୁବିଧାଜନକ କରିବା ପାଇଁ ଓଟିପି (ଏକକ ପାସ୍‌ୱାର୍ଡ) ଆଧାରିତ କାଉଣ୍ଟର ଟିକେଟ ପ୍ରଣାଳୀ କାର୍ଯ୍ୟକାରୀ କରିବାକୁ ଯୋଜନା କରିଛି। ଏହି ପଦକ୍ଷେପ ଦ୍ୱାରା ତତ୍କାଳର ଦୁରୁପଯୋଗ ରୋକିବା ସହ ସାଧାରଣ ଯାତ୍ରୀମାନଙ୍କୁ ଅଧିକ ଚାହିଦା ଥିବା ଟିକେଟ ସହଜରେ ମିଳିପାରିବ। ରେଳପଥ ଏହି ପ୍ରଣାଳୀକୁ ସାଧାରଣ ଯାତ୍ରୀମାନଙ୍କ ପାଇଁ ଆହୁରି ସୁବିଧାଜନକ କରିବାକୁ ପ୍ରସ୍ତାବ ଦେଇଥିଲା। ପୂର୍ବରୁ ଜୁଲାଇ ୨୦୨୫ରେ ଅନ୍‌ଲାଇନ ତତ୍କାଳ ଟିକେଟ ପାଇଁ ଆଧାରକାର୍ଡ ଆଧାରିତ ପ୍ରମାଣୀକରଣ ପ୍ରଚଳନ କରାଯାଇଥିଲା। ପରେ ଅକ୍ଟୋବରରେ ସମସ୍ତ ସାଧାରଣ ରିଜର୍ଭେଶନର ପ୍ରଥମ ଦିନରେ ଅନ୍‌ଲାଇନ ରିଜର୍ଭେସନ ପାଇଁ ଓଟିପି ଆଧାରିତ ପ୍ରଣାଳୀ କାର୍ଯ୍ୟକାରୀ ହୋଇଥିଲା। ଏହି ଦୁଇଟି ଉଦ୍ୟମ ସାଧାରଣ ଯାତ୍ରୀମାନଙ୍କ ଦ୍ୱାରା ସଫଳତାର ସହ ଗ୍ରହଣ କରାଯାଇଛି, ଯାହା ରିଜର୍ଭେସନ ପ୍ରକ୍ରିୟାରେ ଅଧିକ ପାରଦର୍ଶିତା ଓ ସୁବିଧା ଆଣିଛି। ନଭେମ୍ବର ୧୭ରେ ରିଜର୍ଭେସନ କାଉଣ୍ଟରରେ ଟିକେଟ ପାଇଁ ଓଟିପି ଆଧାରିତ ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରିଥିଲା। ବର୍ତ୍ତମାନ ଏହି ପ୍ରଣାଳୀ ମୋଟ ୫୨ଟି ଟ୍ରେନ୍‌ରେ ବିସ୍ତାରିତ ହୋଇଛି। ଏହି ବ୍ୟବସ୍ଥା ଅନୁଯାୟୀ, ରିଜର୍ଭେସନ କାଉଣ୍ଟରରେ ତତ୍କାଳ ଟିକେଟ ବୁକ୍ କରିବା ସମୟରେ ଯାତ୍ରୀ ରିଜର୍ଭେସନ ଫର୍ମରେ ଦିଆଯାଇଥିବା ମୋବାଇଲ ନମ୍ବରରେ ଏକ ଓଟିପି ପାଇଥା'ନ୍ତି। ଓଟିପି ଯାଞ୍ଚ ସଫଳ ହେବା ପରେ ହିଁ ଟିକେଟ ନିଶ୍ଚିତ ହୁଏ। ଆଗାମୀ କିଛିଦିନରେ ଏହି ଓଟିପି ଆଧାରିତ ତତ୍କାଳ ରିଜର୍ଭେସନ ପ୍ରଣାଳୀ ସମସ୍ତ ଅବଶିଷ୍ଟ ଟ୍ରେନ୍‌ରେ କାର୍ଯ୍ୟକାରୀ ହେବ।

# ମାଲବାରର 'ଭାରତ କି ବଧୂ' ସଂସ୍କରଣ




ଅନୁଗୋଳ ମାଲବାର ସୁନା ଓ ହୀରା ଗହଣାର ପଞ୍ଚଦଶ ସଂସ୍କରଣରେ ଭାରତ କି ବଧୂର ଶୁଭ ଉନ୍ମୋଚନ କରାଯାଉଛି।

**ଅନୁଗୋଳ,୩।୧୨(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ମାଲବାର ସୁନା ଓ ହୀରା ଗହଣାର ପଞ୍ଚଦଶ ସଂସ୍କରଣରେ ଭାରତ କି ବଧୂର ଶୁଭ ଉନ୍ମୋଚନ ସମାରୋହ ବୁଧବାର ଆୟୋଜିତ ହୋଇଯାଇଛି। ଏହି ସମାରୋହକୁ ୫ନଂ. ୱାର୍ଡର କାଉନସିଲର ରଣଜିତ ମାଣ୍ଡୋଠିଆ ଉନ୍ମୋଚନକରିବା ସହ ମାଲବାର ସୁନା, ହୀରା ଗହଣା ଯେଭଳି ଭରସାଯୋଗ୍ୟ ସେପରି ଆକର୍ଷଣୀୟ ବୋଲି କହିଥିଲେ। ଏହି ପଞ୍ଚଦଶ ସଂସ୍କରଣରେ ମାଲବାର ତା'ର ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ଦେଉଛି। ଡିସେମ୍ବର ୩ ରୁ ୯ ତାରିଖ ପର୍ଯ୍ୟନ୍ତ ମାଲବାରରେ ସୁନାଗହଣା କିଣିଲେ ୩୦ ପ୍ରତିଶତ ପର୍ଯ୍ୟନ୍ତ ଗଢ଼ା ମଜୁରି ଉପରେ ଛାଡ଼, ଅନ୍ କଟ୍ ଜେମ୍ ଷ୍ଟୋନ ଏବଂ ହୀରା ଅଳଙ୍କାର ଉପରେ ମଧ୍ୟ ୩୦ ପ୍ରତିଶତ ଯାଏ ଗଢ଼ା ମଜୁରି ରିହାତି ବ୍ୟବସ୍ଥା ରହିଛି। ମାଲବାର କମ୍ପାନୀ ଚେୟାରମ୍ୟାନ ଏମ୍. ପି. ଅହମଦ ମାଲବାର ସୁନା, ରୁପା, ହୀରା ଅଳଙ୍କାର ଉପରେ ଗ୍ରାହକମାନେ ଶତ ପ୍ରତିଶତ ଭରସା କରନ୍ତି ବୋଲି ପ୍ରକାଶ କରିଛନ୍ତି। ଏହାର ଅଳଙ୍କାରଗୁଡ଼ିକରେ ଭାରତୀୟ ସୂକ୍ଷ୍ମକଳା ଚାତୁର୍ଯ୍ୟ ଓ ଗୌରବମୟ ପରମ୍ପରା ପ୍ରତିଫଳିତ ହୋଇଛି। ଏହି ଅବସରରେ ଏକାଧିକ ମଡେଲ ଆକର୍ଷଣୀୟ ଗହଣା ପିନ୍ଧି ଗ୍ରାହକମାନଙ୍କୁ ପ୍ରଦର୍ଶିତ କରିଥିଲେ। ଶୋ' ରୁମ୍‌ର ପଦସ୍ଥ ମ୍ୟାନେଜର ଓ ଅଧିକାରୀ ସମାରୋହ ପରିଚଳନା କରିଥିଲେ।

# ରାମକୃଷ୍ଣନ୍ ଚନ୍ଦର ଏଲ୍‌ଆଇସିର ପ୍ରବନ୍ଧ ନିର୍ଦ୍ଦେଶକ

**ଭୁବନେଶ୍ୱର,୩।୧୨**



ରାମକୃଷ୍ଣନ ଚନ୍ଦର

ରାମକୃଷ୍ଣନ୍ ଚନ୍ଦରଙ୍କୁ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ପ୍ରବନ୍ଧ ନିର୍ଦ୍ଦେଶକ ପଦବୀରେ ଉନ୍ନୀତ କରାଯାଇଛି। ରାମକୃଷ୍ଣନ୍ ୧୯୯୦ରେ ଏଲ୍‌ଆଇସିରେ ସହାୟକ ପ୍ରଶାସନିକ ଅଧିକାରୀ ଭାବେ ଯୋଗଦେଇଥିଲେ ଏବଂ ବରିଷ୍ଠ ବିଭାଗୀୟ ପରିଚାଳକ, ବିପଣନ ଏବଂ ପେନ୍‌ସନ ଓ ଗ୍ରୁପ୍ ଯୋଜନାର ଆଞ୍ଚଳିକ ପରିଚାଳକ ଏବଂ ଏଲ୍‌ଆଇସିର ଅନ୍ତର୍ଜାତୀୟ କାର୍ଯ୍ୟକ୍ରମର ରଣନୈତିକ ବ୍ୟବସାୟ ଏକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ଏଲ୍‌ଆଇସିର ବିଭିନ୍ନ କ୍ଷେତ୍ରରେ ତାଙ୍କର ୩୫ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ପ୍ରବନ୍ଧ ନିର୍ଦ୍ଦେଶକ ଭାବେ ଉନ୍ନୀତ ହେବା ପୂର୍ବରୁ ସେ ଏଲ୍‌ଆଇସିର ମୁଖ୍ୟ ନିବେଶ ଅଧିକାରୀ (ସିଆଇଓ) ଏବଂ ନିବେଶ (ଫ୍ରଣ୍ଟ ଅଫିସ) ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ସେ ବିଜ୍ଞାନରେ ସ୍ନାତକ ଏବଂ ଆର୍ଥିକ ପରିଚାଳନାରେ ସ୍ନାତକୋତ୍ତର ଡିପ୍ଲୋମା କରିଥିବାବେଳେ ଭାରତୀୟ ବୀମା ସଂସ୍ଥାନର ଫେଲୋ ମଧ୍ୟ ଅଟନ୍ତି। ସିଆଇଓ ଭାବେ ସେ ଭାରତର ସବୁଠାରୁ ବଡ଼ ନିବେଶ ପୋର୍ଟଫୋଲିଓର ନେତୃତ୍ୱ ନେଇଥିଲେ ଏବଂ ଏଲ୍‌ଆଇସିର ଆର୍ଥିକ ପ୍ରଦର୍ଶନ ଏବଂ ବୀମା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।




# ଆର୍‌ବିଆଇର ଏମ୍‌ପିସି ବୈଠକ ଆରମ୍ଭ

**ଭୁବନେଶ୍ୱର,୩।୧୨(ଅନୁରାଧା ମହାରଣା)**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରାନୀତି କମିଟି (ଏମ୍‌ପିସି)ର ୩ଦିନିଆ ବୈଠକ ବୁଧବାର ଆରମ୍ଭ ହୋଇଛି। ବୈଠକରେ ୨୫ ବେସିସ୍ ପଏଣ୍ଟ ସୁଧ ହାର ହ୍ରାସ ଘୋଷଣା ନେଇ ସାଧାରଣ ଲୋକ ଆଶା ବାନ୍ଧିଥିବାବେଳେ କେନ୍ଦ୍ରୀୟ ବ୍ୟାଙ୍କ ସୁଧହାର ଅପରିବର୍ତ୍ତିତ ରଖିବ ବୋଲି ଅନେକ ବିଶେଷଜ୍ଞ ଆକଳନ କରିଛନ୍ତି। ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱରେ ଥିବା ୬ ସଦସ୍ୟ ବିଶିଷ୍ଟ ସୁଧ ହାର ନିର୍ଦ୍ଧାରଣ ପ୍ୟାନେଲର ନିଷ୍ପତ୍ତି ଶୁକ୍ରବାର ଘୋଷଣା କରାଯିବ। ଏହି ବୈଠକ ମୁଦ୍ରାସ୍ଫୀତି, ଜିଡିପି, ଡଲାର୍ ଡଲାର ତୁଳନରାର ଟଙ୍କା ଦୁର୍ବଳ ହେବା, ଭୂ-ରାଜନୈତିକ ଉତ୍ତେଜନା ଆଦି ବିଷୟବସ୍ତୁ ଉପରେ ଆଲୋଚନା କରାଯାଉଛି। ଆର୍‌ବିଆଇ ଫେବୃଆରୀରୁ ୩ ପର୍ଯ୍ୟାୟରେ ରେପୋ ରେଟ୍‌କୁ ୧୦୦ ବେସିସ୍ ପଏଣ୍ଟ ହ୍ରାସ କରିଛ। ଡିସେମ୍ବରରେ ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ହ୍ରାସ ହେବ ବୋଲି ଅନେକେ ଆଶା କରିଛନ୍ତି। ଆର୍‌ବିଆଇ ଗଭର୍ନର ଗତ ମାସରେ ମଧ୍ୟ କହିଥିଲେ , ନୀତିଗତ ସୁଧ ହାରକୁ ଆହୁରି ହ୍ରାସ କରିବାର ସୁଯୋଗ ରହିଛି। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ମୁଖ୍ୟ ଖୁଚୁରା ମୁଦ୍ରାସ୍ଫୀତି ଗତ ୨ ମାସ ଧରି ସରକାରଙ୍କ ନିର୍ଦ୍ଧାରିତ ୨ ପ୍ରତିଶତ ନିମ୍ନ ବ୍ୟାଣ୍ଡରୁ ତଳେ ରହିଛି। ଏହା ସହ ଭାରତୀୟ ଅର୍ଥନୀତି ଦ୍ୱିତୀୟ ତ୍ରୈମାସିକରେ ଆଶାତୀତରୁ ଅଧିକ ୮.୨ ପ୍ରତିଶତ ଜିଡିପି ବୃଦ୍ଧି ହାସଲ କରିଛି।

# ନଭେମ୍ବରରେ ଏଚ୍‌ଏମ୍‌ଏସ୍‌ଆଇର ୫.୯୧ ଲକ୍ଷ ବିକ୍ରି

**ଭୁବନେଶ୍ୱର,୩।୧୨(ଅନୁରାଧା ମହାରଣା)**

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ୨୦୨୫ ନଭେମ୍ବରରେ ମୋଟ ୫,୯୧,୧୩୬ ୟୁନିଟ୍ ବିକ୍ରୟ ରେକର୍ଡ ହାସଲ କରିଛି। ଏଥିମଧ୍ୟରେ ଘରୋଇ ବଜାରରେ ୫,୩୩,୬୪୫ ୟୁନିଟ୍ ବିକ୍ରି ଏବଂ ୫୭,୪୯୧ ୟୁନିଟ୍ ରପ୍ତାନି ରହିଛି। ଏଚ୍‌ଏମ୍‌ଏସ୍‌ଆଇ ୨୦୨୪ ନଭେମ୍ବର ତୁଳନାରେ ଇୟର-ଅନ୍ -ଇୟର ହିସାବରେ ୨୫ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ଆର୍ଥିକ ବର୍ଷ ୨୬ (ଏପ୍ରିଲ-ନଭେମ୍ବର ୨୦୨୫)ର ଇୟର-ଟୁ-ଡେଟ୍(ୱାଇଟିଡି) ନିମନ୍ତେ ଏଚ୍‌ଏମ୍‌ଏସ୍‌ଆଇ ମୋଟ ୪୨,୩୨,୭୪୮ ୟୁନିଟ୍ ବିକ୍ରି କରିଛି। ସେଥିମଧ୍ୟରେ ୩୮,୧୨,୦୯୬ ୟୁନିଟ୍ ଘରୋଇ ବଜାରରେ ବିକ୍ରି ଏବଂ ୪,୨୦,୬୫୨ ୟୁନିଟ୍ ରପ୍ତାନି ରହିଛି।















ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୪/୨୦୨୫ Bhubaneswar, Thursday, December 4/ 2025

# ସିରିଜ୍ ବରାବର କଲା ଦକ୍ଷିଣ ଆଫ୍ରିକା

ରାୟପୁର,୩।୧୨

ବିରାଟ କୋହଲି ଓ ଋତୁରାଜ ଗାଏକ୍ୱାଡଙ୍କ ଶତକ ଏବଂ ୩୫୯ ରନର ବିଶାଳ ଟାର୍ଗେଟ ଛିଡ଼ା କରିବା ପରେ ମଧ୍ୟ ଭାରତୀୟ ଦଳ ୪ ଉଇକେଟରେ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହୋଇଛି। ଭାରତ ଦ୍ୱାରା ପ୍ରଦତ୍ତ ୩୫୯ ରନର ଟାର୍ଗେଟକୁ ଦ. ଆଫ୍ରିକା ୪୯.୨ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହା ଭାରତ ବିପକ୍ଷରେ ଯେକୌଣସି ଦଳ ପାଇଁ ସବୁଠୁ ସଫଳ ରନ ଚେଜ। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ୧-୧ର ବରାବର ସ୍ଥିତିରେ ପହଞ୍ଚିଛି। ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ଆସନ୍ତା ୬ ତାରିଖରେ ବିଶାଖାପାଟଣାରେ ଖେଳାଯିବ।

## କୋହଲି, ଋତୁରାଜଙ୍କ ଶତକ ନିଷ୍ପ୍ରଭ

ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ପ୍ରଥମ ପାୱାରପ୍ଲେ ମଧ୍ୟରେ ୬୨ ରନରେ ଦୁଇ ଓପନର ରୋହିତ ଶର୍ମା (୧୪) ଓ ଯଶସ୍ୱୀ ଜୟସ୍ୱାଲ (୨୨ ରନ, ୨ ଚୌକା ଓ ୧ ଛକା)ଙ୍କ ଉଇକେଟ ହରାଇଥିଲା। ଚତୁର୍ଥ କ୍ରମରେ ବ୍ୟାଟିଂ ଆସିଥିବା ଋତୁରାଜ ପ୍ରଥମ ବଲରେ ଜୀବନ ଦାନ ପାଇଥିଲେ। ମାର୍କୋ ଜାନସେନଙ୍କ ଏକ ବାଉନ୍ସର ତାଙ୍କ ଗ୍ଲୋଭ୍ସରେ ବାଜି ଉଇକେଟକିପର କ୍ୱିଣ୍ଟନ ଡି କକ୍‌ଙ୍କ ମୁଣ୍ଡ ଉପରେ ଚାଲିଯାଇଥିଲା। ଏହାପରେ କୋହଲି ଓ ଗାଏକ୍ୱାଡ ଖୁବ ଦେଖି ଚାହିଁ ଓ ଷ୍ଟ୍ରାଇକ୍ ରୋଟେଟ୍ କରି ଖେଳିଥିଲେ।



ଶତକୀୟ ପାଳି ଅବସରରେ ଏଡେନ ମାରକ୍ରାମ।

ଉଭୟ ବ୍ୟାଟର ତୃତୀୟ ଉଇକେଟରେ ୧୯୫ ରନ ଯୋଡ଼ି ଦଳକୁ ମଜଭୁତ ସ୍ଥିତିରେ ପହଞ୍ଚାଇ ଥିଲେ। କ୍ୟାରିୟରର ଅଷ୍ଟମ ଦିନିକିଆ ମ୍ୟାଚ୍‌ରେ ଗାଏକ୍ୱାଡ ୮୩ ବଲରେ ୧୦୫ ରନର ଇନିଂସ ଖେଳି ଆଉଟ୍ ହୋଇଥିଲେ। ତାଙ୍କ କ୍ୟାରିୟରର ପ୍ରଥମ ଶତକୀୟ ଇନିଂସରେ ୧୨ ଚୌକା ଓ ୨ ଛକା ସାମିଲ ଥିଲା। ତାଙ୍କ ପରେ ୧୦୨ (୭ ଚୌକା ଓ ୨ ଛକା) ରନର ପାଳି ଖେଳି କୋହଲି ପାଭିଲିଅନ ଫେରିଥିଲେ। ଏହା ଦିନିକିଆରେ ତାଙ୍କର ୫୩ତମ ଓ ମୋଟ ଉପରେ ୮୪ତମ ଅନ୍ତର୍ଜାତୀୟ ଶତକ। କିନ୍ତୁ ଦୁଇ ସେଟ୍ ବ୍ୟାଟର ଆଉଟ୍ ହେବା ପରେ ଭାରତୀୟ ଦଳ ଦ୍ରୁତ ଗତିରେ ରନ କରିପାରି ନ ଥିଲା। ଶେଷ ଆଡ଼କୁ ଅଧିନାୟକ ରାହୁଲ ଓ ରବୀନ୍ଦ୍ର ଜାଡେଜା ଅନ୍ତିମ ୯ ଓଭରରେ ୬୯ ରନ ଯୋଡ଼ିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ ହରାଇ ୩୫୮ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ ରାହୁଲ ୪୨ ବଲରେ ୬୬ (୬ ଚୌକା ଓ ୨ ଛକା) ଓ ଜାଡେଜା ୨୭ (୨ ଚୌକା) ରନ କରି ଅପରାଜିତ ରହିଥିଲେ। ଜବାବରେ ଦ. ଆଫ୍ରିକା ଶେଷ ଓଭର ପର୍ଯ୍ୟନ୍ତ ଖେଳି ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପାଇଁ ଏଡେନ ମାରକ୍ରାମ ସର୍ବାଧିକ ୧୧୦ (୧୦ ଚୌକା ଓ ୪ ଛକା) ରନର ଶତକୀୟ ପାଳି ଖେଳିଥିବା ବେଳେ ମାଥ୍ୟୁ ବ୍ରିଜକେ ୬୮ (୫ ଚୌକା), ଡେୱାଲ୍ଡ ବ୍ରେଭିସ ୫୪ (୧ ଚୌକା ଓ ୫ ଛକା) ଓ ଅଧିନାୟକ ଟେମ୍ବା ବଭୁମା ୪୬ (୩ ଚୌକା ଓ ୧ ଛକା) ରନ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂ ଓ ପ୍ରସିଦ୍ଧ କ୍ରିଷ୍ଣା ୨ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୫୦ ଓଭରରେ ୩୫୮/୫(ଋତୁରାଜ ଗାଏକ୍ୱାଡ-୧୦୫, ବିରାଟ କୋହଲି-୧୦୨, ଲୋକେଶ ରାହୁଲ-୬୬*, ମାର୍କୋ ଜାନସେନ-୨/୬୩)। ଦକ୍ଷିଣ ଆଫ୍ରିକା: ୪୯.୨ ଓଭରରେ ୩୬୨/୬ (ଏଡେନ ମାରକ୍ରାମ-୧୧୦, ମାଥ୍ୟୁ ବ୍ରିଜକେ-୬୮, ଡେୱାଲ୍ଡ ବ୍ରେଭିସ-୫୪, ଅର୍ଶଦୀପ ସିଂ-୨/୫୪, ପ୍ରସିଦ୍ଧ କ୍ରିଷ୍ଣା-୨/୮୨)।




ଟି୨୦ ବିଶ୍ୱକପ୍ ଲାଗି ତିଲକ ବର୍ମା ଓ ରୋହିତ ଶର୍ମା ଭାରତୀୟ ଦଳର ଜର୍ସି ଉନ୍ମୋଚନ କରୁଛନ୍ତି।

# ଦଳକୁ ଫେରିଲେ ଗିଲ୍, ହାର୍ଦ୍ଦିକ

ମୁମ୍ବାଇ,୩।୧୨(ପି.ଟି.)

## ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍

ଆସନ୍ତା ୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ୍ ଲାଗି ବୁଧବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଆହତ ସମସ୍ୟାରୁ ରିକଭର କରିବା ପରେ ଓପନର ଶୁବମନ ଗିଲ୍ ଓ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଦଳକୁ ଫେରିଛନ୍ତି। ସିରିଜ୍‌ର ପ୍ରଥମ ମ୍ୟାଚ୍ କଟକର ବାରବାଟୀ ଷ୍ଟାଡିୟମରେ ଖେଳାଯିବ।

ବେକଜନିତ ସମସ୍ୟା କାରଣରୁ ଗିଲ୍ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ଓ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଥିଲେ। ସେ ରିକଭର କରିବା ପରେ ତାଙ୍କୁ ଦଳରେ ଉପଅଧିନାୟକ ଭାବେ ସାମିଲ କରାଯାଇଛି। ସେହିଭଳି ଅଲ୍‌ରାଉଣ୍ଡର ହାର୍ଦ୍ଦିକ ଏସିଆ କପ୍ ଫାଇନାଲ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଦୂରେଇ ରହିଛନ୍ତି। ସେ ନିକଟରେ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ ଜରିଆରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍‌କୁ ଫେରିଥିଲେ। ଏହି ସିରିଜ୍ ଲାଗି ବୁଧବାର ଚୟନ କମିଟି ବୈଠକ ବସିଥିଲା। ସିରିଜ୍‌ର ପ୍ରଥମ ମ୍ୟାଚ୍ କଟକରେ ଖେଳାଯିବାକୁ ଥିବା ବେଳେ ଦ୍ୱିତୀୟ ଚଣ୍ଡିଗଡ଼ (୧୧), ତୃତୀୟ ଧର୍ମଶାଳା (୧୪), ଚତୁର୍ଥ ଲକ୍ଷ୍ନୌ (୧୭) ଓ ପଞ୍ଚମ ତଥା ଅନ୍ତିମ ଅହମଦାବାଦ (୧୯)ଠାରେ ଖେଳାଯିବ। **ଭାରତୀୟ ଟି୨୦ ଦଳ:** ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ଶୁବମନ ଗିଲ୍(ଉପ ଅଧିନାୟକ), ଅଭିଷେକ ଶର୍ମା, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିଭମ୍ ଦୁବେ, ଅକ୍ଷର ପଟେଲ, ଜୀତେଶ ଶର୍ମା ଓ ସଞ୍ଜୁ ସାମ୍‌ସନ(ଦୁହେଁ ଉଇକେଟ୍‌କିପର), ଯଶପ୍ରୀତ ବୁମ୍‌ରା, ବରୁନ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂ, କୁଲଦୀପ ଯାଦବ, ହର୍ଷିତ୍ ରାଣା ଏବଂ ୱାଶିଂଟନ ସୁନ୍ଦର।

# ମୋହିତ ଶର୍ମାଙ୍କ ଅବସର

ନୂଆଦିଲ୍ଲୀ,୩।୧୨(ପି.ଟି.)

ଭେଟେରାନ ଭାରତୀୟ ପେସର ମୋହିତ ଶର୍ମା ବୁଧବାର କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଏଥିସହିତ ତାଙ୍କର ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ଲମ୍ବା ଆଇପିଏଲ କ୍ୟାରିୟର ମଧ୍ୟ ଶେଷ ହୋଇଛି। ୩୭ ବର୍ଷୀୟ ପେସର ଟିମ ଇଣ୍ଡିଆ ପାଇଁ ଅନ୍ତର୍ଜାତୀୟ ସ୍ତରରେ ୨୬ ଦିନିକିଆ ଓ ୮ଟି୨୦ ମ୍ୟାଚ୍ ଖେଳିଥିଲେ। ଆଜି ଦୁଃଖର ସହିତ ମୁଁ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରୁଛି। ହରିୟାଣା ପାଇଁ ପ୍ରତିନିଧିତ୍ୱ କରିବାଠାରୁ ଭାରତୀୟ ଜର୍ସି ପିନ୍ଧିବା ଓ ଆଇପିଏଲରେ ଖେଳିବା ପର୍ଯ୍ୟନ୍ତ ଏହି ଯାତ୍ରା କୌଣସି ବରଦାନଠାରୁ କମ୍ ନ ଥିଲା। ମୋର ପୂରା କ୍ୟାରିୟରରେ ମେରୁଦଣ୍ଡ ଭଳି ମୋ ସହ ଛିଡ଼ା ହେବା ପାଇଁ ହରିୟାଣା କ୍ରିକେଟ ଆସୋସିଏଶନକୁ ଧନ୍ୟବାଦ ବୋଲି ମୋହିତ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ୨୦୧୩ରେ ଭାରତ ପାଇଁ ପଦାର୍ପଣ କରିଥିବା



ମୋହିତ ୨୬ ଦିନିକିଆରେ ୩୫ ଓ ୮ ଟି୨୦ରେ ୬ ଉଇକେଟ ନେଇଥିଲେ। ୨୦୧୫ ଦିନିକିଆ ବିଶ୍ୱକପ୍ ଦଳର ସଦସ୍ୟ ଥିଲେ ପରେ ସେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଡେଥ ଓଭର ସ୍ପେଶାଲିଷ୍ଟ ପାଲଟି ଯାଇଥିଲେ।

## କୋହଲିଙ୍କ ରେକର୍ଡ

**ରାୟପୁର,୩।୧୨:** ଭାରତୀୟ ବ୍ୟାଟିଂ ଷ୍ଟାର୍ ବିରାଟ କୋହଲି ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ଶତକ ହାସଲ କରିବା ସହ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଲଗାତର ୨ ମ୍ୟାଚ୍‌ରେ ଦୁଇ ଶତକ ସହ ସେ ଦୀର୍ଘବର୍ଷ ପରେ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଫର୍ମକୁ ଫେରିଥିବା ସୂଚନା ଦେଇଛନ୍ତି। ୩୭ ବର୍ଷୀୟ କୋହଲି ଦ୍ୱିତୀୟ ମ୍ୟାଚ୍‌ରେ ୭ ଚୌକା ଓ ୨ ଛକା ସହାୟତାରେ ୧୦୨ ରନ୍ କରିଥିଲେ। ଏଥିସହିତ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ୍‌ରେ ସର୍ବାଧିକ ୧୧ଥର କ୍ରମାଗତ ଦୁଇ ମ୍ୟାଚ୍‌ରେ ଶତକ ମାରିବାରେ ରେକର୍ଡ କରିଛନ୍ତି। ଏହି ଫର୍ମାଟ୍‌ରେ ତାଙ୍କ ବ୍ୟତୀତ ବିଶ୍ୱରେ ଅନ୍ୟ କୌଣସି ଖେଳାଳି ଏତେସଂଖ୍ୟକ ଲଗାତର ମ୍ୟାଚ୍‌ରେ ଶତକ ହାସଲ କରିନାହାନ୍ତି। ଏଥିପୂର୍ବରୁ ସେ ରାଞ୍ଚିଠାରେ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ୧୨୦ ବଲ୍‌ରେ ୧୩୫ ରନ୍ କରିଥିଲେ। ଏତଦ୍‌ବ୍ୟତୀତ କୋହଲି ବିଶ୍ୱର ଭିନ୍ନ ଭିନ୍ନ ୩୪ଟି ଗ୍ରାଉଣ୍ଡରେ ଦିନିକିଆ ଶତକ ହାସଲ କରିଛନ୍ତି, ଯାହାକି ସର୍ବାଧିକ।

# ୨୦ କି.ମି. ଦଳଗତ ବାଳିକା ବର୍ଗରେ ଓଡ଼ିଶାକୁ ବ୍ରୋଞ୍ଜ

ସମ୍ବଲପୁର,୩।୧୨(ପ୍ରମୋଦ ବହିଦାର)

ସମ୍ବଲପୁରରେ ମଙ୍ଗଳବାର ଆରମ୍ଭ ହୋଇଥିବା ୩୦ତମ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍-୨୦୨୫ର ଦ୍ୱିତୀୟ ଦିନ ବୁଧବାର ଉଭୟ ବ୍ୟକ୍ତିଗତ ଓ ଦଳୀୟ ଟାଇମ୍ ଟ୍ରାୟଲ ଏବଂ ରିଲେ ରେସ୍ ଅନୁଷ୍ଠିତ ହୋଇଥିଲା। ସେଥିମଧ୍ୟରେ ମିଶ୍ରିତ ଏଲିଟ୍ ରିଲେ ରେସ୍ ସହିତ ବ୍ୟକ୍ତିଗତ ଜୁନିୟର ମହିଳା ଓ ପୁରୁଷ ବର୍ଗ, ଦଳଗତ ଜୁନିୟର ବାଳିକା ଓ ବାଳକ ବର୍ଗ ତଥା ଦଳୀୟ ସବ୍‌ଜୁନିୟର ବାଳିକା ଓ ବାଳକ ବର୍ଗରେ

## ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍

ଟାଇମ୍ ଟ୍ରାୟଲ ରେସ୍ ଅନୁଷ୍ଠିତ ହୋଇଥିଲା।

୬୦ କିଲୋମିଟର ମିଶ୍ରିତ ଏଲିଟ୍ ରେସ୍‌ରେ ରେଳବାଇ ଦଳ ସ୍ୱର୍ଣ୍ଣ, ରାଜସ୍ଥାନ ଦଳ ରୌପ୍ୟ ଓ ମହାରାଷ୍ଟ୍ର ଦଳ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ସେହିପରି ୨୦ କିଲୋମିଟର ଟ୍ରାୟାଲ୍ ରେସ୍ ବ୍ୟକ୍ତିଗତ ଜୁନିୟର ବାଳିକା ବର୍ଗରେ ରାଜସ୍ଥାନର ଅଞ୍ଜଳି ଜଖର ସ୍ୱର୍ଣ୍ଣ, ହରିୟାଣାର ଶୋଭା ରୌପ୍ୟ, ମହାରାଷ୍ଟ୍ରର ଜୁଇ ନାରକର ବ୍ରୋଞ୍ଜ ପଦକ



ପଦକ ବିଜୟୀ ଓଡ଼ିଶା ଦଳ।

ହାସଲ କରିଛନ୍ତି। ୩୦ କିଲୋମିଟର ବ୍ୟକ୍ତିଗତ ଜୁନିୟର ବାଳକ ଟାଇମ୍ ଟ୍ରାୟାଲ୍ ରେସ୍‌ରେ ହରିୟାଣାର ମନିଶ ନେହେରା ସ୍ୱର୍ଣ୍ଣ, କର୍ଣ୍ଣାଟକର ଶ୍ରୀନିବାସ ରାଜପୁତ ରୌପ୍ୟ ଏବଂ ରାଜସ୍ଥାନର ରାଧାକିଷନ ହୁଡ୍ଡା ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ୨୦କିଲୋମିଟର ଦଳଗତ ଜୁନିୟର ବାଳକ ବର୍ଗ ଟ୍ରାୟାଲ୍ ରେସ୍‌ରେ ହରିୟାଣା ଦଳ ସ୍ୱର୍ଣ୍ଣ, ରାଜସ୍ଥାନ ଦଳ ରୌପ୍ୟ ଓ ତାମିଲନାଡୁ ଦଳ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ୨୦ କିଲୋମିଟର ଦଳଗତ କନିଷ୍ଠ ବାଳିକା ଟାଇମ୍ ଟ୍ରାୟାଲ ରେସ୍‌ରେ ରାଜସ୍ଥାନ ଦଳ ସ୍ୱର୍ଣ୍ଣ, ହରିୟାଣା ଦଳ ରୌପ୍ୟ ଓ ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୩୦କିଲୋମିଟର ଟାଇମ୍ ଟ୍ରାୟଲ ରେସ୍ ଦଳଗତ ସବ୍‌ଜୁନିୟର ବାଳକ ବର୍ଗରେ ରାଜସ୍ଥାନ, କର୍ଣ୍ଣାଟକ ଓ ହରିୟାଣା ଦଳ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ୨୦ କିଲୋମିଟର ଦଳଗତ ସର୍ବକନିଷ୍ଠ ବାଳିକା ଟାଇମ୍ ଟ୍ରାୟାଲ୍ ରେସ୍‌ରେ ମହାରାଷ୍ଟ୍ର, ରାଜସ୍ଥାନ ଓ ମଣିପୁର ଦଳ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦ କିଲୋମିଟର ଦଳଗତ ଜୁନିୟର ବାଳିକା ଟାଇମ୍ ଟ୍ରାୟଲ ରେସ୍‌ରେ ୩୪.୩୯ ମିନିଟ୍ ସମୟ ନେଇ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିବା ଓଡ଼ିଶା ଦଳକୁ ସ୍ନେହା ଦାସ, ସସ୍ମିତା ପଣ୍ଡା ଓ ପୂର୍ବାୟୀ ମହାନ୍ତି ପ୍ରତିନିଧିତ୍ୱ କରିଥିଲେ।

# କିଟ୍ ମହିଳା ହକି ଦଳକୁ ସ୍ୱର୍ଣ୍ଣ



ଚାମ୍ପିୟନ କିଟ୍ ମହିଳା ହକି ଦଳ।

ଭୁବନେଶ୍ୱର,୩।୧୨(ଅନାଦି କର)

ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ (କେଆଇୟୁଜି) ପ୍ରତିଯୋଗିତାରେ କିଟ୍-କିସ ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଛି। ସେହିଭଳି କିଟ୍ ପୁରୁଷ ଟେନିସ ଦଳ ଫାଇନାଲରେ ପ୍ରବେଶ

## ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ

କରି ଅତିକମ୍‌ରେ ରୌପ୍ୟ ପଦକ ନିଶ୍ଚିତ କରିଛି। ଏପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ କିଟ୍ ୟୁନିଭରସିଟି ୧୬ ପଦକ ଜିତିଛି। ପଦକ ତାଲିକାରେ ୬ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୮ ବ୍ରୋଞ୍ଜ ପଦକ ରହିଛି।

ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ କିଟ୍ ୧-୦ ଗୋଲରେ ଆଇଟିଏମ୍ ଗ୍ୱାଲିଅରକୁ ପରାସ୍ତ କରି ପୋଡ଼ିୟମରେ ଶୀର୍ଷ ସ୍ଥାନ ହାସଲ କରିଛି। ଦଳର ଏଭଳି ସଫଳତା ପାଇଁ କିଟ୍ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦଳୀୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପୁରୁଷ ଟେନିସ ବିଭାଗରେ କିଟ୍ ସେମିଫାଇନାଲରେ ଭରଥିଆର ୟୁନିଭରସିଟକୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଛି। ଗୁରୁବାର ଖେଳାଯିବାକୁ ଥିବା ଫାଇନାଲରେ କିଟ୍ ଜୟପୁରର ମନିପାଲ ୟୁନିଭରସିଟିକୁ ଭେଟିବ। ସେହିଭଳି ଟ୍ରାକ ଇଭେଣ୍ଟରେ ମଧ୍ୟ କିଟ୍ ଆଥଲେଟ୍ସ ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରଖି ଅଭୟ ସିଂ ପୁରୁଷ ୨୦୦ ମି. ଫାଇନାଲରେ ରୌପ୍ୟ ପଦକ ଜିତିଛନ୍ତି।

# ଅନୁବନ୍ଧିତ ସଂସ୍ଥାକୁ ଟିକେଟ୍ ବିକ୍ରି ଆରମ୍ଭ

କଟକ,୩।୧୨ (ଶିଲ୍ପା ପ୍ରିୟଦର୍ଶିନୀ)

ବାରବାଟୀ ଟି୨୦ ମ୍ୟାଚ୍‌କୁ ଆଉ ମାତ୍ର ଦିନ କେଇଟା ଥିବାବେଳେ ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଷ୍ଟାଡିୟମରେ ଥିବା ଅସ୍ଥାୟୀ ଲାଉଞ୍ଜ୍ ଯଥା ବିସିସିଆଇ ବକ୍ସ, ଓସିଏ ବକ୍ସ, ଅଲିମ୍ପିକ୍ସ ବକ୍ସଗୁଡ଼ିକର ଯାଞ୍ଚ କରାଯାଇଛି। ରାଜ୍ୟ ସରକାରଙ୍କ ଆର୍ ଆଣ୍ଡ୍ ବି ବିଭାଗ କଟକର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟରଙ୍କ ୪ ଜଣିଆ ଟିମ୍ ପ୍ରଥମକରି ବୁଧବାର ଏହାର ଯାଞ୍ଚ କରିଛି। ଏହି ଲାଉଞ୍ଜ୍‌ଗୁଡ଼ିକ ଲୁହା ଓ କାଠରେ ତିଆରି କରାଯାଇଥିବାବେଳେ ମ୍ୟାଚ୍ ସମୟରେ ଏହା କେତେ ସୁରକ୍ଷିତ ହେବ ତାହାକୁ ତନ୍ନତନ୍ନ କରି ଟିମ୍ ପରଖିଥିଲା। ସେହିପରି ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ବିଭାଗର ଏକ ଟିମ୍ ମଧ୍ୟ ବାରବାଟୀରେ ପହଞ୍ଚି ୧୮ଟି ୨୦୦ କେଭିଏର ନୂଆ, ୨ଟି ୨୫୦ କେଭିଏର ପୁରୁଣା ଓ ୯ଟି ୧୨୫ କେଭିଏର ପୁରୁଣା ଡିଜି, ୬ଟି ଟ୍ରାନ୍ସଫର୍ମର ଓ ଏସିଗୁଡ଼ିକର ଯାଞ୍ଚ କରିଥିଲା। ଉଭୟ ଟିମ୍ ଡିସେମ୍ବର ୫ରେ ପୁଣି ଥରେ ବାରବାଟୀ ଗସ୍ତକରି ଶେଷଥର ପାଇଁ କାର୍ଯ୍ୟର ଯାଞ୍ଚ କରିବା ସହ ଏହାର ଏକ ରିପୋର୍ଟ ଓଡ଼ିଶା କ୍ରିକେଟ



ଅନୁବନ୍ଧିତ ସଂସ୍ଥାକୁ ଟିକେଟ ପ୍ରଦାନ କରାଯାଉଛି।

ଆସୋସିଏଶନ(ଓସିଏ) ସମେତ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ ପ୍ରଦାନ କରିବ ବୋଲି ଓସିଏ କନ୍‌ସଲ୍‌ଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ବାରବାଟୀ ମ୍ୟାଚ୍ ପାଇଁ ବୁଧବାରଠାରୁ ଅନୁବନ୍ଧିତ ସଂସ୍ଥାଗୁଡ଼ିକୁ ଟିକେଟ ବିକ୍ରି ଆରମ୍ଭ କରାଯାଇଛି। ଏଥିପାଇଁ ଓସିଏ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଏବଂ ଓସିଏର ମିଳିତକ୍ରମେ ଏହି ଟିକେଟ୍ ବିକ୍ରି କରାଯାଇଛି। ଓସିଏ ଅନୁବନ୍ଧିତ ଥିବା ଜିଲା କ୍ରୀଡ଼ା ସଂଘ ତଥା ସ୍କୁଲ, କଲେଜ ଓ କ୍ଲବ୍ ଇତ୍ୟାଦିଙ୍କୁ ସେମାନଙ୍କ ଧାର୍ଯ୍ୟ କୋଟା ମୁତାବକ ଟିକେଟ୍ ବିକ୍ରି କରାଯାଇଛି। ଡିସେମ୍ବର ୩, ୪ ଅର୍ଥାତ୍ ବୁଧବାର ଓ ଗୁରୁବାର ଏହି ଦୁଇଦିନ ଧରି ଓସିଏ ସହ ଅନୁବନ୍ଧିତ ମୋଟ୍ ୭୩ଟି ସଂଗଠନକୁ ପାଖାପାଖି ୧୧,୦୦୦ ଟିକେଟ ବିକ୍ରି କରାଯିବ। ସେହିପରି ମ୍ୟାଚ୍‌କୁ ମାତ୍ର ୪ ଦିନ ବାକି ଥିବାବେଳେ ବାରବାଟୀରେ

## କାଉଣ୍ଟର ଟିକେଟ ବିକ୍ରି ପାଇଁ ଲୁହା ବାରିକେଡ୍

ପିଚ୍ କାମ ଜୋର୍‌ଦାର ଜାରି ରହିଛି। ବିସିସିଆଇ ଏବଂ ଓସିଏର ମୁଖ୍ୟ କ୍ୟୁରେଟର ଉପସ୍ଥିତ ରହି ଏହାର ଯାଞ୍ଚ କରୁଛନ୍ତି। ମ୍ୟାଚ୍ ପାଇଁ ବାରବାଟୀରେ ଅଫ୍‌ଲାଇନ ବା କାଉଣ୍ଟରରେ ଡିସେମ୍ବର ୫ ଓ ୬ ଦୁଇଦିନ ଭିତରେ ୧୦ ହଜାର ଟିକେଟ୍ ବିକ୍ରି କରାଯିବ। ଚଳିତବର୍ଷ ଟିକେଟ୍ ବିକ୍ରି ପାଇଁ ଲୁହା ବାରିକେଡ୍‌ର ବ୍ୟବସ୍ଥା କରାଯାଇଛି। ଏପରିକି ଲୁହା ବାରିକେଡ୍ ଖଞ୍ଜା କାମ ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ, ବାରବାଟୀରେ ଭାରତ ବିପକ୍ଷ ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍ ଡିସେମ୍ବର ୯ରେ ଅନୁଷ୍ଠିତ ହେବ। ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ ଏବଂ ଏହାର ୩ ଘଣ୍ଟା ପୂର୍ବରୁ ଷ୍ଟାଡିୟମକୁ ପ୍ରବେଶ ପ୍ରକ୍ରିୟା ଆରମ୍ଭ କରାଯିବ। ମ୍ୟାଚ୍ ପାଇଁ ୧ ଡିସେମ୍ବରରେ ୨୦୦୦ ଟିକେଟ୍ ଅନ୍‌ଲାଇନରେ ବିକ୍ରି କରାଯାଇଛି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ